

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୧୩ ଅଗଷ୍ଟ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 13 August 2026
Vol.No. 36 ■ No.212 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


## ଶାହ ଦେଲେ ଚ୍ୟାଲେଞ୍ଜ: 'ସବୁ ପ୍ରଶ୍ନର ଉତ୍ତର ଦେବି', ଶୁଣିବାକୁ ମନାକଲେ ରାହୁଲ



ନୂଆଦିଲ୍ଲୀ,୧୨/୮ : ସଂସଦରେ ମୌସୁମୀ ଅଧିବେଶନର ଶେଷ ପର୍ଯ୍ୟାୟରେ ବିରୋଧୀ ଏବଂ ଶାସକଙ୍କ ମଧ୍ୟ ରେ ଦେଶର ବିଭିନ୍ନ ସମସ୍ୟାକୁ ନେଇ ପରସ୍ପରକୁ କାଦୁଅ ଫିଙ୍ଗାନୀତି ଦେଖିବାକୁ ମିଳୁଛି । ଦିଲ୍ଲୀର ଜନ୍ତର ମନ୍ତରରେ ଛାତ୍ର ପ୍ରତିବାଦ ସମୟରେ ଲାଠିଚାର୍ଜ ଘଟଣାକୁ ନେଇ ବିରୋଧୀ ଦଳ ସରକାରଙ୍କୁ ଘେରିଥିବା ବେଳେ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ରାମ ମନ୍ଦିର ପ୍ରସଙ୍ଗରେ ମଧ୍ୟ ଆଲୋଚନା ଦାବି କରିଛନ୍ତି । କଂଗ୍ରେସ ମଧ୍ୟ ଏହି ଦାବିକୁ ସମର୍ଥନରେ କରିଥିଲା । ଏହି ମଧ୍ୟରେ ଗୃହମନ୍ତ୍ରୀ ଅମିତ ଶାହ ବିରୋଧୀଙ୍କୁ ପାଲଟା ଜବାବ ଦେଇ କହିଛନ୍ତି ଯେ, ସରକାର ଯେକୌଣସି ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ । ବିରୋଧୀ ଦଳ ଲିଖିତ ଭାବେ ଆଲୋଚନା ପାଇଁ ଜଣାଇଲେ, ସେ ସବୁ ପ୍ରଶ୍ନର ଉତ୍ତର ଦେବାକୁ ପ୍ରସ୍ତୁତ ବୋଲି ଶାହ କହିଛନ୍ତି । ଶାହ କହିଛନ୍ତି, 'ଆଜି ଅପରାହ୍ଣ ୩ଟାରୁ ଆସନ୍ତାକାଲି ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଆଲୋଚନା ପାଇଁ ଆମେ ପ୍ରସ୍ତୁତ । ବିରୋଧୀ ଦଳ ଅପରାହ୍ଣ ୨ଟା ସୁଦ୍ଧା ବାଚସ୍ପତି ଓମ୍ ବିର୍ଲାଙ୍କୁ ଚିଠି ଦେବା ଉଚିତ୍ ।' ଆଲୋଚନାରେ ସେ ବ୍ୟକ୍ତିଗତ ଭାବେ ଯୋଗଦେଇ ଆସନ୍ତାକାଲି ଅପରାହ୍ଣ ୩ଟାରେ ଉତ୍ତର ଦେବେ ବୋଲି ମଧ୍ୟ କହିଛନ୍ତି । ଏବେ ବିରୋଧୀ ଦଳ ନିଷ୍ପତ୍ତି ନେବ ଯେ ଆଲୋଚନା କରିବେ କି ହଙ୍ଗାମା କରିବେ । ସରକାରଙ୍କ ପାଖରେ ଲୁଚାଇବା ପାଇଁ କିଛି ନାହିଁ । ଆପଣ ଗୃହକୁ କାହିଁକି ଚଲାଇ ଦେଉନାହାନ୍ତି, ତାହା ମଧ୍ୟ ମୁଁ ଆଲୋଚନା କରିବି ।' କାହିଁକି ଅଚଳାବସ୍ଥା ସୃଷ୍ଟି ହେଲା ? ସୂଚନା ଯୋଗ୍ୟଯେ ଦିଲ୍ଲୀର ଜନ୍ତର ମନ୍ତରରେ ଛାତ୍ର ପ୍ରତିବାଦ ସମୟରେ ଲାଠିଚାର୍ଜ ହେବା ପରଠାରୁ ବିରୋଧୀ ଦଳ ସରକାରଙ୍କୁ ଆକ୍ରମଣ କରି ଅମିତ ଶାହଙ୍କଠାରୁ ଉତ୍ତର ମାଗୁଛନ୍ତି । ବିରୋଧୀଙ୍କ ହଙ୍ଗାମା ଯୋଗୁଁ ସଂସଦ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଅମିତ ଶାହଙ୍କ ବୟାନ ପରେ ତୁରନ୍ତ କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଥିଲେ ଯେ ଆମେ ଅମିତ ଶାହଙ୍କ ଭାଷଣରେ ଆଗ୍ରହୀ ନୁହଁ, ଆମେ ଜାଣିବାକୁ ଚାହୁଁଛୁ ଯେ ପିଲାମାନଙ୍କ ଉପରେ ଗୁଳିଚାଳନା କରିଥିଲା । ବିରୋଧୀଙ୍କୁ ଟାର୍ଗେଟ୍ କରିଥିଲେ ଅମିତ ଶାହ କହିଥିଲେ ଯେ ବିରୋଧୀ ଦଳ କେଉଁ କାରଣ ପାଇଁ ଚର୍ଚ୍ଚା କରିବାକୁ କାହିଁକି ଆଗ୍ରହୀ ନୁହଁନ୍ତି, ସେ ପ୍ରସଙ୍ଗରେ ମଧ୍ୟ ଚର୍ଚ୍ଚା କରିବି । ଭାରତୀୟ ଜନତା ପାର୍ଟି ସରକାର, ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱାଧୀନ ଏନଡିଏ ସରକାର, ସବୁକିଛି ଆଲୋଚନା କରିବାକୁ ପ୍ରସ୍ତୁତ । ହେଲେ ବିରୋଧୀ ଦଳ ସଂସଦରେ ହଟ୍ଟଗୋଳ ସୃଷ୍ଟି କରନ୍ତି ।

◆◆ପୃଷ୍ଠା ୭

## ୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ମାଡି ବସିଲା ଭିଜିଲାନ୍ସ

ଖଇରା, ୧୨/୮ (ନି.ପ୍ର): ଜଣେ ବ୍ୟକ୍ତିଙ୍କ ନିକଟରୁ ଜମି ନାମଜାରୀ କରିବାକୁ ୫ହଜାର ଟଙ୍କା ନେଉଥିବା ବେଳେ ତୁଡିଗଡିଆ ରାଜସ୍ୱ ନିରିକ୍ଷକ ଶରତ କୁମାର ସେଠୀଙ୍କୁ ବାଲେଶ୍ୱର ଭିଜିଲାନ୍ସ ଟିମ ମାଡିବସିବା ସହ ଏକ ମାମଲା(ଭିଜିଲାନ୍ସ କେଶ ନମ୍ବର ୧୫/୨୬)ରୁଜୁ କରି କୋର୍ଟ ଚାଲାଣ କରିଛନ୍ତି । ଡଗରପଡା ଓଗାଳପୁର ଗ୍ରାମର ସୁରେଶ କୁମାର ପଣ୍ଡାଙ୍କର ଏକ ନାମଜାରୀ ପାଇଁ ଦିନ ଗଡାଇ ଚାଲିଥିଲେ । ବୁଧବାର ୫ହଜାର ଟଙ୍କା ଦେଲେ କାମ ହେବ ବୋଲି କହିବା ପରେ ସୁରେଶ ଭିଜିଲାନ୍ସକୁ ଜଣାଇଥିଲେ । ପୂର୍ବ ପ୍ରସ୍ତୁତି ଅନୁଯାୟୀ ବୁଧବାର ପୂର୍ବାହ୍ନରେ ସୁରେଶଙ୍କ ନିକଟରୁ ରାଜସ୍ୱ ନିରିକ୍ଷକ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଟିମ ମାଡି ବସିଥିଲା ।

## ଖରିଫ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜିକରଣ: ଅଗଷ୍ଟ ୩୧ ଯାଏଁ ସୁଯୋଗ

ଭୁବନେଶ୍ୱର, ୧୨/୮ (ନି.ପ୍ର): ଖରିଫ ଧାନ ସଂଗ୍ରହ ଋତୁ ୨୦୨୬-୨୭ ପାଇଁ ଚାଷୀ ପଞ୍ଜିକରଣ ପ୍ରକ୍ରିୟା ଜାରି ରହିଛି । ପଞ୍ଜିକରଣ ପ୍ରକ୍ରିୟାକୁ ସ୍ୱଚ୍ଛ, ସହଜ ଓ ସରଳ କରିବାକୁ ସରକାର ପକ୍ଷରୁ ବିଭିନ୍ନ ବ୍ୟବସ୍ଥା କରାଯାଇଛି । ଅଗଷ୍ଟ ୬ରୁ ଆରମ୍ଭ ହୋଇଥିବା ପଞ୍ଜିକରଣ ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଏବେ ସୁଦ୍ଧା ପ୍ରାୟ ୮୫ ହଜାର ଚାଷୀ ପଞ୍ଜିକରଣ କରିସାରିଲେଣି । ଚାଷୀମାନେ ପ୍ରାଥମିକ କୃଷି ସମବାୟ ସମିତି , ବୃହତ୍ ଆଦିବାସୀ ବହୁମୁଖୀ ସମବାୟ ସମିତି ଓ ପାଣି ପଞ୍ଚାୟତରେ ବିନା ଶୁଳ୍କରେ ପଞ୍ଜିକରଣ କରିପାରିବେ । ଏଥିପାଇଁ ଆଧାର କାର୍ଡ, ବ୍ୟାଙ୍କ ପାସବୁକ୍, ଜମି ରେକର୍ଡ ଏବଂ ଆବଶ୍ୟକ ସ୍ଥଳେ ଜମି ମାଲିକଙ୍କ ସମ୍ମତିପତ୍ର ଦାଖଲ କରିବାକୁ ପଡ଼ିବ । ପଞ୍ଜିକରଣ ସମୟରେ ଚାଷୀଙ୍କ ଆଧାର ନମ୍ବର ଓ ମୋବାଇଲ୍ ନମ୍ବର ପି-ପାସ୍‌ରେ ଦାଖଲ କରାଯିବ । ଏହାସହ ସୋସାଇଟି ପକ୍ଷରୁ ଆଇରିସ୍ ସ୍କାନର ମାଧ୍ୟମରେ ଇ-କେୱାଇସି କରାଯାଇ ପଞ୍ଜିକରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ । ଭାଗଚାଷୀଙ୍କ ପାଇଁ ମଧ୍ୟ ରହିଛି ସ୍ୱତନ୍ତ୍ର ବ୍ୟବସ୍ଥା ।

## ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ: ୧୦ଟି ପ୍ରସ୍ତାବକୁ ମିଳିଲା ମଞ୍ଜୁରୀ



ଭୁବନେଶ୍ୱର, ୧୨/୮ (ନି.ପ୍ର): ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ସଫଳତାର ସହ ଶେଷ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଏହି ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟର ବିକାଶ ଓ ଜନକଲ୍ୟାଣକୁ ଆଖିଆଗରେ ରଖି ୬ଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ମୋଟ ୧୦ଟି ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର ମାରିଛି । ବୈଠକ ଶେଷ ହେବା ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ ଏହି ନିଷ୍ପତ୍ତି ସମ୍ପର୍କରେ ଆନୁଷ୍ଠାନିକ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ସାଧାରଣ ଜନତାଙ୍କୁ ସୁବିଧା ଯୋଗାଇବା, ସରକାରୀ ଯୋଜନାଗୁଡ଼ିକର ସୁପରିଚାଳନା ଏବଂ ରାଜ୍ୟର ଭିତ୍ତିଭୂମିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଏହି ନିଷ୍ପତ୍ତିଗୁଡ଼ିକ ନିଆଯାଇଛି । ପାରିତ ହୋଇଥିବା ପ୍ରସ୍ତାବଗୁଡ଼ିକ ମଧ୍ୟରେ କୃଷି, ଭିତ୍ତିଭୂମି, ନିଯୁକ୍ତି ଏବଂ ବିଭିନ୍ନ ବିଭାଗୀୟ ନିୟମାବଳୀର ସଂଶୋଧନ ଭଳି ଜନହିତକର ବିଷୟ ରହିଛି । ସରକାରଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଆଗାମୀ ଦିନରେ ରାଜ୍ୟର ବିକାଶ ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି ।

## ଓଡ଼ିଶା ଡିଜିପି ଚୟନ: ଆଜି ପୂର୍ବାହ୍ନରେ ସୁପ୍ରିମକୋର୍ଟରେ ଶୁଣାଣି, ଅପରାହ୍ନରେ ୟୁପିଏସସି ବୈଠକ, ତାଲିକା ପଠାଇଲା ରାଜ୍ୟ



ଭୁବନେଶ୍ୱର, ୧୨/୮ (ନି.ପ୍ର): ରାଜ୍ୟର ପରବର୍ତ୍ତୀ ପୁଲିସ ମୁଖିଆ(ଡିଜିପି) ଚୟନ ପ୍ରକ୍ରିୟାକୁ ନେଇ ବିବାଦ ମଧ୍ୟରେ ଆଜି ରାଜ୍ୟ ସରକାର ନିଜର ସାନି ସଂଶୋଧିତ ତାଲିକା ପଠାଇଛନ୍ତି । ଆସନ୍ତାକାଲି ପୂର୍ବାହ୍ନରେ ସୁପ୍ରିମକୋର୍ଟରେ ଏହି ମାମଲାର ଶୁଣାଣି ହେବାକୁ ଥିବାବେଳେ ଅପରାହ୍ନରେ ୟୁପିଏସସି ଚୟନ କମିଟି ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି । ସୁପ୍ରିମକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶକୁ ଅଣଦେଖା କରି ଓଡ଼ିଶା ସରକାର ଅଯୋଗ୍ୟ ଅଫିସରଙ୍କୁ ସୁପାରିଶ ପ୍ୟାନେଲରେ ସାମିଲ ପାଇଁ ଉଦ୍ୟମ କରୁଥିବା ଅଭିଯୋଗରେ ବାଲେଶ୍ୱରର ଜୟନ୍ତ ଦାସଙ୍କ ଦ୍ୱାରା ଦାଏର ଜନସ୍ୱାର୍ଥ ମାମଲାର ଆଜି ଶୁଣାଣି ସୁପ୍ରିମକୋର୍ଟରେ ହୋଇ ପାରିନଥିବା ବେଳେ ରାଜ୍ୟ ସରକାର ପଠାଇଥିବା ସାନି ତାଲିକା ଓ ସୁପ୍ରିମକୋର୍ଟଙ୍କ ରାୟ ଉପରେ ଓଡ଼ିଶା ପୁଲିସର ନୂଆ ଡିଜି ଚୟନ ନିର୍ଭର କରୁଛି । ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟ ସରକାର ନୂଆ ପୁଲିସ ମୁଖିଆ(ଡିଜିପି) ଚୟନ ନିମନ୍ତେ ସଂଶୋଧିତ ତାଲିକାକୁ ସ୍ୱତନ୍ତ୍ର ଦୂତ ମାଧ୍ୟମରେ ୟୁପିଏସସିଙ୍କ ପାଖକୁ ପଠାଇଛନ୍ତି । ସେ ଏହି ତାଲିକାକୁ ଆସନ୍ତାକାଲି ପୂର୍ବାହ୍ନରେ ଦାଖଲ କରିବା ପରେ ଅପରାହ୍ନ ସାଢ଼େ ୫ଟାରେ ୟୁପିଏସସି ଅଧ୍ୟକ୍ଷ ଅଜୟ କୁମାରଙ୍କ ଅଧ୍ୟକ୍ଷତାରେ ଚୟନ କମିଟି ବୈଠକ ଅନୁଷ୍ଠିତ ହେବ । ଏହି ବୈଠକରେ ଯୋଗ ଦେବା ପାଇଁ ଆସନ୍ତାକାଲି ପୂର୍ବାହ୍ନରେ ମୁଖ୍ୟ ସଚିବ ଅନୁ ଗର୍ଗ ଓ ପୁଲିସ ଡିଜି ୱାଇବି ଖୁରାନିଆ ନୂଆଦିଲ୍ଲୀ ଗସ୍ତ କରିବେ । ରାଜ୍ୟ ସରକାରଙ୍କ ସଂଶୋଧିତ ତାଲିକାରେ କୌଣସି ଅଫିସରଙ୍କୁ ବାଦ୍ ଦିଆଯାଇନଥିବା ଜଣାପଡ଼ିଛି । ରାଜ୍ୟ ସରକାର କେବଳ ସଂଶୋଧିତ ତାଲିକାରେ ସୋମବାର ଡିଜି ପାହ୍ୟାକୁ ପଦୋନ୍ନତି ଦେଇଥିବା ୧୯୯୪ ବ୍ୟାଚର ଆଇପିଏସ୍ ସଞ୍ଜିବ କୁମାର ପଣ୍ଡା ଓ

◆◆ପୃଷ୍ଠା ୭

## ଶ୍ରୀଜିଉଙ୍କ ମସ୍ତକରେ ଚହଟିଲା ଚିତା: ପାଳିତ ହେଲା ଚିତାଲାଗି ଅମାବାସ୍ୟା



ଭୁବନେଶ୍ୱର, ୧୨/୮ (ନି.ପ୍ର): ଶ୍ରୀମନ୍ଦିରରେ ଭକ୍ତି ଓ ପରମ୍ପରାର ସହ ପାଳିତ ହୋଇଛି ପବିତ୍ର ଚିତାଲାଗି ଅମାବାସ୍ୟା । ଏହି ଅବସରରେ ରତ୍ନବେଦୀରେ ଶ୍ରୀଜିଉଙ୍କୁ ବହୁମୂଲ୍ୟ ରତ୍ନଖଚିତ ଚିତା ଲାଗି କରାଯାଇଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମସ୍ତକରେ ହୀରା, ବଡ଼ଠାକୁର ବଳଭଦ୍ରଙ୍କ ମସ୍ତକରେ ନୀଳା ଏବଂ ଦେବୀ ସୁଭଦ୍ରାଙ୍କ ମସ୍ତକରେ ମାଣିକ୍ୟ ଖଚିତ ଚିତା ଶୋଭା ପାଇଛି । ଚିତାଲାଗି ନୀତି ଶ୍ରୀମନ୍ଦିରର ଏକ ଅତ୍ୟନ୍ତ ଗୋପନୀୟ ନୀତି । ଏହି ଗୁପ୍ତ ନୀତି ସମ୍ପାଦନ ପାଇଁ ଅପରାହ୍ନ ୨ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସାଧାରଣ ଦର୍ଶନ ବନ୍ଦ ରହିଥିଲା । ସ୍ନାନପୂର୍ଣ୍ଣିମା ପରେ ଶ୍ରୀଜିଉମାନେ ଅଣସର ଘରକୁ ବିଜେ କରିବା ସମୟରେ ଚିତା ଓ ରାହୁରେଖା ଭଣ୍ଡାର ଘରେ ସୁରକ୍ଷିତ ରହିଥାଏ । ଶ୍ରାବଣ ଅମାବାସ୍ୟା ତିଥିରେ ସେହି ଚିତାକୁ ମହାପ୍ରଭୁମାନଙ୍କୁ ଲାଗି କରାଯାଇଥାଏ । ଏହି ଅବସରରେ ହଳଦିଆ ରଙ୍ଗର ବାସୁଙ୍ଗା ପାଟରେ ଶ୍ରୀଜଗନ୍ନାଥ ମନମୋହିଛନ୍ତି । ରତ୍ନଖଚିତ ଚିତାରେ ଶ୍ରୀଜିଉଙ୍କ ଦିବ୍ୟ ରୂପ ଆହୁରି ଆକର୍ଷଣୀୟ ହୋଇଥିଲା । ଗୁପ୍ତ ନୀତି ପରେ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନର ସୁଯୋଗ ପାଇଥିଲେ ।

◆◆ପୃଷ୍ଠା ୭

## ଗୋଟିଏ ଦିନରେ କଟିଲା ୧୦,୯୮୮ଟି ଇ-ଚାଲାଣ

ଭୁବନେଶ୍ୱର, ୧୨/୮ (ନି.ପ୍ର): ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ରାଜ୍ୟ ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ନେଉଛନ୍ତି । ଏହି କ୍ରମରେ ଗତକାଲି ଅର୍ଥାତ୍ ଅଗଷ୍ଟ ୧୧ ତାରିଖରେ ନିୟମ ଖିଲାଫ କରିବା ଅଭିଯୋଗରେ ୧୦,୯୮୮ଟି ଇ-ଚାଲାଣ କଟାଯିବା ସହ ୨୮ଟି ଗାଡ଼ି ଜବତ କରାଯାଇଛି ।

## ଘରୁ ପୁଳାପୁଳା ଟଙ୍କା ମିଳିବା ଘଟଣା: ପୂର୍ବତନ ବିଚାରପତି ଯଶବନ୍ତ ବର୍ମାଙ୍କୁ ଦୋଷୀ ବିବେଚନା କଲା ଗୃହ କମିଟି




ନୂଆଦିଲ୍ଲୀ,୧୨/୮ : ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଯଶବନ୍ତ ବର୍ମାଙ୍କ ସବୁ ଖେଳ ଶେଷ । ଘରୁ ପୁଳାପୁଳା ଟଙ୍କା ମିଳିବା ଘଟଣାରେ ଗୃହ କମିଟି ତାଙ୍କୁ ଦୋଷୀ ଭାବେ ଚିହ୍ନଟ କରିଛି । ଦିଲ୍ଲୀ ସ୍ଥିତ ବାସଭବନରୁ ପୁଳାପୁଳା ଟଙ୍କା ମିଳିଥିବା ବେଳେ ଏହାର ଉପସ୍ଥିତି ସମ୍ପର୍କରେ ସନ୍ତୋଷ ଜନକ ଉତ୍ତର ଦେଇ ପାରିନାହାନ୍ତି ଯଶବନ୍ତ ବର୍ମା । ଏଥିପାଇଁ ଲୋକସଭା ବାଚସ୍ପତି ଓମ ବିର୍ଲା ଗଠନ କରିଥିବା ତଦନ୍ତ ପ୍ୟାନେଲ ତାଙ୍କୁ ଦୋଷୀ ଭାବେ ବିବେଚନା କରିଛି । ତାଙ୍କ ବିରୋଧରେ ଆସିଥିବା ୩ଟି ଯାକ ଅଭିଯୋଗ ସତ ବୋଲି ପ୍ୟାନେଲ ରିପୋର୍ଟରେ ଉଲ୍ଲେଖ କରିଛି । ବୁଧବାର କମିଟି ପକ୍ଷରୁ ସଂସଦରେ ତଦନ୍ତ ରିପୋର୍ଟ ଦାଖଲ କରାଯାଇଛି । ଏଥିରେ ଘରୁ ଟଙ୍କା ମିଳିବା ଘଟଣାରେ ଯଶବନ୍ତ ବର୍ମାଙ୍କୁ କମିଟି ଦୋଷୀ ବୋଲି କହିଛି । ୨୦୨୫ ମାର୍ଚ୍ଚ ୧୪ ତାରିଖ ରାତିରେ ଜଷ୍ଟିସ ଯଶବନ୍ତ ବର୍ମାଙ୍କ ସରକାରୀ ବାସଭବନରେ ଅଗ୍ନିକାଣ୍ଡ ଘଟିଥିଲା ।

◆◆ପୃଷ୍ଠା ୭

## ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଉନ୍ନତିକରଣ ଲାଗି ୩.୧୦ କୋଟି ଟଙ୍କା ଯୋଗାଇ ଦେଲେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

### ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ୧.୭୦ କୋଟି ଏବଂ ନୀଳଗିରି ଡାକ୍ତରଖାନାକୁ ୧.୪୦ କୋଟି ଟଙ୍କାର ଅନୁଦାନ ଲାଗି ସୁପାରିସ




ନୂଆଦିଲ୍ଲୀ: କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ତଥା ରାଜ୍ୟ ସଭା ସାଂସଦ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାର ଦୁଇ ପ୍ରମୁଖ ଡାକ୍ତରଖାନାର ଉନ୍ନତିକରଣ ଲାଗି ନିଜ ସାଂସଦ ପାଣ୍ଠିରୁ ୩ କୋଟି ୧୦ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେବାକୁ ସୁପାରିସ କରିଛନ୍ତି । ଏହି ଅର୍ଥ ଚିକିତ୍ସା ଭିତ୍ତିଭୂମି ଉନ୍ନତିକରଣ ଲାଗି ବିନିଯୋଗ କରାଯିବ । କେନ୍ଦ୍ର ମନ୍ତ୍ରୀଙ୍କ ସାଂସଦ ପାଣ୍ଠିରୁ ନୀଳଗିରି ଉପଖଣ୍ଡ ଡାକ୍ତରଖାନାକୁ ୧ କୋଟି ୪୦ ଲକ୍ଷ ଟଙ୍କା ଏବଂ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ୧ କୋଟି ୭୦ ଲକ୍ଷ ଟଙ୍କା ଯୋଗାଇ ଦିଆଯିବ । ଉତ୍ତର ଉପକୂଳ ଓଡ଼ିଶାର ଅନ୍ୟତମ ପ୍ରମୁଖ ଜିଲ୍ଲା ବାଲେଶ୍ୱରର ଜନସଂଖ୍ୟା ୨୦୧୧ ଜନଗଣନା ଅନୁଯାୟୀ, ୨୩ ଲକ୍ଷରୁ ଅଧିକ ହୋଇଥିବା ବେଳେ କେବଳ ବାଲେଶ୍ୱର ସହରରେ ୧ ଲକ୍ଷ ୭୪ ହଜାରରୁ ଅଧିକ ଲୋକ ବସବାସ କରନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହରର ଅନ୍ୟତମ ପ୍ରମୁଖ ସରକାରୀ ଡାକ୍ତରଖାନା ହୋଇଥିବାରୁ ଲକ୍ଷ ଲକ୍ଷ ଲୋକ ଏହି ଚିକିତ୍ସାଳୟ ଉପରେ ନିର୍ଭର କରିଥା'ନ୍ତି । ସାଂସଦ ପାଣ୍ଠିରୁ ମଞ୍ଜୁର ହୋଇଥିବା ଅର୍ଥରେ ଭେଷଜ ବ୍ଲକ, ଔଷଧ ଭଣ୍ଡାରଣ ଗୃହ, ମାତୃ ଓ ଶିଶୁ କମ୍ପ୍ଲେକ୍ସ, ଆପାତକାଳୀନ ବିଭାଗ, ଆଣ୍ଟି-ରେଟ୍ରୋଭାଇରାଲ ଥେରାପି କେନ୍ଦ୍ର, ସର୍ଜରୀ ୱାର୍ଡ, ଅପରେସନ ଥିଏଟର ଏବଂ ଜଳପାନ କକ୍ଷର ଉନ୍ନତିକରଣ କରାଯିବ । ସେହିପରି ୫୦ ଲକ୍ଷ ଟଙ୍କା ବ୍ୟୟରେ ରୋଗୀ ବିଶ୍ରାମ କକ୍ଷ ନିର୍ମାଣ କରାଯିବ । ଅନ୍ୟପକ୍ଷରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଖର୍ଚ୍ଚ ହେବାକୁ ଥିବା ୧ କୋଟି ୪୦ ଲକ୍ଷ ଟଙ୍କାରେ ଆଇପିଡି, ଔଷଧ ଭଣ୍ଡାରଣ ଗୃହ, ରୋଗୀ ବିଶ୍ରାମ କକ୍ଷ, ଆପାତକାଳୀନ ବିଭାଗ, ଜଳପାନ କକ୍ଷ, ସର୍ଜରୀ ୱାର୍ଡ ଓ ଅସ୍ତ୍ରୋପଚାର ଗୃହ, ଏସଡିଏମଓଙ୍କ କାର୍ଯ୍ୟାଳୟ ଏବଂ ଓପିଡି ବ୍ଲକର ଉନ୍ନତିକରଣ କରାଯିବାକୁ ପ୍ରସ୍ତାବ ରହିଛି । ଏସବୁ ଉନ୍ନତିକରଣ କାର୍ଯ୍ୟ ଦ୍ୱାରା ନୀଳଗିରି, ବାଲେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳର ରୋଗୀମାନଙ୍କୁ ବିଭିନ୍ନ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ମିଳିପାରିବ ।

◆◆ପୃଷ୍ଠା ୭

## ଜେପିସିକୁ ଗଲା ଏଫସିଆରଏ ବିଲ୍ : ସଂସଦରେ ବିରୋଧୀ ଦଳଙ୍କ ହୋହଲ୍ଲା ମଧ୍ୟରେ ପ୍ରସ୍ତାବ ପାରିତ

ନୂଆଦିଲ୍ଲୀ,୧୨/୮ : ଲୋକସଭାରେ ପ୍ରବଳ ହଟ୍ଟଗୋଳ ମଧ୍ୟରେ ବିଦେଶୀ ଅନୁଦାନ (ନିୟନ୍ତ୍ରଣ) ସଂଶୋଧନ ବିଲ୍ (ଏଫସିଆରଏ) ୨୦୨୬କୁ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ପଠାଯାଇଛି । ବୁଧବାର ବିରୋଧୀ ସାଂସଦଙ୍କ ତୀବ୍ର ବିରୋଧ ଓ ପ୍ରବଳ ହଟ୍ଟଗୋଳ ମଧ୍ୟରେ କେନ୍ଦ୍ର ସରକାର ଲୋକସଭାରେ ଏକ ପ୍ରସ୍ତାବ ଆଗତ କରିଥିଲା । ଆଗତ ପ୍ରସ୍ତାବକୁ ବାଚନିକ ଭୋଟ ମାଧ୍ୟମରେ ଗୃହୀତ କରାଯାଇଥିଲା । ଏଫସିଆରଏ ବିଲ୍‌କୁ ନେଇ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁଙ୍କ ମଧ୍ୟରେ ତୀବ୍ର ଯୁକ୍ତିତର୍କ ହୋଇଥିଲା । ସରକାର ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରି ଏହି ବିଲ୍ ଆଣିଥିବା ଅଖିଳେଶ ଯୁକ୍ତି ରଖିଥିଲେ । ଅଖିଳେଶ କହିଥିଲେ, ସମଗ୍ର ବିରୋଧୀ ଦଳ

◆◆ପୃଷ୍ଠା ୭

### କଂଗ୍ରେସର ଦୋମୁହାଁ ନୀତି ଓ ଦେଶବିରୋଧୀ ଆଚରଣ ପ୍ରସଙ୍ଗ

# ଯୁବବର୍ଗଙ୍କ ସ୍ୱାର୍ଥକୁ ନେଇ ବାରମ୍ବାର ମିଥ୍ୟା ଓ ବିଭ୍ରାନ୍ତିକର ତଥ୍ୟ ପ୍ରଚାର କରୁଛନ୍ତି ରାହୁଲ ଗାନ୍ଧୀ: ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ,୧୨/୦୮ (ନି.ପ୍ର): କଂଗ୍ରେସ ଦଳ ଏବଂ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଛାତ୍ର ଏବଂ ଯୁବବର୍ଗଙ୍କ ସ୍ୱାର୍ଥକୁ ନେଇ କ୍ରମାଗତ ଭାବେ ମିଥ୍ୟା ଓ ଭ୍ରାନ୍ତିକର ତଥ୍ୟ ପ୍ରସାରଣ କରୁଛନ୍ତି ବୋଲି ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ, ରାହୁଲ ଗାନ୍ଧୀଙ୍କ ପାଖରେ କୌଣସି ପ୍ରାମାଣିକ ତଥ୍ୟ ନାହିଁ। ନିୟମିତ ଭାବେ ମିଛ କହିବା ଅଭ୍ୟାସରେ ପରିଣତ କରିଥିବା ଏହି ବିରୋଧୀ ଦଳ ନେତା ନା ସଂସଦକୁ ଆସିବାକୁ ଚାହୁଁଛନ୍ତି, ନା ସରକାରଙ୍କ ତରଫରୁ ତଥ୍ୟପୂର୍ଣ୍ଣ ଉତ୍ତର ଶୁଣିବାକୁ ଧୈର୍ଯ୍ୟ ରଖୁଛନ୍ତି। ମିଥ୍ୟା ପ୍ରଚାର କରି କେବଳ କୁମ୍ଭୀର କାନ୍ଦଣା କାନ୍ଦିବା ତାଙ୍କର ଅଭ୍ୟାସରେ ପରିଣତ ହୋଇଛି। ଶ୍ରୀ ପ୍ରଧାନ ଅଭିଯୋଗ କରିଛନ୍ତି ଯେ, ମାନ୍ୟବର କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀ ଅମିତ୍ ଶାହଙ୍କ ଉପରେ ବିନା କୌଣସି ଆଧାରରେ ମିଥ୍ୟା ଅଭିଯୋଗ ଆଣିବା ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଦଳର ଚରମ ରାଜନୈତିକ ହତାଶାର ପରିଚାୟକ । ସରକାର ସଂସଦରେ ପ୍ରତ୍ୟେକଟି ଜନହିତକର ବିଷୟ ଉପରେ ଚର୍ଚ୍ଚା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। କିନ୍ତୁ କଂଗ୍ରେସ ଗଣତନ୍ତ୍ରର ପବିତ୍ର ମନ୍ଦିର 'ସଂସଦ'ର କାର୍ଯ୍ୟକାରିତାକୁ ବାଧାପ୍ରାପ୍ତ କରି ଦେଶ ଓ ଯୁବବର୍ଗଙ୍କ ସ୍ୱାର୍ଥକୁ ବଳି ପକାଉଛି। କଂଗ୍ରେସ ପାଇଁ ଦେଶହିତ ନୁହେଁ, ବରଂ ନିଜର ସ୍ୱାର୍ଥ ସବୁବେଳେ ପ୍ରଥମ ପ୍ରାଥମିକତା । ଯେତେବେଳେ ଗୃହରେ ଗଠନମୂଳକ ଆଲୋଚନା ହୁଏ, ସେତେବେଳେ ସତ୍ୟ ଶୁଣିବାର ସାହସ ନଥିବାରୁ କଂଗ୍ରେସ ନେତାମାନେ ଗୃହ ବାହାରେ ହଙ୍ଗାମା କରନ୍ତି।

କଂଗ୍ରେସର ଗଣତନ୍ତ୍ର 'ସିଲେକ୍ଟିଭ୍' ବୋଲି କହି ଶ୍ରୀ ପ୍ରଧାନ କଠୋର ସମାଲୋଚନା କରିଛନ୍ତି। ଯେଉଁ ରାଜ୍ୟରେ କଂଗ୍ରେସ ବା ତାଙ୍କ ସହଯୋଗୀଙ୍କ ସରକାର ଅଛି, ସେଠାରେ ଯୁବକଙ୍କ ଉପରେ ନିଷ୍ଠୁର ପୋଲିସି ଅତ୍ୟାଚାର ହେଉଛି। ଝାଡ଼ଖଣ୍ଡରେ ନିରୀହ ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ବର୍ବରତାକୁ ଆଜି ସମଗ୍ର ଦେଶ ଦେଖିଛି। କିନ୍ତୁ ପ୍ରତିଦିନ ସାମ୍ବାଦିକ ସମ୍ମିଳନୀ କରୁଥିବା ରାହୁଲ ଗାନ୍ଧୀ ଏହି ସଂବେଦନଶୀଳ ପ୍ରସଙ୍ଗରେ ଆଜି ସମ୍ପୂର୍ଣ୍ଣ ନୀରବ। ଦେଶର ଯୁବପିଢ଼ି କଂଗ୍ରେସର ଏହି ଦୋହରା ଚରିତ୍ରକୁ ଭଲଭାବେ ବୁଝିସାରିଛନ୍ତି । ଗଣତନ୍ତ୍ରରେ ଆକ୍ରୋଶମୂଳକ ବା ଏକଛାତ୍ରବାଦୀ ଚିନ୍ତାଧାରାର କୌଣସି ସ୍ଥାନ ନାହିଁ। ଜରୁରୀକାଳୀନ ମାନସିକତାରେ ପରିଚାଳିତ କଂଗ୍ରେସ ଏବଂ ରାହୁଲ ଗାନ୍ଧୀ ଏହାକୁ ଯଥାଶୀଘ୍ର ବୁଝିଯିବା ଉଚିତ୍ ବୋଲି ଶ୍ରୀ ପ୍ରଧାନ ସ୍ପଷ୍ଟ କରିଛନ୍ତି।

# ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ କର୍ମଶାଳା

ବାଲେଶ୍ୱର, ୧୨/୦୮ (ନି.ପ୍ର): 'ବେଟି ବଚାଓ ବେଟି ପଢ଼ାଓ' ଯୋଜନା ସମ୍ପର୍କିତ ଜିଲ୍ଲାସ୍ତରୀୟ ଏକ ଦିବସୀୟ ଦକ୍ଷତା ବିକାଶ କର୍ମଶାଳା ଜିଲ୍ଲାପାଳଙ୍କ ଅଡିଟୋରିୟମ କକ୍ଷରେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଅଛି। ଏହି କର୍ମଶାଳାରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆ ଉପସ୍ଥିତ ହୋଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହିତ ନାରୀ ସଶକ୍ତିକରଣ ଓ କିଶୋରୀ ବାଳିକାମାନଙ୍କ ସୁରକ୍ଷିତ ଭବିଷ୍ୟତ ଦିଗରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର ମିଳିତ ପଦକ୍ଷେପକୁ ସ୍ୱାଗତ ଜଣାଇ ଥିଲେ। କର୍ମଶାଳାର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ପ୍ରୋଟେକ୍ସନ କମ୍ ପ୍ରୋଗ୍ରାମ ଅଧିକାରୀ ଶ୍ରୀମତୀ ଯୁଥିକାରାଣୀ ରାୟ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରୋଗ୍ରାମ ଅଧିକାରୀ ଶ୍ରୀମତୀ ଗିରିବାଳା ମହନ୍ତ, ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ପ୍ରଶିକ୍ଷକ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଓକିଲ ଅମ୍ବୁଜା ଦାସ, ପ୍ରଶିକ୍ଷକ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦିବ୍ୟଜ୍ୟୋତି ଦାସ, ପ୍ରଶିକ୍ଷକ ଲିଡ୍ ବ୍ୟାଙ୍କ୍ ଅଧିକାରୀ ମୋହିତ କୁମାର ସା ପ୍ରମୁଖ ମଞ୍ଚାସୀନ ହୋଇ କିଶୋରୀ ବାଳିକା ମାନଙ୍କର ଉଜ୍ଜ୍ୱଳ ଏବଂ ସୁରକ୍ଷିତ ଭବିଷ୍ୟତ ପାଇଁ ବିଭିନ୍ନ ପ୍ରକାରର ଦକ୍ଷତା ବିକାଶର ଆବଶ୍ୟକତା ରହିଛି ବୋଲି ଦର୍ଶାଇଥିଲେ।ଭଲ ସୂଚନା ଗୁଡ଼ିକ ନିଜେ ଜାଣିବା ସହିତ ଅନ୍ୟ ମାନଙ୍କୁ ଜଣାଇବା ଆବଶ୍ୟକ ବୋଲି କିଶୋରୀ ବାଳିକାମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କର୍ମଶାଳାରେ ଆଇନ, ପୋଲିସ ବ୍ୟାଙ୍କ୍ ସଂସ୍ଥାରୁ ଉପସ୍ଥିତ ଥିବା ୩ଜଣ ପ୍ରଶିକ୍ଷକଙ୍କ ଦ୍ୱାରା ମୌଳିକ କମ୍ପ୍ୟୁଟର ଶିକ୍ଷା, ଇଣ୍ଟରନେଟ ବ୍ୟବହାର, ଇମେଲ ସେଟ୍ଅପ୍, ସୁରକ୍ଷିତ ଡିଜିଟାଲ ଅଭ୍ୟାସ, ପ୍ରଭାବଶାଳୀ ଯୋଗାଯୋଗ ଦକ୍ଷତା, ଦଳଗତ କାର୍ଯ୍ୟ ଓ ବୃତ୍ତିଗତ ଶିଷ୍ଟାଚାର, ବୃତ୍ତିଗତ ଦକ୍ଷତା, ଉନ୍ନତ କୌଶଳ ସହିତ ବ୍ୟବହାରିକ ତାଲିମ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କିଶୋରୀ ବାଳିକାମାନଙ୍କୁ ଅଧିକ ଉତ୍ସାହିତ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ୪ଜଣ ଚାମ୍ପିଅନ କିଶୋରୀ ମାନଙ୍କୁ ନଗଦ ଅର୍ଥ ରାଶି ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। କର୍ମଶାଳାକୁ ଅଧିକ ସାରସ୍ୱତ କରିବା ନିମନ୍ତେ ଜିଲ୍ଲାର ସମସ୍ତ ଶିଶୁ ପ୍ରକଳ୍ପ ଅଧିକାରୀ, ସୁପରଭାଇଜର, ଶିକ୍ଷକ/ ଶିକ୍ଷିକା, ପ୍ରାୟ ୭୦ ଜଣରୁ ଉର୍ଦ୍ଧ୍ୱ କିଶୋରୀ ବାଳିକା, ଚଜଓ ସଭ୍ୟ/ସଭ୍ୟା, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ଜିଲ୍ଲା ମହିଳା ସଶକ୍ତିକରଣ କାର୍ଯ୍ୟାଳୟର କର୍ମକର୍ତ୍ତାଙ୍କ ସମେତ ଅନ୍ୟ ପ୍ରମୁଖ ଅଧିକାରୀ ସକ୍ରିୟ ଅଂଶଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ। ସମାଜ ମଙ୍ଗଳ କାର୍ଯ୍ୟାଳୟର ଜିଲ୍ଲା ପ୍ରୋଗ୍ରାମ ସଂଯୋଜକ(ମମତା) ବାମଦେବ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ପରିଶେଷରେ ମହିଳା ସଶକ୍ତିକରଣ କାର୍ଯ୍ୟାଳୟର ଜିଲ୍ଲା ସଂଯୋଜକ ପ୍ରଦୀପ କୁମାର ପାଳ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରି କର୍ମଶାଳାକୁ ଉଦଯାପନ କରିଥିଲେ।

# ବଲାଙ୍ଗୀର ଜିଲ୍ଲା ବରିଷ୍ଠ ନାଗରିକ ମଂଚର କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗୀର,୧୨/୦୮ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ବରିଷ୍ଠ ନାଗରିକ ମଂଚର କାର୍ଯ୍ୟକାରିଣୀ ବୈଠକ ଲାଲଟିକ୍ରା ସ୍ଥିତ ସିଦ୍ଧ ଶଙ୍କରର ମିଟିଂ ହଲ୍ ଠାରେ ସଭାପତି ପ୍ରଭାକର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଉପଦେଷ୍ଟା ନାରାୟଣ ପାଢ଼ୀଙ୍କ ସ୍ୱାଗତ ଭାଷଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଥମେ ସଭାପତି ଉକ୍ତ ବୈଠକର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ କପିଳେଶ୍ୱର ଖମାରୀ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ ଏବଂ ଆଗାମୀ କାର୍ଯ୍ୟକ୍ରମ ଉପରେ ପ୍ରସ୍ତାବ ରଖିଥିଲେ। ଆସନ୍ତା ଅଗଷ୍ଟ ୧୫ ସୂଚାରୁ ରୂପେ ପାଳନ କରିବା ନିମନ୍ତେ ଆୟୋଜନ କରିବାକୁ ମୁଖ୍ୟ ଉପଦେଷ୍ଟା ନାରାୟଣ ପାଢୀ, ସଂଗଠନ ସଂପାଦକ ବିନୟ କୁମାର ମିଶ୍ର ଏବଂ କୋଷାଧକ୍ଷ ଚୁଡ଼େନ୍ଦ୍ର କୁମାର ବେହେରାଙ୍କୁ ଦାୟିତ୍ୱ ଅର୍ପଣ କରାଗଲା। କୋଷାଧକ୍ଷ ଶ୍ରୀ ବେହେରା ଆୟବ୍ୟୟର ହିସାବ ଦେଇଥିଲେ। ଉକ୍ତ ବୈଠକର ଆଲୋଚନାରେ ମଥାମଣି ପଣ୍ଡା, ବିପିନ ବିହାରି ପୁରୋହିତ, ଯୁଗ୍ମ ସଂପାଦକ ଗୌରଚନ୍ଦ୍ର ପୁରୋହିତ ଅଂଶଗ୍ରହଣ କରି ନିଜ ନିଜ ପ୍ରସ୍ତାବ ଉପସ୍ଥାପନା କରିଥିଲେ। ତତ୍ ସଙ୍ଗେ ସଙ୍ଗେ ମଂଚର ଉପସଭାପତି ଇଂ. ହରେକୃଷ୍ଣ ମେହେର, ଉପଦେଷ୍ଟା ଧନଞ୍ଜୟ ମିଶ୍ର, କାର୍ଯ୍ୟାଳୟ ସମ୍ପାଦକ ଗଣେଶ ଚନ୍ଦ୍ର ପାଢ଼ୀ ତଥା ସଭ୍ୟ ପୂର୍ଣ୍ଣଚନ୍ଦ୍ର ମେହେର, କୃଷ୍ଣଚନ୍ଦ୍ର ନାଥ, ବ୍ରଜ କିଶୋର ପଣ୍ଡା, ନବୀନ କୁମାର ନନ୍ଦ, ପ୍ରମୋଦ କୁମାର ଗୁରୁ, ବିଜୟ କୁମାର ବାଗ, ତ୍ରିଲୋଚନ ଦାଶ, ପ୍ରଦୀପ କୁମାର ଶତପଥି, ଛାୟାକାନ୍ତ ସାହୁ, ଦୟାସାଗର ପଟେଲ ପ୍ରମୁଖ ଉପସ୍ଥିତ ରହି ନିଜର ମନ୍ତବ୍ୟ ପ୍ରକାଶ କରିଥିଲେ। ଶେଷରେ ସହ-ସମ୍ପାଦକ ସୁନିଲ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ରାମେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରାନ୍ଦୀଆରେ ସଚେତନତା କାର୍ଯ୍ୟକ୍ରମ




ଭଦ୍ରକ ,୧୨/୦୮ (ନି.ପ୍ର): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ରାମେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରାନ୍ଦୀଆ, ଭଦ୍ରକ ଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଙ୍କ ନ୍ୟାୟ ବିଚାର କୃତ୍ରିମ ଜ୍ଞାନ କୌଶଳ ଏବଂ ବିଚାର ହେଉଥିବା ମାମଲା ଗୁଡ଼ିକର ରାୟ ଆଞ୍ଚଳିକ ଭାଷା ମାଧମରେ ଲୋକମାନଙ୍କ ପାଖରେ କିପରି ସହଜରେ ପହଞ୍ଚି ପାରିବ ଏବଂ ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଆଇନ୍, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଆଇନ୍, ସିଭିଲ୍ ଓ ଫୌଜଦାରୀ ଆଇନ୍ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇ ଅଛି। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଶ୍ରୀ ପୂର୍ଣ୍ୟଶ୍ଳୋକ ରଥ ଏହି ସଚେତନତା କାର୍ଯ୍ୟକ୍ରମ ମାଧମରେ ନିଜ ବକ୍ତବ୍ୟରେ କହିଥିଲେ ଯେ ମଧସ୍ଥତା ହେଉଛି ଏପରି ଏକ ପ୍ରକ୍ରିୟା ଯାହାଦ୍ୱାରା ବହୁତ ଅସହାୟ ଲୋକ ସୁବିଧାରେ ଓ ସହଜରେ ସେମାନଙ୍କର ମାମଲାର ସମାଧାନ କରିପାରିବେ ତଥା ଆସନ୍ତା ଅକ୍ଟୋବର- ୨୦୨୬ ମାସରୁ ମଧସ୍ଥତା ମାଧମରେ ଉପଯୁକ୍ତ ବିଚାରାଧୀନ ମାମଲାଗୁଡ଼ିକର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନକୁ ସହଜ କରିବା ପାଇଁ ସ୍ୱତନ୍ତ୍ର ମଧସ୍ଥତା ଅଭିଯାନ ୩ . ୦ ସମଗ୍ର ଭାରତବର୍ଷରେ ଆରମ୍ଭ ହେବାକୁ ଯାଉଅଛି। ଏହି ମଧସ୍ଥତା ଅଭିଯାନର ଉଦ୍ଦେଶ୍ୟ ହେଉଛି ସହମତି ଆଧାରିତ ସମାଧାନ ବ୍ୟବସ୍ଥା ମାଧମରେ ମକଦ୍ଦମାକାରୀ ଏବଂ ଅଂଶୀଦାରମାନଙ୍କୁ ସକ୍ରିୟ ଭାବରେ ଅଂଶ ଗ୍ରହଣ କରିବା ସହିତ ସହଯୋଗ କରିବା। ଅତିଥି ମାନଙ୍କ ମଧରେ ସହାୟକ ଏଲ୍.ଏ.ଡିସ୍.ଏସ୍. ଡଃ ତାପସ କୁମାର ମହାନ୍ତି, ଜିଲ୍ଲା ଶିଶୁ ଓ ଯତ୍ନ ବିଭାଗ, ଭଦ୍ରକର ଲିଗାଲ ପ୍ରୋବେଶନ ଅଧିକାରୀ ସୁଭାଶିଷ ମିଶ୍ର, ଶିଶୁ ସହାୟକ ବିଭାଗର (ଚାଇଲ୍ଡ ହେଲ୍ପ ଲାଇନ) ରମାକାନ୍ତ ଜେନା, କଲେଜର ଉପ-ଅଧକ୍ଷ ଲକ୍ଷ୍ମୀଧର ନାୟକ ଏବଂ ପ୍ରମୁଖ ଅଧାପକ ତଥା ବିଦ୍ୟାଳୟର ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ଏହି ସଚେତନତା କାର୍ଯ୍ୟକ୍ରମଟିକୁ ସଫଳ ରୂପାୟନ ଦେଇଥିଲେ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀଗଣ ଏହି କାର୍ଯ୍ୟକ୍ରମଟିକୁ ଆଗେଇ ନେଇଥିଲେ।

# ରେମୁଣାରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ




ରେମୁଣା,୧୨/୦୮ (ନି.ପ୍ର): ରେମୁଣା ଏନ୍ଏସି ଅନ୍ତର୍ଗତ ମନ୍ଦିର ଛକ ନିକଟରେ ମଙ୍ଗଳବାର ଅପରାହ୍ନ ୪ଟା ସମୟରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଉପସ୍ଥିତିରେ ଏହି ଶୋଭାଯାତ୍ରା ମନ୍ଦିର ଛକ ଠାରୁ ଆରମ୍ଭ ହୋଇ ହାତିଆଗଣ୍ଡ ଛକ ପର୍ଯ୍ୟନ୍ତ ପରିଚାଳିତ ହୋଇଥିଲା। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ "ଘରେ ଘରେ ତ୍ରିରଙ୍ଗା" ଆହ୍ୱାନକୁ ଆଧାର କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶହ ଶହ ସଂଖ୍ୟାରେ ଲୋକେ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ । ଏହି ଶୋଭାଯାତ୍ରା ବିଶେଷ କରି ଲୋକମାନଙ୍କ ମନରେ ଦେଶପ୍ରେମର ଉତ୍ସାହକୁ ବୃଦ୍ଧି କରିଥିଲା। ଏହି ଅବସରରେ ମଣ୍ଡଳ ସଭାପତି ମାୟାଧର ପ୍ରଧାନ, ରେମୁଣା ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଚିତ୍ତରଞ୍ଜନ ପଣ୍ଡା, ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା, ମହେଶ୍ୱର ପ୍ରଧାନ, ଗିରିଧାରୀ ଦାସ, ପୂର୍ବତନ ମଣ୍ଡଳ ସଭାପତି କାହ୍ନୁ ଚରଣ ବେହେରା, ବିଜେପି ଜିଲ୍ଲା ସମ୍ପାଦିକା ରବିତା ଦାସ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶ୍ରୀ ନାରାୟଣ ମହନ୍ତ, କାଉନ୍ସିଲର୍ ଶିବୁନ ରାୟ, ହେମବତୀ ବେହେରା, ମିନାକ୍ଷୀ ବେହେରାଙ୍କ ସମେତ ବରିଷ୍ଠ ବ୍ୟକ୍ତି ସରୋଜ ବେହେରା, ଜୟନ୍ତ ମଣ୍ଡଳ, ହରିହର ବେହେରା, ଅନନ୍ତ ସାହୁ, ନାରାୟଣ ପ୍ରସାଦ ଦାସ, ସଞ୍ଜୟ ସେଠୀ, ସରୋଜ ଦାସ, ଅନନ୍ତ ବାରିକ, କୌସିକ ବେହେରା, ମନୋରଞ୍ଜନ ବେହେରା, ଜୟନ୍ତୀ ପାତ୍ର ଇତ୍ୟାଦି ଏହି ଶୋଭାଯାତ୍ରାରେ ଯୋଗ ଦେଇଥିଲେ।

# ନୀଳଗିରି ଏନ୍ଏସି ବାରିକସାହି ରାସ୍ତାର ଭାଗ୍ୟ ଫିଟିବ କେବେ ?

## ଅସରାଏ ବର୍ଷାରେ କାଦ ପଚପଚ ରାସ୍ତାକୁ ଆଣ୍ଠୁଏ ପାଣି



ନୀଳଗିରି, ୧୨/୦୮ (ନି.ପ୍ର): ଦୀପତଳ ଅନ୍ଧାର ଭଳି ନୀଳଗିରି ଏନ୍ଏସିର ବାରିକସାହିରେ ବସବାସ କରୁଥିବା ଲୋକଙ୍କପାଇଁ ନିର୍ମାଣ ହୋଇଥିବା ଅଧାପନ୍ତରିଆ ରାସ୍ତା ତାଙ୍କ ପାଇଁ ଅଭିଶପ୍ତ ପାଲଟିଛି। ଅସରାଏ ବର୍ଷା ହେଲେ ଆଣ୍ଠୁଏ ପାଣି ସାଙ୍ଗକୁ କାଦ ପଚପଚ ରାସ୍ତାରେ ଘରୁ ବାହାରନ୍ତି ଓ ଘର ଭିତରକୁ ଯାଆନ୍ତି। ଯାହା ଜଣାପଡୁଛି ଏହି ୱାର୍ଡରେ ଲୋକଦେଖାଣିଆ ଅଳ୍ପକିଛି କଂକ୍ରିଟ ରାସ୍ତା କରିଦେଇ ଏନ୍ଏସି କର୍ତ୍ତୃପକ୍ଷ ହାତବାନ୍ଧି ବସିଥିବା ବେଳେ ଦୁର୍ଦ୍ଦଶାରେ ଘାଣ୍ଟି ହେଉଛନ୍ତି ବାରିକସାହିର ସାଧାରଣ ଜନତା। ତେବେ ରାସ୍ତାର ଅବସ୍ଥା ଏପରି ହୋଇଛି ଯେ ଉକ୍ତୱାର୍ଡକୁ ବନ୍ଧୁବାନ୍ଧବ ଆସିବା ବନ୍ଦ କରିଦେଲେଣି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏପରିକି ବର୍ଷାହେଲେ ଛୋଟଛୋଟ ପିଲାମାନେ ପାଠପଢିବାକୁ ନାରାଜ ହେଉଛନ୍ତି। ଯାହା ଜଣାପଡୁଛି ଦୟନୀୟ ଭାବେ ରାସ୍ତାରେ ଯାତାୟାତ କରୁଥିବା ବାରିକସାହି ୱାର୍ଡର ଲୋକଙ୍କୁ ମୌଳିକ ସୁବିଧା ସତେ ଯେମିତି ସାତସପନ ପାଲଟିଛି। ଉକ୍ତ ୱାର୍ଡର ଲୋକମାନେ ବର୍ଷବର୍ଷ ଧରି ଦୁର୍ଦ୍ଦଶା ଭୋଗୁଥିବା ବେଳେ ବାରମ୍ବାର ଅଭିଯୋଗ ସ୍ୱତ୍ତେ ଏନ୍ ଏ ସି କର୍ତ୍ତୃପକ୍ଷ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବାର ବାରକସାହି ୱାର୍ଡର ଲୋକମାନେ ଅଭିଯୋଗ ଆଣିଛନ୍ତି। ବାରମ୍ବାର ଲୋକମାନେ କଂକ୍ରିଟ ରାସ୍ତା ନିର୍ମାଣକରି ଲୋକମାନଙ୍କୁ ଯାତାୟାତରେ ସୁବିଧା ଯୋଗାଇଦେବାକୁ ଅଭିଯୋଗ କରିଆସୁଥିଲେ ହେଁ ଏନ୍ ଏ ସି କର୍ତ୍ତୃପକ୍ଷ ଦୃଷ୍ଟି ଦେଉନଥିବାରୁ ଆବାଳବୃଦ୍ଧବନିତା ପାଣିକାଦୁଅରେ ଯିବାଆସିବା କରି ଥଣ୍ଡାଜ୍ୱରରେ ପୀଡିତହୋଇ ଅଯଥା ଖର୍ଚ୍ଚାନ୍ତରେ ପଡୁଥିବାର ଅଭିଯୋଗ ଉଠିଛି। ଯଦି ଏନ୍ ଏ ସିର ରାସ୍ତା ଏପରି ହୁଏ ତେବେ ଗ୍ରାମାଞ୍ଚଳ ଗୁଡିକରେ କିଭଳି ଥିବ ତାହା ଅନୁମେୟ।

# ସାମ୍ବାଦିକଙ୍କ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା ଅପରିବର୍ତ୍ତିତ ରଖିବାକୁ ଓଡିଶା ସାମ୍ବାଦିକ ସଂଘ ପାରାଦ୍ୱୀପ ଶାଖାର ଦାବି



ପାରାଦୀପ,୧୨/୦୮ (ନି.ପ୍ର): ରାଜ୍ୟର କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ପାଇଁ ପ୍ରଚଳିତ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁସମାନ ଭାରତ ଯୋଜନାରେ ପରିବର୍ତ୍ତନ ନକରି ପୂର୍ବ ପରି ସ୍ୱତନ୍ତ୍ର ଭାବେ ଜାରି ରଖିବାକୁ ଓଡିଶା ସାମ୍ବାଦିକ ସଙ୍ଘ ଦାବୀ ରଖିଥିବା ବେଳେ ଓଜେୟୁ ପାରାଦୀପ ଶାଖା ପଖ୍ୟରୁ ଅତିରିକ୍ତ ଜିଲ୍ଲାପାଳ ଙ୍କ ଜରିଆରେ ଦାବୀ ଉପସ୍ଥାପନ କରିଛି। ଏନେଇ ସଙ୍ଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ତଥା ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ମୋହନ ଚରଣ ମାଝି ଙ୍କ ଉଦ୍ଦେଶ୍ୟ ରେ ଏକ ଦାବିପତ୍ର ଆଜି ଦିନ ୧୧ ଟା ସମୟରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ଡଃ ନିରଞ୍ଜନ ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ଦାବିପତ୍ର ରେ ଦର୍ଶାଯାଇଛି ଯେ ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ପାଇଁ ପ୍ରଚଳିତ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁସମାନ ଭାରତ ଯୋଜନା ରେ ପରିବର୍ତ୍ତନ କରାଯିବା ନେଇ ବିଭାଗୀୟ ପ୍ରକ୍ରିୟା ଚାଲିଥିବା ଜଣାପଡିଛି। ଏହା ସାମ୍ବାଦିକଙ୍କ ମହଲରେ ଦୁଃଖ ଓ କ୍ଷୋଭ ସୃଷ୍ଟି କରିଛି।ସଙ୍ଘ ପକ୍ଷରୁ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ପୂର୍ବ ପରି ଅପରିବର୍ତ୍ତିତ ରଖିବା ସହ ସାମ୍ବାଦିକ ମାନଙ୍କ ପିତାମାତାଙ୍କୁ ମଧ୍ୟ ଏହି ବୀମା ଯୋଜନାରେ ସାମିଲ କରିବାକୁ ଦାବୀ କରାଯାଇଛି।ସରକାର ଏହି ଯୋଜନା କୁ ଆୟୁସମାନ ଭାରତ ଯୋଜନାରେ ପରିବର୍ତ୍ତନ କରିବାର ପ୍ରୟାସ କୁ କାର୍ଯ୍ୟରତ ସାମ୍ବାଦିକ ମାନେ ନିନ୍ଦା କରିବା ସହିତ ଏଥିରୁ ଓହରି ତୁରନ୍ତ ପୂର୍ବ ପରି ସ୍ୱତନ୍ତ୍ର ଭାବେ ଯୋଜନା କୁ ଚାଲୁ ନରଖିଲେ ଓଡିଶା ସାମ୍ବାଦିକ ସଙ୍ଘ ପକ୍ଷରୁ ସାରା ରାଜ୍ୟରେ ଆନ୍ଦୋଳନ କରାଯିବ ବୋଲି ଓଜେୟୁ ପାରାଦୀପ ଶାଖା ପକ୍ଷରୁ ଚେତାବନୀ ଦିଆଯାଇଛି। ତେବେ ଓଜେୟୁ ପାରାଦୀପ ଶାଖା ସଭାପତି କର୍ମେଶ୍ୱର ସ୍ୱାଇଁ ଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେନ୍ଦ୍ର ବିଶ୍ୱାଳ, ଉପଦେଷ୍ଟା ଅଜିତ ଦାସ, ପାରାଦୀପ ଶାଖା ସମ୍ପାଦକ ସମୀର କୁମାର ମହାନ୍ତି, କାର୍ଯ୍ୟକାରୀ ସଭାପତି ଆଲୋକ ମହାପାତ୍ର, ଉପସଭାପତି ପ୍ରଶାନ୍ତ ଦାସ, ବସନ୍ତ କୁମାର ସାହୁ, ବଟକୃଷ୍ଣ ଦାସ, ଜିତେନ୍ଦ୍ର ସାହୁ, ରାଜଦିପ ବିଶ୍ୱାସ, ପୁରୁଷୋତ୍ତମ ଶତପଥୀ, ବିରଜା ସେଠୀ, ନାରାୟଣ ବେହେରା, ବିରଜା ତ୍ରିପାଠୀ, ଲାଲା ବିନୟ କୁମାର ରାଏ, ପ୍ରଶାନ୍ତ ସ୍ୱାଇଁ, ଶୁଭ୍ରାଂଶୁ ଶେଖର ପୃଷ୍ଟି, ସଂଗ୍ରାମ ରାଉତ ଓ ହିମାଂଶୁ ଭୂଷଣ ନାୟକ ପ୍ରମୁଖ ଉପସ୍ଥିତ ହୋଇ ଅତିରିକ୍ତ ଜିଲ୍ଲାପାଳ ଡଃ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ମହାତ୍ମା ଗାନ୍ଧୀ ମାର୍ଗରେ ରାଜ୍ୟସ୍ତରୀୟ ପରେଡ୍ ରିହର୍ସାଲ୍

ଭୁବନେଶ୍ୱର,୧୨/୦୮ (ନି.ପ୍ର): ଦେଶ ପାଳିବ ୮୦ତମ ସ୍ୱାଧୀନତା ଦିବସ। ଏଥିପାଇଁ ରାଜଧାନୀ ଭୁବନେଶ୍ୱରରେ ଜୋରଦାର ହୋଇଛି ପ୍ରସ୍ତୁତି। ମହାତ୍ମା ଗାନ୍ଧୀ ମାର୍ଗରେ ଆରମ୍ଭ ହୋଇଛି ରାଜ୍ୟସ୍ତରୀୟ ପରେଡ୍ର ରିହର୍ସାଲ୍। ମାର୍ଚ୍ଚିଂ, ଡ୍ରିଲ୍ ଓ ଫର୍ମେସନ୍ରେ ମାତ୍ରାଧିକ ଅଭ୍ୟାସ କରୁଛନ୍ତି ବିଭିନ୍ନ କଣ୍ଟିଜେଣ୍ଟ। ଏଥର ୫୧ଟି କଣ୍ଟିଜେଣ୍ଟ ପରେଡ୍ରେ ସାମିଲ ହୋଇଛନ୍ତି । ଓଡ଼ିଶା ପୁଲିସ ସମେତ ବିଭିନ୍ନ ସୁରକ୍ଷା ବାହିନୀ, ଏନସିସି କ୍ୟାଡେଟ୍, ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ଏବଂ ସ୍କୁଲ୍-କଲେଜ ଛାତ୍ରଛାତ୍ରୀ ଏହି ପରେଡ୍ରେ ସାମିଲ ହେବେ। ଚଳିତବର୍ଷ ପରେଡ୍ର ଆକର୍ଷଣ ବଢ଼ାଇବ ୪ଟି ପୁଲିସ ବ୍ୟାଣ୍ଡ ସହ ୪ଟି ସ୍କୁଲ୍ ବ୍ୟାଣ୍ଡ। ଏହାସହ ଛତିଶଗଡ଼ ପୁଲିସର ଏକ ଟିମ୍ ମଧ୍ୟ ପରେଡ୍ରେ ଅଂଶଗ୍ରହଣ କରୁଛି। ଆସନ୍ତା ୧୩ ତାରିଖରେ ହେବ ଫୁଲ୍ ଡ୍ରେସ୍ ରିହର୍ସାଲ୍। ଏହାକୁ ନେଇ ଗାନ୍ଧୀ ମାର୍ଗ ଓ ଏହାର ସଂଲଗ୍ନ ଅଞ୍ଚଳରେ ଟ୍ରାଫିକ୍ କଟକଣା ଲାଗୁ ହୋଇଛି। ୧୫ ଅଗଷ୍ଟରେ ମଧ୍ୟ ସକାଳ ୬ଟାରୁ କାର୍ଯ୍ୟକ୍ରମ ଶେଷ ପର୍ଯ୍ୟନ୍ତ ଟ୍ରାଫିକ୍ ଡାଇଭର୍ସନ୍ ରହିବ। ସ୍ୱାଧୀନତା ଦିବସକୁ ନଜରରେ ରଖି ସୁରକ୍ଷା ବ୍ୟବସ୍ଥାକୁ କରାଯାଇଛି କଡ଼ା। ଗାନ୍ଧୀ ମାର୍ଗରେ ରହିବ ତିନିସ୍ତରୀୟ ସୁରକ୍ଷା ବଳୟ। ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ଓ ଆଣ୍ଟି ଟେରରିଷ୍ଟ ସ୍କ୍ୱାଡ୍ ସହ ମୁତୟନ ରହିବେ ସୁରକ୍ଷାକର୍ମୀ।

# ନିଶାମୁକ୍ତ ଭାରତ ଅଭିଯାନ-ଆଇନ ସଚେତନତା ଶିବିର

ବଲାଙ୍ଗୀର,୧୨/୦୮ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗୀରର ଅଧକ୍ଷ ତଥା ଜିଲ୍ଲା ଶ୍ରୀ ହିରନମୟ ବିଶୋଇଙ୍କ ଅନୁମତି କ୍ରମେ ତା.୧୧.୦୮.୨୦୨୬ରେ ଜିଲ୍ଲା କାରାଗାର, ବଲାଙ୍ଗୀର ଠାରେ ନିଶା ନିବାରଣ ତଥା ନାଲସା ଯୋଜନା ବିଷୟରେ ଏକ ସଚେତନତା। ଶିବିର ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ଆଇନ ସଚେତନତା ଶିବିରରେ ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗୀରର ଶ୍ରୀ ପବିତ୍ରାନନ୍ଦ ପ୍ରଧାନ ଯୋଗଦେଇ ଉପସ୍ଥିତ କାରାଗାର ଅନ୍ତବାସୀ ଓ ଅନ୍ୟ କର୍ମୀମାନଙ୍କୁ ନିଶାର କୁପ୍ରଭାବ ଓ ନିଶାସେବନ କରୁଥିବା ବ୍ୟକ୍ତି ସମ୍ମୁଖିନ ହେଉଥିବା ଅସୁବିଧା ଓ ଏହାର ସମାସ ଉପରେ ପଡୁଥିବା କୁପ୍ରଭାବ ଉପରେ ଆଲୋକପାତ କରିବା ସହିତ ଏଥିରୁ କିଭଳି ମୁକ୍ତ ରହିବା ଓ ନାଲସ ସ୍କାମ, ୨୦୨୫ ଉପରେପ ସଚେତନତା କରାଇଥିଲେ।

## ଧାରାବାହିକ:

ଭାଗ-୫୪

# ସଂକ୍ଷିପ୍ତ ଭାଗବତ କଥାମୃତ

### ଏକାଦଶ ସ୍କନ୍ଧ



ଡ. ଶ୍ରୀହରି ପଣ୍ଡା



ମୋର ନୀଳ ଜୀମୂତ କଳେବର, ପଦ୍ମନେତ୍ର, ଶଙ୍ଖ, ଚକ୍ର,ଗଦା, ପଦ୍ମ ଶୋଭିତ ଚତୁର୍ଭୁଜ, ସୁବର୍ଣ୍ଣ ଓ ବନପୁଷ୍ପମାଳା ଶୋଭିତ କଣ୍ଠ, ରତ୍ନମେଖଳା ବେଷ୍ଟିତ କଟୀଦେଶ, ଶ୍ରବଣରେ ସୂର୍ଯ୍ୟ ଚନ୍ଦ୍ର ସଦୃଶ ମକର କୁଣ୍ଡଳ ଏହିପରି ମୋର ଶାନ୍ତ ସୌମ୍ୟ ରୂପକୁ ଧ୍ୟାନ କରିବ । କୂପ. ତଡାଗ ଆଦି ଖନନ, ଦେବ ମନ୍ଦିର ନିର୍ମାଣ, ତୀର୍ଥ ଗମନ, ଯଜ୍ଞାନୁଷ୍ଠାନ, ଅନ୍ନ ବସ୍ତ୍ରଦାନ, ବୃକ୍ଷ ରୋପଣ, ଉଦ୍ୟାନ ରଚନା ଆଦିକର୍ମକୁ ପୂତ  କର୍ମ କୁହାଯାଏ । ମୋର ଭକ୍ତ ଏ ସମସ୍ତ କର୍ମ କେବଳ ମୋହରି ସନ୍ତୋଷ ବିଧାନ ଉଦ୍ଦେଶ୍ୟରେ କରି ଚିତ୍ତକୁ ମୋଠାରେ ସମ୍ପୂର୍ଣ୍ଣ ସମର୍ପଣ କରିବ । ମୁଁ ତାକୁ ପୂର୍ବ ଓ ଇହ ଜନ୍ମର ସକଳ ଦୁଷ୍କୃତ ଜନିତ ପାପରୁ ମୁକ୍ତି ଦେବି । ସାଧୁ ସନ୍ଥ ଓ ସଂସାର ବିରାଗୀ ବ୍ୟକ୍ତିମାନେ ଈଶ୍ୱର ବ୍ୟତୀତ ଅନ୍ୟ କୌଣସି ବିଷୟ ଚିନ୍ତା ବା ଆଲୋଚନା କରନ୍ତି ନାହିଁ । ତେଣୁ ତାଙ୍କର ସଙ୍ଗ ଓ ପ୍ରଭାବରେ ସହଜ ସୁନ୍ଦର ଭାବେ ମୋତେ ଲାଭ କରାଯାଇପାରେ । ହେ ଉଦ୍ଧବ, ସାଧନା ପଥରେ ସହାୟକ ରୂପେ ସାଙ୍ଖ୍ୟ ଯୋଗ ପ୍ରଭୃତି ଓ ସାଧନ ବସ୍ତୁ ସମୂହର ପ୍ରୟୋଜନ ହୁଏ । ଫଳପ୍ରାପ୍ତି ମଧ୍ୟ ସମୟ ସାପେକ୍ଷ । କିନ୍ତୁ ସତସଙ୍ଗ  ଅନ୍ୟ କୌଣସି ସାଧନାର ଅପେକ୍ଷା ରଖେନାହିଁ । ଏହା ସ୍ୱାଧୀନ ଭାବେ ଆଚରଣ କରାଯାଇପାରେ ଏବଂ ଏହା ଦ୍ୱାରା ସଦ୍ ଭକ୍ତିଭାବର ଉଦ୍ରେକ ଯୋଗୁଁ ଭଗବତ ପ୍ରାପ୍ତି ସହଜଲଭ୍ୟ ହୁଏ । ଅବଶ୍ୟ ପ୍ରକୃତ ସତସଙ୍ଗ ବଡ ଦୁର୍ଲଭ । ମୁଁ ତୁମ ନିକଟରେ ସତସଙ୍ଗ ବା ସାଧୁସଙ୍ଗେ ମହିମା ବର୍ଣ୍ଣନା କରିବି ।

### ୧୨ଶ ଅଧ୍ୟାୟ, ସତସଙ୍ଗର ମହିମା ଏବଂ କର୍ମ ଓ କର୍ମ ତ୍ୟାଗର ବିଧି

ଭଗବାନ ଶ୍ରୀକୃଷ୍ଣ କହିଲେ, ହେ ଉଦ୍ଧବ, ସକଳ ଆସକ୍ତି ନାଶକ ପରମ ପବିତ୍ର ସାଧୁସଙ୍ଗ ମୋତେ ଯେପରି ଅନାୟସରେ ବଶ କରିପାରେ ତାହା ଅନ୍ୟ କୌଣସି ପନ୍ଥାରେ ସମ୍ଭବ ନୁହେଁ । ଯମ, ଆସନ, ନିୟମ, ପ୍ରାଣାୟମ, ପ୍ରତ୍ୟାହାର, ଧ୍ୟାନ, ଧାରଣା ଓ ସମାଧି-ଏହି ଅଷ୍ଟାମ ଯୋଗ, ବେଦପଠନ, ତତ୍ତ୍ୱବିଚାର, ବିଭିନ୍ନ ବ୍ରତ,ତୀର୍ଥଗମନ ଏପରିକି ଅହିଂସାଦି ଧର୍ମାଚାରଣ, କେଉଁଟି ହେଲେ ସାଧୁସଙ୍ଗର ସମକକ୍ଷ ନୁହେଁ । ଅତ୍ୟନ୍ତ ପତିତ, ପାମର, ଦୈତ୍ୟ, ଦାନବ, ଖଗ, ମ-ଗ, ସିଦ୍ଧ, ଚାରଣ, ବିଦ୍ୟାଧର, ଯକ୍ଷ, ଗନ୍ଧର୍ବ, କିନ୍ନର, ଶାସ୍ତ୍ରର ଅନଧିକାରୀ ସ୍ତ୍ରୀ ଜାତି, ଶୂଦ୍ର, ଚଣ୍ଡାଳ ନିର୍ବିଶେଷରେ ସମସ୍ତେ ଏହି ସାଧୁସଙ୍ଗ ମାଧମରେ ମୋତେ ସହଜରେ ପ୍ରାପ୍ତ ହୁଅନ୍ତି । ବୃତ୍ରାସୁର, ପ୍ରହ୍ଲାଦ, ବୃଷପର୍ବା, ବଳି, ବାଣାସୁର, ମୟ, ବିଭୀଷଣ, ସୁଗ୍ରୀବ, ହନୁମାନ, ଜାମ୍ୱବାନ, ଗଜେନ୍ଦ୍ର, ଜଟାୟୁ, ତୁଳଧାର ବୈଶ୍ୟ, ଧର୍ମବ୍ୟାଧ, କୁବୁଜା ଓ ବ୍ରଜପୁରବାସିନୀ ଗୋପୀଗଣ ଏବଂ ଯଜ୍ଞକାମିନୀ ଗଣ, ସମସ୍ତେ ସାଧୁସଙ୍ଗ ବା ସତସଙ୍ଗ ଦ୍ୱାରା ହିଁ ମୋତେ ପ୍ରାପ୍ତ ହୋଇଥିଲେ । ଏପରିକି ସ୍ୱଳ୍ପ ବୁଦ୍ଧି ସମ୍ପନ୍ନ ମୃଗ, କାଳୀୟ ନାଗ, ଗୋରୁ ସମୂହ, ଯାମଳାର୍ଜୁନ ବୃକ୍ଷ ସତସଙ୍ଗ ଦ୍ୱାରା ମୋତେ ପ୍ରାପ୍ତ ହେବେ । ଅକ୍ରୁର ମୋତେ ଓ ଅଗ୍ରଜଙ୍କୁ ରଥରେ ବସାଇ ନେବାବେଳେ ବ୍ରଜନାରୀମାନେ ମୋ ପ୍ରତି ପ୍ରଗାଢ ଅନୁରାଗ ହେତୁ ଚକ୍ଷୁରୁ ଅଶ୍ରୁ ବିସର୍ଜନ କଲେ । ମୋର ପରମବ୍ରହ୍ମ ରୂପକୁ ନଜାଣି ଏକ ଜାରପୁରୁଷ ରୂପେ ବିବେଚନା କରି ତନମନ ଅର୍ପଣ କରି ଭବସାଗରରୁ ନିସ୍ତରିଗଲେ । ଅନ୍ତକାଳରେ ମୋତେ ପ୍ରାପ୍ତ ହେଲେ । ନଦୀ ସମୁଦ୍ରରେ ମିଶି ଯେପରି ନିଜର ସତ୍ତା ହରାଏ ସେହିପରି ମୁନିଜନ ଧ୍ୟାନ ବଳରେ ନିଜ ଶରୀର ମୋହ ଛାଡି ମୋଠାରେ ଜ୍ଞାନ ମାର୍ଗରେ ମିଶନ୍ତି ଏବଂ ମୋତେ ପ୍ରାପ୍ତ ହୁଅନ୍ତି ସେହିପରି ଜ୍ଞାନହୀନା ନାରୀମାନେ ଶାସ୍ତ୍ରର ଅଧିକାରୀ ନହୋଇ ବି ମୋଠାରେ ମନ ଅର୍ପଣ ପୂର୍ବକ ମୋତେ ହିଁ ପ୍ରାପ୍ତ ହୁଅନ୍ତି । ଏପରିକି ବୃନ୍ଦାବନର ବୃକ୍ଷଲତାମାନେ ମଧ୍ୟ ମୋର ସାନିଧ ପାଇ ସ୍ଥାବର ଜନ୍ମରୁ ମୁକ୍ତି ପାଇଗଲେ । ମୋ ସଙ୍ଗ ଓ ମୋ ଭକ୍ତର ସଙ୍ଗ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ତେଣୁ ତୁମେ ସକଳ ଚିନ୍ତା ସକଳ ପନ୍ଥା ତ୍ୟାଗକରି ସତସଙ୍ଗ କର, ମୋର ପାଦପଦ୍ମରେ ଧ୍ୟାନ ଭଜନ କର ଏବଂ ମୋର ଶରଣ ଲାଭ କରି ସକଳ ଭୟ ବନ୍ଧନରୁ ମୁକ୍ତି ପାଅ । ଉଦ୍ଧବ କର ଯୋଡି କହିଲେ, ହେ ନାଥ ! ଆପଣ ତ କହୁଥିଲେ ସକଳ କର୍ମ ତ୍ୟାଗ କର ଏବେ ପୁଣି କହିଲେ ମୋତେ ଭଜନ କର, ଦୟାକରି ମୋ ମନରୁ ସଂଶୟ ଦୂର କର । କର୍ମାନୁଷ୍ଠାନ ଓ କର୍ମତ୍ୟାଗ ମଧ୍ୟରୁ କେଉଁଟି କର୍ତ୍ତବ୍ୟ ? ଭଗବାନ କହିଲେ, ଜୀବ ସ୍ୱଭାବତଃ ନିର୍ଗୁଣ, ଈଶ୍ୱର ଓ ନିରଞ୍ଜନ । ମାତ୍ର ଏହି ମାୟା ଶୟଳରେ ଦେହ କହିବା ହେତୁ ଅବିଦ୍ୟାରେ ବନ୍ଧନ ହୋଇଯାଏ । ଅର୍ଥାତ୍ ଈଶ୍ୱର ନିଜ ମାୟାକୁ ନିଜେ ଅବଲମ୍ବନ କରିବା ଦ୍ୱାରା ନିଜେ ହିଁ ପ୍ରପଞ୍ଚ ରୂପେ ପ୍ରତୀତ ହୁଅନ୍ତି । ଈଶ୍ୱର ଅଂଶୀ ଏହି ଜୀବ ଅଭ୍ୟାସ ବଶତଃ ନିଜକୁ କର୍ତ୍ତା ଭୋକ୍ତା ଇତ୍ୟାଦି ମନେ କରିଥାଏ । ଯେ ପର୍ଯ୍ୟନ୍ତ ଜୀବର ଏହିପରି ଦେହାଭିମାନ ରହିଥାଏ ସେ ପର୍ଯ୍ୟନ୍ତ ସେ ଶାସ୍ତ୍ର ବିଧି, ନିୟମ ନିଷେଧ ଆଦି ମାନି ଚଳିବା ଉଚିତ୍ । ଦେହାଭିମାନୀ ଜୀବର ଚିତ୍ତ ଶୁଦ୍ଧି ନିମିତ୍ତ ତାକୁ ପ୍ରଥମେ ନିଷ୍କାମ କର୍ମ ବା କେବଳ ସୁକର୍ମ କରିବାକୁ କୁହାଯାଏ । ଯେତେବେଳେ ତାର ଚିତ୍ତ ଶୁଦ୍ଧି ହୋଇ ଅନ୍ତରରୁ ଦେହାଭିମାନ ଲୋପପାଇ ଭକ୍ତିଭାବର ଉଦ୍ରେକ ହୁଏ ସେତେବେଳେ ଭକ୍ତିର ପରିପନ୍ଥି କର୍ମ ଆସକ୍ତି ନିବାରଣ ନିମିତ୍ତ ତାହାକୁ କର୍ମ-ରହିତ ହୋଇ ଦୃଢ ବିଶ୍ୱାସର ସହିତ କେବଳ ଭଜନ କୀର୍ତ୍ତନ କରିବାର ନିର୍ଦ୍ଦେଶ ଦିଆଯାଏ । ଭଜନ କୀର୍ତ୍ତନ ଦ୍ୱାରା ଯେତେବେଳେ ତାହାଠାରେ ବିଦ୍ୟା ବା ଜ୍ଞାନର ଉଦୟ ହୁଏ ସେତେବେଳେ ଜୀବର ଅନ୍ୟ କର୍ତ୍ତବ୍ୟ ରହେନାହିଁ । ତାହାର ଭ୍ରାନ୍ତି ସମୂଳେ ଲୋପହୁଏ ଓ ସେ ବନ୍ଧନ ମୁକ୍ତ ହୋଇଯାଏ । ଜ୍ଞାନୋଦୟ ଫଳରେ ଜୀବାତ୍ମା ଧର୍ମମାର୍ଗରେ ମଧ୍ୟ ଷଡଚକ୍ର ଭେଦ କରି ବ୍ରହ୍ମ ଦର୍ଶନ କରିପାରେ । ଅଦୃଶ୍ୟ ଭାବରେ ଥିବା ଅଗ୍ନି ଲୌହ, ପାଷାଣର ଘର୍ଷଣରେ ଦୃଶ୍ୟ ହେବାପରି ଧ୍ୟାନ ଯୋଗ ବଳରେ ଜୀବ, ତାହାଠାରେ ପ୍ରଚ୍ଛନ୍ନ ଭାବେ ଥିବା ଆତ୍ମାର ସ୍ୱରୂପକୁ ଦର୍ଶନ କରିପାରେ । ଘୃତ ଓ ସମୀଧ ସଂଯୋଗରେ ଅଗ୍ନି ବଳବାନ ହୋଇ ପ୍ରଜ୍ୱଳିତ ହେବାପରି ବେଦାଦି ଶାସ୍ତ୍ର ପଠନ ଦ୍ୱାରା ଜୀବର ଆତ୍ମା ପରମାତ୍ମା ଜ୍ଞାନ ଉନ୍ନତ ଓ ମାର୍ଜିତ ହୁଏ । ସେ ଉପଲବ୍ଧି କରେ, ସେହି ନିତ୍ୟ, ସନାତନ,ଅନନ୍ତଶକ୍ତିଧାରୀ ହରି ନିଜର ମାୟାକୁ ସଂଯୋଗ କରି ରଜୋଗୁଣ ଦ୍ୱାରା ପ୍ରଥମେ ଏକ ରୂପରୁ ଅସଂଖ୍ୟ ରୂପ ପ୍ରକାଶ କରେ । ସତ୍ୱଗୁଣ ଦ୍ୱାରା ନିଜ ସୃଷ୍ଟିକୁ ପାଳନ କରେ ଓ ତମୋ ଗୁଣ ସଂଯୋଗରେ ତାହା ନାଶ କରେ । ଗୋଟିଏ ବୀଜରୁ ବିରାଟ ବୃକ୍ଷ ସୃଷ୍ଟି ହେବାପରି କର୍ମ ରୂପକ ବୀଜରୁ ସଂସାର ରୂପୀ କଳ୍ପବୃକ୍ଷ ଜାତ ହୋଇ ପତ୍ର ପୁଷ୍ପ ଫଳ ଧାରଣ କରେ ଓ ସେହି ଅନନ୍ତ ବାସନାରୂପୀ ଫଳରୁ ପୁଣି ବୃକ୍ଷାଙ୍କୁର ଜାତ ହୁଏ । ତ୍ରିଗୁଣ ଏହି ବୃକ୍ଷର କାଣ୍ଡ । ପଞ୍ଚଭୂତ ପଞ୍ଚଡାଳ, ଶତାଦ୍ଧି ପଞ୍ଚରସ ଯୁକ୍ତ, ଶାଖା ସମୂହ ଏକାଦଶ ଇନ୍ଦ୍ରିୟଗଣ । ଏହି ବୃକ୍ଷର ତିନିଧାତୁ-ବାୟୁ, ପିତ୍ତ ଓ କଫ । କୃଷ୍ଣ ଶୁକ୍ଳ(ଦୁଃଖସୁଖ) ଦୁଇଫଳ । ଭୋଗ ଓ ତ୍ୟାଗ ବା ଜୀବାତ୍ମା ଓ ପରମାତ୍ମାରୂପୀ ଦୁଇପକ୍ଷୀ ମଧ୍ୟରୁ ଗୋଟାଏ ବଳ ପୂର୍ବକ ସେ ଫଳଖାଇ କାଳରୂପୀ କିରାତ ଜାଲରେ ପଡେ ଓ ଅନ୍ୟପକ୍ଷୀ କ୍ଷୁଧା ସଂଯମ କରି ସମସ୍ତ ଘଟଣାକୁ ସାକ୍ଷୀରୂପେ ଦର୍ଶନ କରେ ଏବଂ ମୁକ୍ତ ଓ ଆନନ୍ଦିତ ଥାଏ । ହେ ଉଦ୍ଧବ, ଏକଇ ବ୍ରହ୍ମ, ମାୟା ସଂଯୋଗରେ ନାନାରୂପ ଧରି ଏ ସଂସାରରେ ଭ୍ରମଣ କରେ । ଏହା ହିଁ ତୁମେ ଉତ୍ତମଭାବେ ଉପଲବ୍ଧି କରି ଭକ୍ତି କୁଠାର ଦ୍ୱାରା ସେ ମାୟା ବନ୍ଧନକୁ ଛିନ୍ନ କର । ଏହା ଦ୍ୱାରା ଜ୍ଞାନ ଉପଲବ୍ଧି ସମ୍ଭବ ହେବ ।

### ୧୩ଶ ଅଧ୍ୟାୟ, ସନକାଦି ଚାରିଭାଇଙ୍କୁ ହଂସ ରୂପରେ ଭଗବାନଙ୍କ ଉପଦେଶ ପ୍ରଦାନ

ଉଦ୍ଧବଙ୍କ ମନରେ ଆସିଲା ଯେ ତ୍ରିଗୁଣର ବୃତ୍ତି ସମୂହ ମନୁଷ୍ୟର ପ୍ରତିବନ୍ଧକ ରୂପେ ରହିଥିବାରୁ ଜ୍ଞାନୋତ୍ପତ୍ତି ସମ୍ଭବ ନୁହେଁ ; ଏଣୁ ଭଗବାନ ଉଦ୍ଧବଙ୍କ ମନକଥା ଜାଣି କହିଲେ,ସତ୍ତ୍ୱ, ରଜ ଓ ତମ ଏହି ତିନିଗୋଟି ହେଲା ପ୍ରକୃତିର ଗୁଣ । ଆତ୍ମାର ଗୁଣ ନୁହେଁ । ତେଣୁ ସତ୍ତ୍ୱ ଗୁଣ ଦ୍ୱାରା ଅନ୍ୟ ଦୁଇଗୁଣକୁ ନଷ୍ଟ କରିଦେବା ସମ୍ଭବ । ତାହାହେଲେ ସତ୍ୱ ଭକ୍ତିର ବିକାଶ ହୋଇ ଦିବ୍ୟ ଜ୍ଞାନ ଉଦୟ ହେବ । ମୁଁ ତୁମକୁ କହିଛି ଏହି ଭକ୍ତି ହିଁ ମୋତେ ଲାଭ କରିବାର ଉତ୍ତମ ଓ ପ୍ରକୃଷ୍ଟ ପନ୍ଥା । ଭକ୍ତିହୀନ ଜ୍ଞାନ ନିରର୍ଥକ । ଏହି ଭକ୍ତିଯୋଗ ଦ୍ୱାରା ସାତ୍ୱିକ ଗୁଣର ବିକାଶ କରିବ । ଏବଂ ଏହି ସତ୍ୱଗୁଣ ରୂପକ ତୀକ୍ଷ୍ଣ ଅସ୍ତ୍ର ଦ୍ୱାରା ରଜ ଓ ତମ ଗୁଣକୁ ଜୟ କରିବ । ଏହି ଗୁଣ ପ୍ରକୃତିର ଧର୍ମ ବୋଲି ତାହାର ଉଚ୍ଛେଦ ସମ୍ଭବ । ଯଦି ତାହା ଆତ୍ମାର ଧର୍ମ ହୋଇଥାନ୍ତା ତେବେ ଏହି ଗୁଣଗୁଡିକ ଚିରକାଳ ରହନ୍ତା । କାରଣ ଈଶ୍ୱର ରୂପୀ ଆତ୍ମା ଅବିନାଶୀ । ନତ୍ୟ, ନିର୍ଗୁଣ, ସତ୍ୟ ଓ ସନାତନ । ତାହାର ଭେଦାଭେଦ ନାହିଁ । ସତ୍ୱଗୁଣ ଦ୍ୱାରା ରଜ ଓ ତମ କୁ ନଷ୍ଟ କରିପାରିଲେ ଅଧର୍ମ କ୍ଷୟ ହୋଇଯାଏ  ଓ ସାତ୍ୱିକ ଜ୍ଞାନ ପ୍ରକାଶ ପାଏ । ଏହାକୁ ଆଗମ ଓ ନିଗମ ମାର୍ଗରେ ନିର୍ମଳ ଭାବେ ସାଧନା କରିବାକୁ ହେବ । ତ୍ରିଗୁଣ ବୃତ୍ତି ସମୂହ ମଧ୍ୟରେ ପରସ୍ପର ସଂଘର୍ଷ ହେବା ସ୍ୱାଭାବିକ । ସଂସାରର ସମସ୍ତ ବସ୍ତୁ ତ୍ରିଗୁଣ ଜଡିତ । ଶାସ୍ତ୍ର, ଜଳ, ପ୍ରଜା, ଦେଶ, କାଳ, କର୍ମ, ଜନ୍ମ, ଧ୍ୟାନ, ମନ୍ତ୍ର ଓ ସଂସ୍କାର ଏହି ଦଶଗୋଟି ଗୁଣ ସମୂହର ବୃଦ୍ଧିକାରକ ଅଟେ । ତେଣୁ ହେ ଉଦ୍ଧବ ତୁମେ ଏହି ଦଶବିଧ ବିଭାଗକୁ କେବଳ ସତ୍ୱଗୁଣର ସାଧନ କରିବ । କେବଳ ନିବୃତ୍ତି ମୂଳକ ପରମାର୍ଥ ଶାସ୍ତ୍ର ଅଭ୍ୟାସ କରିବ । ତର୍କ ବହୁଳ ପ୍ରବୃତ୍ତି ମୂଳକ ନାସ୍ତିକତା ପ୍ରକାଶକ ପାଷାଣ୍ଡ ଶାସ୍ତ୍ର ସମୂହ ବର୍ଜନ କରିବ । ଦୁର୍ଗନ୍ଧ ବାରି ବା ଅତିରିକ୍ତ ସଂସାରୀ ସଙ୍ଗ ପରିହାର କରିବ ଓ ସର୍ବଦା ସତସଙ୍ଗ କରିବା ସଦବ୍ୟକ୍ତି ଅଭାବରେ ମୋର ପ୍ରତିମାକୁ ପୂଜାର୍ଚ୍ଚନା ଓ ଆରାଧନା ଦ୍ୱାରା ନିଜର ସଙ୍ଗୀରେ ପରିଣତ କରାଯାଇପାରେ । ନିର୍ଜନ ଓ ପବିତ୍ର କୋଳାହଳ ଶୂନ୍ୟ ସ୍ଥାନରେ ବାସ କରିବ । ଜୁଆ ଆଡ୍ଡା, ବେଶ୍ୟାଳୟ, ରଙ୍ଗାଳୟ ଆଦିଠାରୁ ଦୂରରେ ରହିବ । ବ୍ରହ୍ମ ମୁହୂର୍ତ୍ତରେ ସ୍ନାନ ଶୌଚ ସମାପନ କରି ଧ୍ୟାନ କରିବ । ଯଥା ସମ୍ଭବ ସକାମ କର୍ମ ତ୍ୟାଗ କରିବ । ବୈଷ୍ଣବାଦି ମତରେ ଦୀକ୍ଷା ଗ୍ରହଣ କରି ନବଜନ୍ମ ଲାଭ କରି କେତେକ ସାତ୍ୱିକ କର୍ମରେ ରତ ରହିବ । ବିଷ୍ଣୁଙ୍କୁ ଧ୍ୟାନ କରି ପ୍ରଣବାଦି ବିଷ୍ଣୁ ମନ୍ତ୍ର ବ୍ୟତୀତ ଇତର ଦେବତାର ଦୀକ୍ଷା ଗ୍ରହଣ କରିବ ନାହିଁ । ସ୍ତ୍ରୀ ଲୋକ ବା ଶତ୍ରୁର ଚିନ୍ତା କରିବ ନାହିଁ । ଯେଉଁ ଚିତ୍ତ ଈଶ୍ୱର ଭାବରେ ଦୃଢ ସେ ଶତ୍ରୁଠାରୁ ବିପଦର ଆଶଙ୍କା କରେ ନାହିଁ । ତାର ଦୃଢ ମତ ଯେ ସମ୍ପଦ ଓ ବିପଦର ଗୋଟିଏ ମାତ୍ର ଉତ୍ପତ୍ତି ସ୍ଥଳ ଓ ଉଭୟର ଦାତା ଏକ । ଈଶ୍ୱର ଭାବରେ ଦୃଢ ଚିତ୍ତ ନାରୀ ଭାବରେ ମଧ୍ୟ ଚଞ୍ଚଳ ହୁଏନାହିଁ । ସଂସାରରେ ଯାହା କଲେ ଚିତ୍ତ ଶୁଦ୍ଧିହୁଏ ତାହା କରଣୀୟ । ନିଜ ଦେହ ବା ଗୃହର ନହୋଇ ପାର୍ଶ୍ୱର ମଧ୍ୟ କର୍ମ କରିବା କର୍ତ୍ତବ୍ୟ । ଏହାକଲେ ରଜ ଓ ତମ ଗୁଣର ବିନାଶ ହୋଇ ସାତ୍ୱିକ ଗୁଣର ପ୍ରକାଶ ହୋଇଥାଏ ।

( କ୍ରମଶଃ )

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

ସମ୍ପର୍କର ଗାଣ୍ଠି

# ଈଶ୍ୱରଙ୍କ ସାନିଧ ହିଁ ମଣିଷକୁ ଜିତାଏ



ଶ୍ୱେତା ରାଉତ୍

ଅନେକ ଥର ଏମିତି ହୁଏ, ଆମେ ପୂର୍ଣ୍ଣ ପ୍ରଚେଷ୍ଟା , ନିଷ୍ଠା,ସମର୍ପଣ ପରେ ବି ଅସଫଳ ହେଉ ଏବଂ ଭାଗ୍ୟ ଖରାପ ବୋଲି ମନକୁ ସାନ୍ତ୍ୱନା ଦେବାକୁ ପଡେ । ଈଶ୍ୱର ଆମ ସହ କପଟ କଲେ ବୋଲି ଅଭିମାନ କରୁ । ସତ କହିବାକୁ ଗଲେ ଆମ ଭାଗ୍ୟ ଈଶ୍ୱର ଲେଖି ନଥାନ୍ତି, ଆମ କର୍ମ ହିଁ ଆମ ଭାଗ୍ୟ ନିର୍ଦ୍ଧାରଣ କରେ । ଈଶ୍ୱର ସବୁବେଳେ ସମସ୍ତଙ୍କ ଭଲ କରନ୍ତି, କିନ୍ତୁ ମନୁଷ୍ୟ ଭଲ ସମୟରେ ନିଜର ବାହାଦୂରୀ ଓ ଖରାପ ସମୟରେ ଈଶ୍ୱରଙ୍କୁ ଦୋଷ ଦେଇଥାଏ ।

ମହାଭାରତ ଯୁଦ୍ଧ ସରିବା ପରେ ପାଣ୍ଡବମାନେ ଜିତିଥିଲେ । ପୃଥିବୀର ଶ୍ରେଷ୍ଠ ଧନୁର୍ଦ୍ଧର ଭାବେ ଜିତିବାର ଏକ ଅନନ୍ୟ ଆନନ୍ଦ ଥିଲା ଅର୍ଜୁନଙ୍କ ଭିତରେ । ରଥରେ ଅନେକ ବାଟ ଯାତ୍ରା କଲାପରେ ଅର୍ଜୁନ, ଶ୍ରୀକୃଷ୍ଣଙ୍କୁ କହିଲେ ‘ମାଧବ ଏବେ ତ ଯୁଦ୍ଧ ସରିଗଲା, ରଥରୁ ଓହ୍ଲାଇ ଆସ’ ।

ଯୁଦ୍ଧ ସମାପ୍ତ ହେବାପରେ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ରଥରୁ ଓହ୍ଲାଇବାକୁ କହିଥିଲେ । ପ୍ରଥମେ ଶ୍ରୀକୃଷ୍ଣ ଓହ୍ଲାଇବା ପରେ ସେ ନିଜେ ଓହ୍ଲାଇବେ ବୋଲି ଅନୁରୋଧ କରିଥିଲେ । କିନ୍ତୁ ଶ୍ରୀକୃଷ୍ଣ ମନା କରିଦେଇଥିଲେ । ପ୍ରଥମେ ଅର୍ଜୁନଙ୍କୁ ରଥରୁ ଓହ୍ଲାଇବାକୁ ଶ୍ରୀକୃଷ୍ଣ କହିଥିଲେ । ଶ୍ରୀକୃଷ୍ଣଙ୍କ କଥା ମାନି ଅର୍ଜୁନ ପ୍ରଥମେ ରଥରୁ ଓହ୍ଲାଇ ପଡ଼ିଥିଲେ । ଏହାପରେ ଶ୍ରୀକୃଷ୍ଣ ଓହ୍ଲାଇଥିଲେ ପରେ ଶେଷନାଗ ପାତାଳକୁ ଚାଲି ଯାଇଥିଲେ ଏବଂ ହନୁମାନ ରଥରୁ ଅନ୍ତର୍ଦ୍ଧାନ ହୋଇଯାଇଥିଲେ । ଯେମିତି ସମସ୍ତେ ରଥରୁ ଓହ୍ଲାଇ ପଡିଲେ ଅର୍ଜୁନଙ୍କ ରଥରେ ନିଆଁ ଲାଗିଗଲା । ଦେଖୁ ଦେଖୁ ସମ୍ପୂର୍ଣ୍ଣ ରଥ ଜଳିଗଲା । ଏହା ଦେଖି ଅର୍ଜୁନ ଆଶ୍ଚର୍ଯ୍ୟ ହୋଇଗଲେ । ସେ ଶ୍ରୀକୃଷ୍ଣଙ୍କୁ ପଚାରିଲେ ରଥରେ ନିଆଁ କେମିତି ଲାଗିଲା ।


ଅର୍ଜୁନଙ୍କ ପ୍ରଶ୍ନରେ ଶ୍ରୀକୃଷ୍ଣ ଖୁବ ସୁନ୍ଦର ଉତ୍ତର ଦେଇଥିଲେ । ସେ କହିଥିଲେ ରଥ ଭୀଷ୍ମ ପିତାମହ, ଗୁରୁ ଦ୍ରୋଣ ଓ ମହାରଥୀ କର୍ଣ୍ଣଙ୍କ ଦିବ୍ୟାସ୍ତ୍ର ପ୍ରହାରରେ ନଷ୍ଟ ହୋଇ ସାରିଥିଲା । କିନ୍ତୁ ରଥ ଧ୍ୱଜାରେ ହନୁମାନ ବିରାଜମାନ କରିଥିଲେ ଏବଂ ସେ ସ୍ୱୟଂ ରଥର ସାରଥୀ ଥିଲେ । ସେଥିପାଇଁ କେବଳ ତାଙ୍କ ସଂକଳ୍ପ ଯୋଗୁଁ ରଥ ଚାଲୁଥିଲା । ଏବେ ରଥର କାମ ସଂପୂର୍ଣ୍ଣ ହୋଇସାରିଛି, ସେଥିପାଇଁ ସେ ରଥ ଛାଡି ଦେଲେ ଏବଂ ରଥରୁ ଓହ୍ଲାଇ ପଡ଼ିଥିଲେ । ସେ ନିଜେ ରଥରୁ ଓହ୍ଲାଇ ପଡିବା ପରେ ରଥ ଭସ୍ମ ହୋଇଯାଇଥିଲା ବୋଲି ସେ ଅର୍ଜୁନଙ୍କୁ କହିଥିଲେ ।

ରଥ ହେଉ କି ଅର୍ଜୁନ ହୁଅନ୍ତୁ, ଈଶ୍ୱରଙ୍କ କୃପା ଓ ସାନିଧ ଯେଉଁଠି ଥାଏ, ସେଠି ହାରିବାର ପ୍ରଶ୍ନ ନଥାଏ । ଅର୍ଜୁନ କେବଳ ନିଜ ବିରତ୍ୱ ପାଇଁ ନୁହେଁ, ଭଗବାନ ଶ୍ରୀକୃଷ୍ଣଙ୍କ ସାନିଧ ପାଇଁ ଜିତିଥିଲେ । ତେଣୁ ଆମେ ଯେତେ ପ୍ରଚେଷ୍ଟା କଲେ ମଧ, ଆମର ପ୍ରଚେଷ୍ଟା ସହିତ ଈଶ୍ୱରଙ୍କ ଆଶୀର୍ବାଦ ରହିବା ନିହାତି ଜରୁରୀ । ଏ ଆଶୀର୍ବାଦ କେବଳ ଭଲ କର୍ମ ଦ୍ୱାରା ପ୍ରାପ୍ତ ହୋଇଥାଏ, ଯାହା ଭଲ ଭାଗ୍ୟ ଗଢି ଆମକୁ ସଫଳତା ଦେଇଥାଏ ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ମସ୍ତିଷ୍କକୁ ଚୁପଚାପ୍ କ୍ଷତି ପହଞ୍ଚାଉଛି ଏହି ଅଭ୍ୟାସ: ସତର୍କ କଲେ ନ୍ୟୁରୋସର୍ଜନ

**ଆମ ଶରୀରର କମାଣ୍ଡ ସେଣ୍ଟର ଭାବେ ମସ୍ତିଷ୍କ ଚିନ୍ତା, ସ୍ମୃତି, ଗତିବିଧି, ନିଷ୍ପତ୍ତି ନେବା ଓ ଭାବନା ନିୟନ୍ତ୍ରଣ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ କାମ କରିଥାଏ । ହେଲେ ଦୈନନ୍ଦିନ ଜୀବନର କିଛି ଅଭ୍ୟାସ ଧୀରେ ଧୀରେ ମସ୍ତିଷ୍କର ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇପାରେ । ନିଦ୍ରା ଅଭାବଠାରୁ ଆରମ୍ଭ କରି ଅତ୍ୟଧିକ ସ୍କ୍ରିନ୍ ବ୍ୟବହାର, ଅସ୍ୱାସ୍ଥ୍ୟକର ଖାଦ୍ୟ ଓ ଲଗାତାର ମାନସିକ ଚାପ ଆଦି ଅନେକ କାରଣ ଏଥିପାଇଁ ଦାୟୀ ହୋଇପାରେ । ବିଶେଷଜ୍ଞଙ୍କ ମତରେ, ପ୍ରତିଦିନର ଜୀବନଶୈଳୀରୁ ହିଁ ମସ୍ତିଷ୍କର ଯତ୍ନ ନେବା ଆବଶ୍ୟକ ।**



### *ମସ୍ତିଷ୍କର ଯତ୍ନ ନେବା ଆବଶ୍ୟକ*

*୧. ପର୍ଯ୍ୟାପ୍ତ ନିଦ୍ରା ନ ନେବା*

ନିଦ୍ରା ସମୟରେ ମସ୍ତିଷ୍କ ସ୍ମୃତିକୁ ପ୍ରକ୍ରିୟାକରଣ କରିବା ସହ ଶରୀର ଓ ମସ୍ତିଷ୍କକୁ ପୁନଃସତେଜ କରିଥାଏ । ନିୟମିତ ଭାବେ କମ୍ ଶୋଇଲେ ଏକାଗ୍ରତା, ସ୍ମୃତି, ନିଷ୍ପତ୍ତି ନେବା କ୍ଷମତା ଓ ଭାବନା ନିୟନ୍ତ୍ରଣ ପ୍ରଭାବିତ ହୋଇପାରେ ।

*୨. ଦୀର୍ଘ ସମୟ ଧରି ବସି ରହିବା*

ଘଣ୍ଟା ଘଣ୍ଟା ଧରି ଗୋଟିଏ ସ୍ଥାନରେ ବସି ରହିବା ଶାରୀରିକ ନିଷ୍କ୍ରିୟତା ବଢାଇଥାଏ । ଏହା ମେଦବହୁଳତା, ମଧୁମେହ ଓ ଉଚ୍ଚ ରକ୍ତଚାପ ଭଳି ସମସ୍ୟାର ଆଶଙ୍କା ବଢ଼ାଇପାରେ, ଯାହା ପରୋକ୍ଷ ଭାବେ ମସ୍ତିଷ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ ।

*୩. ଅତ୍ୟଧିକ ସ୍କ୍ରିନ୍ ସମୟ*

କାମ, ସୋସିଆଲ ମିଡିଆ ଓ ମନୋରଞ୍ଜନ ପାଇଁ ଅତ୍ୟଧିକ ସମୟ ସ୍କ୍ରିନ୍ ?ରେ ବିତାଇବା ମାନସିକ ଥକ୍କାପଣ, ଧ୍ୟାନରେ ବାଧା ଓ ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିପାରେ । ଲଗାତାର ମଲ୍ଟିଟାସ୍କିଂ ମଧ ମସ୍ତିଷ୍କର ଏକାଗ୍ରତାକୁ ପ୍ରଭାବିତ କରେ ।

*୪. ଅସ୍ୱାସ୍ଥ୍ୟକର ଖାଦ୍ୟ ଓ କମ୍ ପାଣି ପିଇବା*

ଅତ୍ୟଧିକ ଚିନିଯୁକ୍ତ ପାନୀୟ, ପ୍ରକ୍ରିୟାକୃତ ଖାଦ୍ୟ, ଭଜା ସ୍ନାକ୍ସ ଓ ଅସ୍ୱାସ୍ଥ୍ୟକର ଚର୍ବି ଥିବା ଖାଦ୍ୟ ଦୀର୍ଘକାଳରେ ଶରୀରର ମେଟାବଲିକ୍ ଓ ରକ୍ତବାହୀ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିପାରେ । ପର୍ଯ୍ୟାପ୍ତ ପାଣି ନ ପିଇଲେ ଥକ୍କାପଣ ଓ ମାନସିକ ଅସ୍ୱଷ୍ଟତା ଅନୁଭବ ହୋଇପାରେ ।

*୫. ଧୂମପାନ*

ଧୂମପାନ ରକ୍ତବାହୀ ନଳୀକୁ କ୍ଷତି ପହଞ୍ଚାଇ ଷ୍ଟ୍ରୋକ୍‌ର ଆଶଙ୍କା ବଢାଇପାରେ । ସେହିପରି ଅତ୍ୟଧିକ ମଦ୍ୟପାନ ସ୍ମୃତି, ନିଷ୍ପତ୍ତି ନେବା କ୍ଷମତା, ନିଦ୍ରା ଓ ଦୀର୍ଘକାଳୀନ ମସ୍ତିଷ୍କ କାର୍ଯ୍ୟକୁ ପ୍ରଭାବିତ କରିପାରେ ।

*୬. ଲଗାତାର ମାନସିକ ଚାପ*

କିଛି ସମୟ ପାଇଁ ଚାପ ସାଧାରଣ ହୋଇଥିଲେ ମଧ ଦୀର୍ଘ ସମୟ ଧରି ଚାପରେ ରହିବା ନିଦ୍ରା, ଏକାଗ୍ରତା, ମନୋବଳ ଓ ରକ୍ତଚାପକୁ ପ୍ରଭାବିତ କରିପାରେ । ଏହା ଥକ୍କାପଣ ଓ ମାନସିକ କାର୍ଯ୍ୟକ୍ଷମତା ହ୍ରାସ ସହ ଜଡିତ ହୋଇପାରେ ।

*୭. ରକ୍ତଚାପ*

ଉଚ୍ଚ ରକ୍ତଚାପ, ମଧୁମେହ ଓ ଉଚ୍ଚ କୋଲେଷ୍ଟ୍ରଲ ଅନେକ ସମୟରେ ସ୍ୱଷ୍ଟ ଲକ୍ଷଣ ବିନା ରହିପାରେ । ନିୟନ୍ତ୍ରଣରେ ନ ରହିଲେ ଏଗୁଡିକ ରକ୍ତବାହୀ ନଳୀକୁ କ୍ଷତି ପହଞ୍ଚାଇ ଷ୍ଟ୍ରୋକ୍ ଓ ଅନ୍ୟାନ୍ୟ ମସ୍ତିଷ୍କ ସମ୍ବନ୍ଧୀୟ ସମସ୍ୟାର ଆଶଙ୍କା ବଢ଼ାଇପାରେ ।

### *ଷ୍ଟ୍ରୋକ୍‌ର ସଙ୍କେତକୁ ଅଣଦେଖା କରନ୍ତୁ ନାହିଁ*

ହଠାତ୍ ମୁହଁ ଗୋଟିଏ ପଟକୁ ଝୁଲିଯିବା, ହାତ କିମ୍ବା ଗୋଡ଼ରେ ଦୁର୍ବଳତା, କଥା ଅସ୍ୱଷ୍ଟ ହେବା, ଦୃଷ୍ଟିରେ ପରିବର୍ତ୍ତନ, ସନ୍ତୁଳନ ହରାଇବା, ଦ୍ୱନ୍ଦ୍ୱ କିମ୍ବା ହଠାତ୍ ପ୍ରବଳ ମୁଣ୍ଡବିନ୍ଧା ଭଳି ଲକ୍ଷଣକୁ କେବେ ଅଣଦେଖା କରନ୍ତୁ ନାହିଁ । ଏପରି ଲକ୍ଷଣ ଦେଖାଦେଲେ ଅପେକ୍ଷା ନକରି ତୁରନ୍ତ ଜରୁରୀକାଳୀନ ଚିକିତ୍ସା ସହାୟତା ନେବା ଆବଶ୍ୟକ ।

# ସାଇବର ଠକେଇ ରୋକିବାକୁ 'ବିଳମ୍ବିତ ନେଣଦେଣ': ସମାଧାନ ନା ନୂଆ ସମସ୍ୟାର ଆରମ୍ଭ ?

ଆଜିର ଡିଜିଟାଲ୍ ଯୁଗରେ ଭାରତ ଦ୍ରୁତ ଗତିରେ ଏକ ନଗଦବିହୀନ ଏବଂ ଇଣ୍ଟରନେଟ୍-ନିର୍ଭରଶୀଳ ଅର୍ଥନୀତି ଆଡ଼କୁ ଅଗ୍ରସର ହେଉଥିବା ବେଳେ, ସାଇବର ଅପରାଧର ମାତ୍ରା ମଧ୍ୟ ସେହି ଅନୁପାତରେ ବୃଦ୍ଧି ପାଇବାରେ ଲାଗିଛି । ବିଶେଷ କରି ସାମ୍ପ୍ରତିକ ସମୟରେ 'ଡିଜିଟାଲ୍ ଆରେଷ୍ଟ' ବା ଡିଜିଟାଲ୍ ଗିରଫଦାରୀ ନାମକ ଏକ ନୂତନ ତଥା ଭୟଙ୍କର ସାଇବର ଠକେଇ ସମଗ୍ର ଦେଶରେ ଆତଙ୍କ ଖେଳାଇ ଦେଇଛି । ସାଧାରଣ ନାଗରିକଙ୍କ ଠାରୁ ଆରମ୍ଭ କରି ଉଚ୍ଚପଦସ୍ଥ ଅଧିକାରୀ, ବୟସ୍କ ବ୍ୟକ୍ତି ଏବଂ ଅବସରପ୍ରାପ୍ତ କର୍ମଚାରୀମାନେ ଏହି ଅତ୍ୟାଧୁନିକ ଠକେଇର ଶିକାର ହେଉଛନ୍ତି । ଏହି ଗମ୍ଭୀର ସମସ୍ୟାକୁ ଦୃଷ୍ଟିରେ ରଖି ନିକଟରେ, ଅର୍ଥାତ୍ ୨୦୨୬ ମସିହା ଅଗଷ୍ଟ ୪ ତାରିଖରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଏକ ଐତିହାସିକ ତଥା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି । ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ବିଚାରପତି ଜୟମାଲ୍ୟ ବାଗ୍ ?ଚୀ ଏବଂ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ତିନି ଜଣିଆ ଖଣ୍ଡପୀଠ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅଧୀନରେ ଥିବା ଇଣ୍ଡିଆନ୍ ସାଇବର କ୍ରାଇମ୍ କୋଅର୍ଡିନେସନ୍ ସେଣ୍ଟର (ଆଇ୪ସି) ଦ୍ୱାରା ଅଗଷ୍ଟ ୩ ତାରିଖରେ ଦାଖଲ କରାଯାଇଥିବା ଚତୁର୍ଥ ସ୍ଥିତି ରିପୋର୍ଟକୁ ଭିତ୍ତି କରି ପୀଡ଼ିତମାନଙ୍କ ସୁରକ୍ଷା ପାଇଁ କେତେକ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏହି ନିର୍ଦ୍ଦେଶନାମା କେବଳ ଠକେଇର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ନ୍ୟାୟ ପ୍ରଦାନ କରିବାରେ ସହାୟକ ହେବ ନାହିଁ, ବରଂ ଭବିଷ୍ୟତରେ ଏଭଳି ଅପରାଧକୁ ରୋକିବା ପାଇଁ ଏକ ଦୃଢ଼ ସାଂସ୍ଥାନିକ ରୂପରେଖ ମଧ୍ୟ ପ୍ରସ୍ତୁତ କରିବ ।

ଡିଜିଟାଲ୍ ଆରେଷ୍ଟ ହେଉଛି ଏକ ସୁଚିନ୍ତିତ ମାନସିକ ଶୋଷଣ ଏବଂ ଭୟଭୀତ କରାଇବାର କୌଶଳ, ଯେଉଁଥିରେ ଅପରାଧୀମାନେ ନିଜକୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ), ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ), ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), କଷ୍ଟମ୍ସ କିମ୍ବା ପୋଲିସ ବିଭାଗର ବରିଷ୍ଠ ଅଧିକାରୀ ଭାବରେ ପରିଚୟ ଦେଇଥାନ୍ତି । ପ୍ରଥମେ ପୀଡ଼ିତଙ୍କ ନିକଟକୁ ଏକ ସାଧାରଣ ଫୋନ୍ କଲ୍ ଆସିଥାଏ, ଯେଉଁଥିରେ କୁହାଯାଏ ଯେ ସେମାନଙ୍କ ନାମରେ ଆସିଥିବା ଏକ ପାର୍ସଲରେ ବେଆଇନ ସାମଗ୍ରୀ ଯଥା ଡ୍ରଗ୍ସ କିମ୍ବା ଜାଲ୍ ପାସପୋର୍ଟ ରହିଛି କିମ୍ବା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ମନି ଲଣ୍ଡରିଂ ଭଳି ବେଆଇନ କାର୍ଯ୍ୟକଳାପ ସହିତ ଜଡ଼ିତ ଅଛି । ଏହା ପରେ ପୀଡ଼ିତଙ୍କୁ ସ୍କାଇପ୍ କିମ୍ବା ହ୍ୱାଟସ୍‌ଆପ୍ ଭିଡିଓ କଲ୍ ମାଧ୍ୟମରେ ଘଣ୍ଟା ଘଣ୍ଟା ଧରି ଅନଲାଇନ୍ ନଜରବନ୍ଦୀ କରି ରଖାଯାଏ । ଅପରାଧୀମାନେ ନକଲି ପୋଲିସ ଷ୍ଟେସନ୍ ସେଟଅପ୍, ନକଲି ୟୁନିଫର୍ମ, ଜାଲ୍ ଗିରଫ ପରୱାନା ଏବଂ ଡିପ୍‌ଫେକ୍ ଭଳି ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତ୍ତା ଜ୍ଞାନକୌଶଳର ବ୍ୟବହାର କରି ପୀଡ଼ିତଙ୍କ ମନରେ ଆଇନଗତ କାର୍ଯ୍ୟାନୁଷ୍ଠାନର ଗଭୀର ଭୟ ସୃଷ୍ଟି କରନ୍ତି । ଏଠାରେ ଏକ କଠୋର ସତ୍ୟକୁ ସମାଲୋଚନାତ୍ମକ ଦୃଷ୍ଟିକୋଣରୁ ବିଚାର କରିବାକୁ ହେବ ଯେ, ସାଧାରଣ ନାଗରିକମାନେ ଏତେ ସହଜରେ ପୋଲିସ କିମ୍ବା ତଦନ୍ତକାରୀ ସଂସ୍ଥାର ନାମ ଶୁଣି ଭୟଭୀତ ହେବା ଆମର ପ୍ରଶାସନିକ ବ୍ୟବସ୍ଥାର ଏକ ବଡ଼ ବିଫଳତାକୁ ଦର୍ଶାଉଛି । ଆଇନ ଶୃଙ୍ଖଳା ରକ୍ଷାକାରୀ ସଂସ୍ଥାଗୁଡ଼ିକ ପ୍ରତି ଲୋକଙ୍କ ମନରେ ଥିବା ସ୍ୱାଭାବିକ ଭୟ, ପୋଲିସର କାର୍ଯ୍ୟଶୈଳୀ ପ୍ରତି ଥିବା ଅବିଶ୍ୱାସ ଏବଂ ଆଇନଗତ ସୁରକ୍ଷା ଉପରେ ଆସ୍ଥାର ଅଭାବ ହିଁ ଠକମାନଙ୍କର ସବୁଠାରୁ ବଡ଼ ଅସ୍ତ୍ର ପାଲଟିଛି । ଯଦି ଦେଶର ପୋଲିସ ବ୍ୟବସ୍ଥା ଅଧିକ ଜନମୁଖୀ ଏବଂ ପାରଦର୍ଶୀ ହୋଇଥାନ୍ତା, ତେବେ ହୁଏତ ଲୋକମାନେ ଏଭଳି ମିଥ୍ୟା ଧମକରେ ଏତେ ଶୀଘ୍ର ଆତଙ୍କିତ ହୋଇ ନିଜର ସଞ୍ଚିତ ଅର୍ଥ ହସ୍ତାନ୍ତର କରନ୍ତେ ନାହିଁ ।

ଯଦି ଆମେ ଏହି ସାଇବର ଠକେଇର ପରିସଂଖ୍ୟାନ ଉପରେ ନଜର ପକାଇବା, ତେବେ ପରିସ୍ଥିତିର ଭୟାବହତା ଏବଂ ଅର୍ଥନୈତିକ କ୍ଷତିର ମାତ୍ରା ସ୍ପଷ୍ଟ ହୋଇଯିବ । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅଧୀନରେ ଥିବା ଆଇ୪ସିର ତଥ୍ୟ ଅନୁଯାୟୀ, ଗତ ଛଅ ବର୍ଷ ମଧ୍ୟରେ ବିଭିନ୍ନ ସାଇବର ଠକେଇ ମାଧ୍ୟମରେ ଭାରତୀୟମାନେ ପ୍ରାୟ ୫୨,୯୭୬ କୋଟି ଟଙ୍କା ହରାଇଛନ୍ତି, ଯେଉଁଥିରେ ଡିଜିଟାଲ୍ ଆରେଷ୍ଟର ଏକ ବଡ଼ ଅବଦାନ ରହିଛି । ୨୦୨୪ ମସିହାରେ ଏହି ଅପରାଧ ଏକ ଚରମ ସୀମାରେ ପହଞ୍ଚିଥିଲା ଏବଂ କେବଳ ପ୍ରଥମ ତ୍ରୈମାସିକରେ ହିଁ ଲୋକମାନେ ପ୍ରାୟ ୧୨୦.୩୦ କୋଟି ଟଙ୍କା ହରାଇଥିଲେ । ତେବେ ସର୍ବୋଚ୍ଚ ନ୍ୟାୟାଳୟ ନିଜ ରାୟରେ ଉଲ୍ଲେଖ କରିଛନ୍ତି ଯେ ସରକାରୀ ସ୍ତରରେ ନିଆଯାଇଥିବା ପଦକ୍ଷେପ ଏବଂ ବ୍ୟାପକ ସଚେତନତା ଅଭିଯାନ ଫଳରେ ୨୦୨୫ ଏବଂ ୨୦୨୬ ମସିହାରେ ପରିସ୍ଥିତିରେ କିଛିଟା ସୁଧାର ଆସିଛି । ତଥ୍ୟ ଅନୁଯାୟୀ, ୨୦୨୫ ମସିହାରେ ଡିଜିଟାଲ୍ ଆରେଷ୍ଟ ମାମଲାରେ ପ୍ରାୟ ୮୬ ପ୍ରତିଶତ ହ୍ରାସ ଘଟିଛି ଏବଂ ଠକେଇ ହୋଇଥିବା ଅର୍ଥ ପରିମାଣ ମଧ୍ୟ ୬୬.୪ ପ୍ରତିଶତ କମିଛି । ୨୦୨୪ ତୁଳନାରେ ଏହି ହ୍ରାସ ନିଶ୍ଚିତ ଭାବରେ ଏକ ଉତ୍ସାହଜନକ ଖବର, କିନ୍ତୁ ନ୍ୟାୟାଳୟ ସ୍ପଷ୍ଟ କରିଛନ୍ତି ଯେ ଏହି ସକାରାତ୍ମକ ତଥ୍ୟକୁ ଆଧାର କରି ଆମେ ଆମର ସାଂସ୍ଥାନିକ ସତର୍କତା ବା ସୁରକ୍ଷା ବ୍ୟବସ୍ଥାକୁ କୋହଳ କରିପାରିବା ନାହିଁ ।

ଏହି ପରିପ୍ରେକ୍ଷୀରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ଆର୍ଥିକ ସୁରକ୍ଷା ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀ ଅତ୍ୟନ୍ତ ସମୟୋପଯୋଗୀ ଅଟେ, କିନ୍ତୁ ଏହା ଆମ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାର ଏକ ବଡ଼ ତ୍ରୁଟିକୁ ମଧ୍ୟ ଉଜାଗର କରୁଛି । ନ୍ୟାୟାଳୟ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ଆସନ୍ତା ଚାରି ସପ୍ତାହ ମଧ୍ୟରେ ବ୍ୟାଙ୍କଗୁଡ଼ିକ ପାଇଁ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସଓପି) ପ୍ରସ୍ତୁତ କରାଯାଉ । ଏହି ଏସଓପି ମାଧ୍ୟମରେ ସାଇବର ଠକେଇରେ ବ୍ୟବହୃତ ହେଉଥିବା ସନ୍ଦିଗ୍ଧ ବ୍ୟାଙ୍କ ଆକାଉଣ୍ଟ ବା 'ମ୍ୟୁଲ୍ ଆକାଉଣ୍ଟ' ଗୁଡ଼ିକରେ ଥିବା ଅର୍ଥକୁ ତୁରନ୍ତ ରୋକିବା କିମ୍ବା ସାମୟିକ ଭାବରେ ସ୍ଥଗିତ ରଖିବାର ବ୍ୟବସ୍ଥା କରାଯିବ । ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ, ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ କଠୋର 'କେୱାଇସି' (KYC) ନିୟମ ଥାଇ ମଧ୍ୟ ହଜାର ହଜାର ସଂଖ୍ୟାରେ ନକଲି ଆକାଉଣ୍ଟ କିପରି ଖୋଲାଯାଉଛି ଏବଂ ସକ୍ରିୟ ରହୁଛି ? କେବଳ ସର୍ବୋଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ ଏବଂ କଡ଼ା ନିର୍ଦ୍ଦେଶ ପରେ ଆରବିଆଇ ଏବଂ ଅନ୍ୟାନ୍ୟ ବ୍ୟାଙ୍କଗୁଡ଼ିକର ଚେତା ପଶିବା ଆମ ବ୍ୟାଙ୍କିଙ୍ଗ୍ ନିୟାମକ ବ୍ୟବସ୍ଥାର ମନ୍ଥରତା ଏବଂ ଦୂରଦୃଷ୍ଟିର ଘୋର ଅଭାବକୁ ପଦାରେ ପକାଉଛି । ବ୍ୟାଙ୍କଗୁଡ଼ିକ ଗ୍ରାହକଙ୍କ ସୁରକ୍ଷା ଏବଂ ସନ୍ଦିଗ୍ଧ କାରବାର ଉପରେ ନଜର ରଖିବା ଅପେକ୍ଷା କେବଳ ବ୍ୟବସାୟିକ ଲାଭ ଏବଂ ଟାର୍ଗେଟ୍ ପୂରଣ କରିବାକୁ ଅଧିକ ଗୁରୁତ୍ୱ ଦେଉଥିବା ଭଳି ପ୍ରତୀୟମାନ ହେଉଛି । ଏହା ସହିତ ଇଲେକ୍ଟ୍ରୋନିକ୍ ବ୍ୟାଙ୍କିଙ୍ଗ୍ କାରବାରରେ 'ବିଳମ୍ବିତ ନେଣଦେଣ' ବା ଲାଗ୍ଡ୍-କ୍ରେଡିଟ୍ ମେକାନିଜିମ୍ ଲାଗୁ କରିବାକୁ ନ୍ୟାୟାଳୟ ଯେଉଁ ପରାମର୍ଶ ଦେଇଛନ୍ତି, ତାହା ଠକେଇର ଶିକାର ହେବା ପରେ ପୀଡ଼ିତଙ୍କୁ ନିଜର ଟଙ୍କା ଅଟକାଇବା ପାଇଁ କିଛି ମୂଲ୍ୟବାନ ସମୟ ପ୍ରଦାନ କରିବ । ତେବେ ବାସ୍ତବିକ ଦୃଷ୍ଟିକୋଣରୁ ଦେଖିଲେ, ଏହି 'ବିଳମ୍ବିତ ନେଣଦେଣ' ବ୍ୟବସ୍ଥା ତୁରନ୍ତ ଅର୍ଥ ହସ୍ତାନ୍ତର ଉପରେ ନିର୍ଭରଶୀଳ ସାଧାରଣ ଗ୍ରାହକଙ୍କ ପାଇଁ ଅନେକ ଗୁରୁତର ସମସ୍ୟା ଓ ବ୍ୟାବହାରିକ ଅସୁବିଧା ମଧ୍ୟ ସୃଷ୍ଟି କରିବ । ଉଦାହରଣସ୍ୱରୂପ, ଡାକ୍ତରଖାନାରେ ଜରୁରୀକାଳୀନ ଚିକିତ୍ସା ସମୟରେ ତୁରନ୍ତ ବିଲ୍ ପୈଠ କରିବା କିମ୍ବା ଔଷଧ କିଣିବା କ୍ଷେତ୍ରରେ ଅର୍ଥ ହସ୍ତାନ୍ତର ବିଳମ୍ବିତ ହେଲେ ରୋଗୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇପାରେ । ସେହିପରି, କ୍ଷୁଦ୍ର ବ୍ୟବସାୟୀ, ଉଠା ଦୋକାନୀ ଏବଂ ପରିବା ବେପାରୀମାନେ ୟୁପିଆଇ (UPI) ମାଧ୍ୟମରେ ତୁରନ୍ତ ପେମେଣ୍ଟ ଗ୍ରହଣ କରିବା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇଥିବାରୁ, ଏହି ବ୍ୟବସ୍ଥା ସେମାନଙ୍କ ଦୈନନ୍ଦିନ ନଗଦ ପ୍ରବାହକୁ ବାଧାପ୍ରାପ୍ତ କରିବ ଏବଂ ବ୍ୟବସାୟୀ ଓ ଗ୍ରାହକଙ୍କ ମଧ୍ୟରେ ଅବିଶ୍ୱାସର ବାତାବରଣ ସୃଷ୍ଟି କରିବ । ଏହାବ୍ୟତୀତ ରାତି ଅଧରେ ଷ୍ଟେସନରେ ପହଞ୍ଚି ଟ୍ୟାକ୍ସି ଭଡ଼ା ଦେବା, ତତ୍କାଳ ଟିକେଟ୍ ବୁକ୍ କରିବା କିମ୍ବା ଦୂରରେ ଥିବା ପରିଜନଙ୍କୁ ଜରୁରୀ ସହାୟତା ପଠାଇବା ଭଳି କ୍ଷେତ୍ରରେ ଲୋକେ ଘୋର ହଇରାଣ ହେବେ । ତୁରନ୍ତ ଅର୍ଥ ହସ୍ତାନ୍ତର ହିଁ 'ଡିଜିଟାଲ୍ ଇଣ୍ଡିଆ'ର ସବୁଠାରୁ ବଡ଼ ସଫଳତା ହୋଇଥିବାରୁ, ଏହି ନିୟମକୁ ଏକତରଫା ଭାବେ ସମସ୍ତ ନେଣଦେଣ ଉପରେ ଲାଗୁ ନକରି କେବଳ କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ଚିହ୍ନଟ ହୋଇଥିବା ସନ୍ଦିଗ୍ଧ କିମ୍ବା ବଡ଼ ଧରଣର ନୂତନ ଆକାଉଣ୍ଟ କାରବାର କ୍ଷେତ୍ରରେ ସୀମିତ ରଖିବା ଉଚିତ୍ ।

ଆଇନ ଶୃଙ୍ଖଳା ରକ୍ଷାକାରୀ ସଂସ୍ଥାଗୁଡ଼ିକର ଭୂମିକାକୁ ସୁଦୃଢ଼ କରିବା ପାଇଁ ମଧ୍ୟ ନ୍ୟାୟାଳୟ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ସାଧାରଣତଃ ସିବିଆଇ କେବଳ ୧୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଠକେଇ ମାମଲାର ତଦନ୍ତ କରିଥାଏ, ମାତ୍ର ଡିଜିଟାଲ୍ ଆରେଷ୍ଟ ଭଳି ସଙ୍ଗଠିତ ଏବଂ ଆନ୍ତଃରାଜ୍ୟ ଅପରାଧ କ୍ଷେତ୍ରରେ ଏହି ଆର୍ଥିକ ସୀମାକୁ ହ୍ରାସ କରିବା ପାଇଁ ବିଚାର କରିବାକୁ ଆନ୍ତଃ-ବିଭାଗୀୟ କମିଟିକୁ ନିର୍ଦ୍ଦେଶ ଦିଆଯାଇଛି । ସିବିଆଇର ଆର୍ଥିକ ସୀମା ହ୍ରାସ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିଲେ ମଧ୍ୟ ଏହା ବାସ୍ତବ କ୍ଷେତ୍ରରେ କେତେ ସଫଳ ହେବ ତାହା ସନ୍ଦେହଜନକ । କାରଣ ଆମର ତଦନ୍ତକାରୀ ସଂସ୍ଥାଗୁଡ଼ିକ ପାଖରେ ବର୍ଦ୍ଧିତ ସାଇବର ଅପରାଧର ମୁକାବିଲା ପାଇଁ ଆବଶ୍ୟକୀୟ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ଏବଂ ତାଲିମପ୍ରାପ୍ତ ମାନବ ସମ୍ବଳର ଆଜି ବି ଅଭାବ ରହିଛି । ବିଭିନ୍ନ ରାଜ୍ୟ ପୋଲିସ ମଧ୍ୟରେ ସମନ୍ୱୟର ଅଭାବ ଏବଂ ଅମଲାତାନ୍ତ୍ରିକ ଜଟିଳତା କାରଣରୁ ଅନେକ ସମୟରେ ଅପରାଧୀମାନେ ସହଜରେ ଖସିଯାଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ଯେଉଁ ରାଜ୍ୟଗୁଡ଼ିକ ଏପର୍ଯ୍ୟନ୍ତ ରାଜ୍ୟ ସାଇବର କ୍ରାଇମ୍ କୋଅର୍ଡିନେସନ୍ ସେଣ୍ଟର ପ୍ରତିଷ୍ଠା କରିନାହାନ୍ତି, ସେମାନଙ୍କୁ ଆସନ୍ତା ଚାରି ସପ୍ତାହ ମଧ୍ୟରେ ଏହାକୁ କାର୍ଯ୍ୟକ୍ଷମ କରିବାକୁ ଏବଂ 'ଇ-ଜିରୋ ଏଫଆଇଆର' ବ୍ୟବସ୍ଥା ଆପଣାଇବାକୁ ନ୍ୟାୟାଳୟ କଡ଼ା ନିର୍ଦ୍ଦେଶ ଦେଇଛନ୍ତି, ଯାହାଦ୍ୱାରା ପୀଡ଼ିତମାନେ ଥାନାର ସୀମା ବିବାଦରେ ନ ପଡ଼ି ତୁରନ୍ତ ଅଭିଯୋଗ ଦର୍ଜ କରିପାରିବେ ।

ଟେକ୍ନୋଲୋଜିର ଦୁରୂପଯୋଗକୁ ରୋକିବା ପାଇଁ ବୈଷୟିକ ସମାଧାନର ଆବଶ୍ୟକତା ଉପରେ ମଧ୍ୟ ନ୍ୟାୟାଳୟ ଗୁରୁତ୍ୱାରୋପ କରିଛନ୍ତି । ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ, ଦୂରସଞ୍ଚାର ବିଭାଗ ଏବଂ ଆଇ୪ସି ମିଳିତ ଭାବରେ ଡିଜିଟାଲ୍ ଆରେଷ୍ଟ ଠକେଇରେ ବ୍ୟବହୃତ ହେଉଥିବା ଅଡିଓ ଏବଂ ଭିଡିଓ କଲ୍‌ଗୁଡ଼ିକ ପାଇଁ ଏକ ସମୟ-ଆଧାରିତ 'କିଲ୍ ସୁଇଚ୍' ବ୍ୟବସ୍ଥାର ସମ୍ଭାବନା ଉପରେ ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯଦି କୌଣସି ସନ୍ଦିଗ୍ଧ ଆନ୍ତର୍ଜାତୀୟ କଲ୍ ଅସ୍ୱାଭାବିକ ଭାବରେ ଦୀର୍ଘ ସମୟ ଧରି ଚାଲୁଥାଏ, ତେବେ ଏହି ଜ୍ଞାନକୌଶଳ ମାଧ୍ୟମରେ ସେହି କଲ୍‌କୁ ସ୍ୱୟଂଚାଳିତ ଭାବରେ କାଟି ଦିଆଯାଇପାରିବ । ଏଥି ସହିତ, ଜାଲ୍ ସିମ୍ କାର୍ଡ ବିକ୍ରିକୁ ରୋକିବା ପାଇଁ ଟେଲିକମ୍ ସେବା ପ୍ରଦାନକାରୀ କମ୍ପାନୀ ଏବଂ ଏଜେଣ୍ଟମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି । ଦୂରସଞ୍ଚାର କମ୍ପାନୀଗୁଡ଼ିକ ନୂତନ ଗ୍ରାହକ ସୃଷ୍ଟି କରିବା ଏବଂ ନିଜର ବଜାର ଅଂଶଧନ ବୃଦ୍ଧି କରିବା ପ୍ରତିଯୋଗିତାରେ ସୁରକ୍ଷା ନିୟମାବଳୀକୁ ଅନେକାଂଶରେ ଜାଣିଶୁଣି ଅଣଦେଖା କରୁଛନ୍ତି । ସରକାରଙ୍କ 'ସଞ୍ଚାର ସାରଥୀ' ପୋର୍ଟାଲ ମାଧ୍ୟମରେ କୋଟି କୋଟି ସନ୍ଦିଗ୍ଧ ମୋବାଇଲ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲେ ମଧ୍ୟ, କେବଳ ନମ୍ବର ବନ୍ଦ କରିଦେଲେ ସମସ୍ୟାର ମୂଳୋତ୍ପାଟନ ହୋଇପାରିବ ନାହିଁ ।

ଏହି ସମସ୍ତ ପଦକ୍ଷେପ ସହିତ ନ୍ୟାୟାଳୟ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରିଛନ୍ତି, ତାହା ହେଉଛି 'ଯୁଗ୍ମ-ଦାୟିତ୍ୱ ଏବଂ ପୀଡ଼ିତ କ୍ଷତିପୂରଣ' ବ୍ୟବସ୍ଥା । କେବଳ ଗ୍ରାହକଙ୍କ ଅସାବଧାନତା ଉପରେ ସମସ୍ତ ଦୋଷ ଲଦିଦେବା ପରିବର୍ତ୍ତେ, ବ୍ୟାଙ୍କ ଏବଂ ଟେଲିକମ୍ କମ୍ପାନୀମାନଙ୍କୁ ମଧ୍ୟ ନିଜର ସୁରକ୍ଷା ତ୍ରୁଟି ପାଇଁ ଦାୟୀ କରିବା ଦିଗରେ ଆନ୍ତଃ-ବିଭାଗୀୟ କମିଟିକୁ ତର୍ଜମା କରିବାକୁ କୁହାଯାଇଛି । ଯଦି କୌଣସି ବ୍ୟାଙ୍କ ନିଜର ଗ୍ରାହକଙ୍କ ଅସ୍ୱାଭାବିକ ଆର୍ଥିକ କାରବାରକୁ ଚିହ୍ନଟ କରିବାରେ ବିଫଳ ହୁଏ କିମ୍ବା କୌଣସି ଟେଲିକମ୍ କମ୍ପାନୀ ଜାଲ୍ ସିମ୍ କାର୍ଡ ବିକ୍ରିକୁ ରୋକିବାରେ ଅସମର୍ଥ ହୁଏ, ତେବେ ପୀଡ଼ିତଙ୍କ କ୍ଷତିପୂରଣରେ ସେମାନଙ୍କର ମଧ୍ୟ ଭାଗିଦାରୀ ରହିବା ଉଚିତ୍ । ଏହି ବ୍ୟବସ୍ଥା ବାସ୍ତବରେ ଲାଗୁ ହେଲେ କର୍ପୋରେଟ୍ ସଂସ୍ଥାମାନେ ବାଧ୍ୟ ହୋଇ ନିଜର ସୁରକ୍ଷା ଭିତ୍ତିଭୂମିକୁ ଅଧିକ ମଜବୁତ କରିବେ ଏବଂ ନିଜର ଦାୟିତ୍ୱରୁ ଖସିଯାଇପାରିବେ ନାହିଁ । ନ୍ୟାୟାଳୟ ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଉଦ୍ଧାର କରାଯାଇଥିବା ଅର୍ଥ ଯେପରି ଖୁବ୍ ଶୀଘ୍ର ପୀଡ଼ିତଙ୍କ ବ୍ୟାଙ୍କ ଖାତାକୁ ଫେରିଯିବ, ସେଥିପାଇଁ ଆରବିଆଇ ଓମ୍ବୁଡ୍ ?ସମ୍ୟାନ୍ ଏବଂ ଖାଉଟି ଅଦାଲତଗୁଡ଼ିକ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ।

ପରିଶେଷରେ, କେବଳ ଆଇନ ଏବଂ ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ଏହି ବୃହତ୍ ସାଇବର ବିପଦର ମୁକାବିଲା ସମ୍ପୂର୍ଣ୍ଣ ରୂପେ ସମ୍ଭବ ନୁହେଁ । ଏଥିପାଇଁ ବ୍ୟାପକ ଜନସଚେତନତାର ନିତାନ୍ତ ଆବଶ୍ୟକତା ରହିଛି । ସର୍ବୋଚ୍ଚ ନ୍ୟାୟାଳୟ ରାଜ୍ୟ ଆଇନ ସେବା ପ୍ରାଧିକରଣଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି ଯେ ସେମାନେ ଜନସାଧାରଣଙ୍କୁ ସଚେତନ କରିବା ଏବଂ ପୀଡ଼ିତମାନଙ୍କୁ ସେମାନଙ୍କର ଅର୍ଥ ଫେରିପାଇବାରେ ସାହାଯ୍ୟ କରିବା ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରନ୍ତୁ । ଲୋକମାନଙ୍କୁ ବୁଝିବାକୁ ହେବ ଯେ ପୋଲିସ କିମ୍ବା କୌଣସି ସରକାରୀ ସଂସ୍ଥା କେବେହେଲେ ଫୋନ୍ କିମ୍ବା ଭିଡିଓ କଲ୍ ମାଧ୍ୟମରେ ଗିରଫ କରିବାର ଧମକ ଦିଅନ୍ତି ନାହିଁ କିମ୍ବା ମାମଲାର ରଫାଦଫା ପାଇଁ ଅନଲାଇନ୍ ମାଧ୍ୟମରେ ଟଙ୍କା ଦାବି କରନ୍ତି ନାହିଁ । ଯଦି ଏଭଳି କୌଣସି ସନ୍ଦିଗ୍ଧ କଲ୍ ଆସେ, ତେବେ ଭୟଭୀତ ନ ହୋଇ ତୁରନ୍ତ କଲ୍ କାଟିଦେବା ଉଚିତ୍ ଏବଂ ଜାତୀୟ ସାଇବର କ୍ରାଇମ୍ ହେଲ୍ପଲାଇନ୍ ନମ୍ବର ୧୯୩୦ ରେ କିମ୍ବା ନିକଟସ୍ଥ ସାଇବର ଥାନାରେ ତୁରନ୍ତ ଅଭିଯୋଗ କରିବା ଉଚିତ୍ । ସରକାର, ବ୍ୟାଙ୍କ, ଦୂରସଞ୍ଚାର କମ୍ପାନୀ, ଆଇନ ପ୍ରଣୟନକାରୀ ସଂସ୍ଥା ଏବଂ ସାଧାରଣ ନାଗରିକଙ୍କ ମିଳିତ ଉଦ୍ୟମ ତଥା ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ଦୃଢ଼ ମାର୍ଗଦର୍ଶିକା ଫଳରେ ହିଁ ଆଗାମୀ ଦିନରେ 'ଡିଜିଟାଲ୍ ଆରେଷ୍ଟ' ଭଳି ସାଇବର ମହାମାରୀକୁ ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରଣ କରାଯାଇପାରିବ ଏବଂ ଭାରତର ଡିଜିଟାଲ୍ ଅର୍ଥନୀତିକୁ ସୁରକ୍ଷିତ ରଖାଯାଇପାରିବ ।

# ମଧୁ ବାବୁ ଓ ମହାତ୍ମା ଗାନ୍ଧୀଙ୍କ ସାକ୍ଷାତ



## ଡ଼ଃ.ଅରୁନ୍ଧତୀ ଦେବୀ

କୌଣସି ନିର୍ଦ୍ଦିଷ୍ଟ ଶବ୍ଦ ଅଥବା ଭୂମିକାରେ ତାଙ୍କ ବ୍ୟକ୍ତିତ୍ୱକୁ ବର୍ଣ୍ଣନା କରିବା ଅସମ୍ଭବ ସିଏ ଥିଲେ ଦେଶର ନାମକରା ଆଇନଜୀବୀ। ଲୋକେ ତାଙ୍କୁ କହୁଥିଲେ ମଧୁ ବାରିଷ୍ଟର। କିନ୍ତୁ ତା ସହିତ ସିଏ ଥିଲେ ସଂଗ୍ରାମୀ, ସମାଜ ସଂସ୍କାରକ। ସିଏ ଥିଲେ ଶିଳ୍ପପତି। ଯିଏ ଥିଲେ ଜାତୀୟତା ଆନ୍ଦୋଳନର କର୍ଣ୍ଣଧାର। ଆଉ ମା'-ମାଟି-ମାତୃଭାଷା ପାଇଁ ଜୀବନର ସବୁକିଛି ଉତ୍ସର୍ଗ କରି ଦେଇଥିବା ଜଣେ ସ୍ୱାଭିମାନୀ ପୁରୁଷ। କଟକ ଥିଲା ତାଙ୍କର ଜନ୍ମଭୂମି ଆଉ କର୍ମଭୂମି। କିନ୍ତୁ ତାଙ୍କର ପରିଚୟ ଏରାଜ୍ୟ, ଏ ଦେଶର ସୀମା ସରହଦ ଟପି ବିଶେରେ ବି ପରିବ୍ୟାପ୍ତ ଥିଲା। ସିଏ ଥିଲେ ଓଡ଼ିଶା ପ୍ରଦେଶ ଗଠନର ବିନ୍ଧାଣି। ସେ ଥିଲେ ଓଡ଼ିଆ ଜାତିର ମୁରବି। ସିଏ ଥିଲେ ଓଡ଼ିଶା ଭାଷାର ସଂରକ୍ଷକ। ସିଏ ଥିଲେ ଓଡ଼ିଶା ସ୍ୱାଭିମାନ ସୁରକ୍ଷାର ଜାଗ୍ରତ ପ୍ରହରୀ। ସେଇଥି ପାଇଁ ତ ଶ୍ରଦ୍ଧା ଆଉ ସମ୍ମାନରେ ଏ ଜାତି ତାଙ୍କୁ କୁହେ କୁଳବୃଦ୍ଧ। ସେଇଥିପାଇଁ ତ ସେ ଥିଲେ ଏ ମାଟିର ଗୌରବ। ଉତ୍କଳ ଗୌରବ ମଧୁସୂଦନ ଦାସ।

ଠିକ ଶହେ ବର୍ଷ ତଳେ ୧୯୨୫ ମସିହାରେ ମହାତ୍ମା ଗାନ୍ଧୀ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଭେଟ ହୋଇଥିଲା। ୧୯୨୧ ମାର୍ଚ୍ଚ ୨୩ ତାରିଖରେ ଗାନ୍ଧିଜୀଙ୍କ ପ୍ରଥମ ଓଡ଼ିଶା କଟକ ଗସ୍ତ ସମୟର କଥା। ସେ ଦିନ କଟକରେ ପହଞ୍ଚିବା ପରେ ଗାନ୍ଧୀ ପ୍ରଥମେ ବିନୋଦ ବିହାରୀ ପୂଜା ମଣ୍ଡପରେ ଆୟୋଜିତ ସଭାରେ ଉଦବୋଧନ ଦେଇ ସ୍ୱାଧୀନତା ସଂଗ୍ରାମ ପାଇଁ ମହିଳାଙ୍କୁ ସୁନା, ରୂପା, ଗହଣା ମାଗିଥିଲେ। ବହୁ ମହିଳା ହାତ ଓ ବେକରୁ ଗହଣା କାଢ଼ି ଦାନ ଦେଇଥିଲେ। ଏହି ମହିଳାଙ୍କ ମଧ୍ୟରେ ଥିବା ମଧୁବାବୁଙ୍କ ଝିଆରୀ ମା' ରମାଦେବୀ ଗାନ୍ଧୀଙ୍କୁ ଖଦି ସୂତା ଉପହାର ଦେଇଥିଲେ। ସୂତା ଦେଖି ଗାନ୍ଧିଜୀ ଆଶ୍ଚର୍ଯ୍ୟ ହେବା ସହ ତାଙ୍କ ବିଷୟରେ ଜାଣିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଏହି ଘଟଣାରୁ ଗାନ୍ଧିଜୀ ମଧୁବାବୁଙ୍କ ବିଷୟରେ ଶୁଣିଲେ। ମଧୁବାବୁ ପଥର ଅରଟରେ ସୂତା କାଟୁଥିବା ଜାଣିବାକୁ ପାଇଲେ। ସେ ସମୟରେ ମଧୁବାବୁ କଂଗ୍ରେସ ଛାଡ଼ି ଥିଲେ ଏବଂ ଉତ୍କଳ ଟ୍ୟାନେରି ସମେତ ତାରକସି କାରଖାନାରେ ବ୍ୟସ୍ତ ରହୁଥିଲେ। ମଧୁବାବୁଙ୍କ ବାସଭବନ ଏବେର ଶୈଳବାଳା ମହିଳା କଲେଜରେ ରହୁଥିଲେ। ୧୯୨୫ ଅଗଷ୍ଟରେ ଦ୍ୱିତୀୟ ଓଡ଼ିଶା ଗସ୍ତରେ ମହାତ୍ମା ଗାନ୍ଧୀ ମଧୁବାବୁଙ୍କୁ ଭେଟିବାକୁ ଆସିଥିଲେ। ଗାନ୍ଧିଜୀଙ୍କ ସହ ବିଶିଷ୍ଟ ବ୍ୟବସାୟୀ ରଙ୍ଗଲାଲ ମୋଦୀ ମଧ୍ୟ ଆସିଥିଲେ। ଗାନ୍ଧିଜୀ ମଧୁବାବୁଙ୍କ ବାସ ଭବନରେ ଅଗଷ୍ଟ ୧୮ ଓ ୧୯ ତାରିଖ ଦୁଇ ଦିନ ପାଇଁ ରହିଥିଲେ। ସେତେବେଳେ ଗାନ୍ଧିଜୀ ଅସ୍ପୃଶ୍ୟତା ନିବାରଣ ଅଭିଯାନ ଚଳାଇଥିଲେ।

ଆଲୋଚନା ପ୍ରସଙ୍ଗରେ ମଧୁବାବୁ ତାଙ୍କୁ ଉତ୍କଳ ଟ୍ୟାନେରି ପରିବର୍ତ୍ତନ ପାଇଁ ଆମନ୍ତ୍ରଣ କରିଥିଲେ। ଉତ୍କଳ ଟ୍ୟାନେରି ଜେକେବିକେ ଓଏମପି ଅଞ୍ଚଳରେ ୩୩ ଏକର ଜମିରେ ପ୍ରତିଷ୍ଠା ହୋଇଥିଲା। ଉତ୍କଳ ଟ୍ୟାନେରି ଚମଡ଼ କସାଠୁ ଆରମ୍ଭ କରି ଚୂଡ଼ାନ୍ତ ଚମଡ଼ା ଉତ୍ପାଦ ନିର୍ମାଣ ପର୍ଯ୍ୟନ୍ତ କାର୍ଯ୍ୟରେ ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣର ଲୋକ କାର୍ଯ୍ୟ କରୁଥିଲେ। ଗାନ୍ଧିଜୀ ବୁଝିଗଲେ, ଉତ୍କଳ ଟ୍ୟାନେରି କେବଳ ଲୋକଙ୍କୁ ନିଯୁକ୍ତି ଦେଇ ନଥିଲା, ଏହା ଥିଲା ଅସ୍ପୃଶ୍ୟତା ନିବାରଣର ପ୍ରୟୋଗଶାଳା। ମଧୁବାବୁଙ୍କ ବ୍ୟକ୍ତିତ୍ୱ, ଦୂରଦୃଷ୍ଟି, ଦେଶପ୍ରେମ ଗାନ୍ଧିଜୀଙ୍କୁ ପ୍ରଭାବିତ କରିଥିଲା। ସାବରମତୀ ଆଶ୍ରମରେ ଉତ୍କଳ ଟ୍ୟାନେରି ଭଳି ଏକ କାରଖାନା ପ୍ରତିଷ୍ଠା ପାଇଁ ମଧୁବାବୁଙ୍କୁ ଗାନ୍ଧିଜୀ ପ୍ରସ୍ତାବ ଦେଇଥିଲେ। ପରବର୍ତ୍ତୀ ସମୟର ନାରୀ ଶିକ୍ଷା ପାଇଁ ମଧୁବାବୁଙ୍କ ବାଳିକା ହାଇସ୍କୁଲ ପ୍ରତିଷ୍ଠା ପାଳିତ କନ୍ୟା ସୁଧାଂଶୁବାଳା ହାଜରାଙ୍କୁ ଓକିଲାତି କରିବା ସୁଯୋଗ ଦେବା ଆଦି ବିଷୟରେ ଗାନ୍ଧିଜୀ ଜାଣିବାକୁ ପାଇଲେ।

୧୯୨୬ ମସିହା ସେବାଗ୍ରାମ ଶିକ୍ଷା ସମ୍ମିଳନୀରେ ଉଦବୋଧନ ଦେଇ ଗାନ୍ଧିଜୀ କହିଥିଲେ ଯେ ୟୁରୋପରେ ଜଣେ ଲିଓ ଟଲଷ୍ଟୟ ଅଛନ୍ତତି ଓ ଆଉ ଜଣେ ଲିଓ ଟଲଷ୍ଟଏ ଓଡ଼ିଶାରେ ରହୁଛନ୍ତି। ମଧୁବାବୁଙ୍କୁ ସେ ଲିଓ ଟଲଷ୍ଟୟ ଭାବେ ସମ୍ବୋଧନ କରିଥିଲେ। ୧୯୩୪ ଫେବୃଆରୀ ୨୮ରେ ମଧୁବାବୁଙ୍କ ଦେହାନ୍ତ ପରେ ସେହି ବର୍ଷ ମେ ୨୧ ତାରିଖରେ ଗାନ୍ଧିଜୀ ସତ୍ୟଭାମାପୁର ଜନ୍ମପୀଠକୁ ଆସି ରାତ୍ରିଯାପନ କରିଥିଲେ। କିନ୍ତୁ ସେ ଘରେ ନଶୋଇ ଛାତ ଉପରେ ମସିଣା ପକାଇ ଶୋଇଥିଲେ। ୧୯୨୫ ମସିହାରେ ଗାନ୍ଧିଜୀ ଓ ମଧୁବାବୁଙ୍କ ସାକ୍ଷାତକୁ ମଧୁବାବୁଙ୍କ ନାତୁଣୀ ଅନ୍ନପୂର୍ଣ୍ଣା ମହାରଣା ମୋଦି ଓ ତନ୍ତିଙ୍କ ସାକ୍ଷାତ ଭାବେ ଉଲ୍ଲେଖକରିଛନ୍ତି। ୧୯୫୨ ମସିହାରେ ମଧୁବାବୁଙ୍କ ସତ୍ୟଭାମାପୁରସ୍ଥି ପୈତୃକ ଜମି ବିକ୍ରି କଥା ଉଠିବାରୁ ମଧୁବାବୁ ଓ ଗାନ୍ଧିଜୀଙ୍କ ସ୍ମୃତି ବହନ କରୁଥିବା ଏହି ଜମିକୁ କେନ୍ଦ୍ରୀୟ ଗାନ୍ଧୀ ସ୍ମାରକୀନିଧି ୮୨ ହଜାର ଟଙ୍କା ଦେଇ କିଣିଥିଲେ। ଡକ୍ଟର ରାଜେନ୍ଦ୍ର ପ୍ରସାଦ, ପଣ୍ଡିତ ନେହେରୁ, ଅବଦୁଲ କଲାମ ଆଜାଦ ପ୍ରମୁଖ ଟ୍ରଷ୍ଟି ଭାବେ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଏହି ଜମି କ୍ରୟ କରିଥିଲେ।

ଆଜିର ସମୟରେ ମଧୁ ଆଦର୍ଶ, ମଧୁ ବିଚାରର ମୌଳିକତା ସ୍ମରଣକୁ ଆସୁଛି। ମଧୁବାବୁଙ୍କ ବ୍ୟକ୍ତିତ୍ୱ ମର୍ଯ୍ୟାଦା ସ୍ୱାଭିମାନ ଚିରକାଳ ପାଇଁ ସ୍ମରଣୀୟ ହୋଇ ରହିବ ଏ ଓଡ଼ିଶା ପାଇଁ। ଓଡ଼ିଶା ପ୍ରଦେଶ ଗଠନର ବିନ୍ଧାଣୀ, ଏ ଜାତିର ମୁରବୀ, ଭାଷାର ସଂରକ୍ଷକ ଓଡ଼ିଆ ସ୍ୱାଭିମାନ ସୁରକ୍ଷାର ଜାଗ୍ରତ ପ୍ରହରୀ। ଉତ୍କଳ ଜନନୀର ଏହି ମହାନ ସନ୍ତାନକୁ କୋଟି କୋଟି ପ୍ରଣାମ।

+ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ମୋ : ୯୯୩୭୧୭୨୮୧୦

# ସିଂହଦ୍ୱାର, ମାଳିନୀ ନଦୀ ଓ ରାଣୀ ଅହଲ୍ୟାବାଈ



## ବାଣୀମଞ୍ଜୁଳ ଡ଼ଃ ସମୀର କୁମାର ନନ୍ଦ

ସିଂହଦ୍ୱାର (ସିଂହଦ୍ୱାର) ହେଉଛି ପୁରୀର ପବିତ୍ର ଶ୍ରୀ ଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରବେଶ ଦ୍ୱାର। ଦ୍ୱାରର ଉଭୟ ପାର୍ଶ୍ୱରେ ପ୍ରହରୀ ଥିବା ମହାନ ସିଂହ ମୂର୍ତ୍ତିରୁ ଏହାର ନାମ ଆସିଛି, ଯାହା ସାହସ, ଶକ୍ତି ଏବଂ ଦିବ୍ୟ ସୁରକ୍ଷାର ପ୍ରତୀକ। ପୁରୀର ମନ୍ଦିର ଇତିହାସ ମାଦଳା ପାଞ୍ଜି ଅନୁସାରେ, ସିଂହଦ୍ୱାର ଏବଂ ମେଘନାଦ ପ୍ରାଚୀର (ବାହ୍ୟ ପ୍ରତିରକ୍ଷା ପ୍ରାଚୀର) ରାଜା କପିଳେନ୍ଦ୍ର ଦେବ (ମିତ୍ରଭାନୁ କପିଳେନ୍ଦ୍ର ଦେବ) ତାଙ୍କ ରାଜତ୍ୱର ପନ୍ଦର ଅଙ୍କରେ ନିର୍ମାଣ କରିଥିଲେ।

ସ୍ଥାୟୀ ଶାଳ ଏବଂ ପିଆସଳ କାଠରେ ନିର୍ମିତ ବିଶାଳ କାଠ ଦ୍ୱାରଗୁଡ଼ିକ ସୁନ୍ଦର ଭାବରେ ରୂପା ପ୍ଲେଟରେ ଆଚ୍ଛାଦିତ। ପ୍ରାୟ ୧୨ ଫୁଟ ଉଚ୍ଚତା ଏବଂ ୧୦ ଫୁଟ ପ୍ରସ୍ଥ ମାପ କରି, ଦ୍ୱାରଟି ଓଡିଶା ମନ୍ଦିର ସ୍ଥାପତ୍ୟର ଏକ ଚମତ୍କାର ଉଦାହରଣ ଭାବରେ ଠିଆ ହୋଇଛି। ମନ୍ଦିର ପୂର୍ବରୁ ପୂର୍ବ ଦିଗକୁ ମୁହଁ କରି ମନ୍ଦିର ଉପରେ ପବିତ୍ର ନୀଳଚକ୍ର ସହିତ ସଜାଯାଇଥିବା ପୂଜ୍ୟ ଅରୁଣ ସ୍ତମ୍ଭ ରହିଛି। ଶ୍ରୀ ଜଗନ୍ନାଥ ଏନସାଇକ୍ଲୋପିଡିଆ ସିଂହଦ୍ୱାରର ଡାହାଣ ପାର୍ଶ୍ୱରେ ଏକ ଛୋଟ ଗୁପ୍ତ ଦ୍ୱାର ଥିବା ରେକର୍ଡ କରେ। ପ୍ରତିଦିନ ସକାଳେ ମୁଖ୍ୟ ଦ୍ୱାର ଖୋଲିବା ପୂର୍ବରୁ, ମନ୍ଦିର ସେବକମାନେ ପ୍ରାରମ୍ଭିକ ରୀତିନୀତି କରିବା ପାଇଁ ଏବଂ ଦେବତାମାନଙ୍କର ଦୈନନ୍ଦିନ ପୂଜା ପାଇଁ ମନ୍ଦିରକୁ ପ୍ରସ୍ତୁତ କରିବା ପାଇଁ ଏହି ଗୁପ୍ତ ପଥ ଦେଇ ପ୍ରବେଶ କରନ୍ତି। ଦ୍ୱାରର କେନ୍ଦ୍ରରେ ଭଗବାନ ଜଗନ୍ନାଥଙ୍କ ଦିବ୍ୟ ପତ୍ନୀ ଦେବୀ ମହାଲକ୍ଷ୍ମୀଙ୍କ ଏକ ଉତ୍କୃଷ୍ଟ ପ୍ରତିମା ଅଛି। ଚାରି ହାତ ବିଶିଷ୍ଟ ଦେବୀଙ୍କ ସହିତ ତାଙ୍କ ଡାହାଣ ପାର୍ଶ୍ୱରେ ଚାରି ଜଣ ପରିଚାରିକା ଏବଂ ବାମ ପାର୍ଶ୍ୱରେ ପାଞ୍ଚ ଜଣ ପରିଚାରିକା ଅଛନ୍ତି, ସମସ୍ତେ ସୁନ୍ଦର ଭାବରେ ଠିଆ ହୋଇଥିବା ମୁଦ୍ରାରେ ଚିତ୍ରିତ। ଦ୍ୱାରର ଉଭୟ ପାର୍ଶ୍ୱରେ ସୁନ୍ଦର ଭାବରେ ଖୋଦିତ ଗୋଲାକାର ସ୍ତମ୍ଭ ଅଛି ଯେଉଁଥିରେ ଭଗବାନ ବିଷ୍ଣୁଙ୍କ ସ୍ୱର୍ଗୀୟ ଦ୍ୱାରପାଳ ଜୟ ଏବଂ ବିଜୟାଙ୍କ ପ୍ରତିମା ଅଛି। ଏଗୁଡ଼ିକ ପଛରେ ମୁଗୁନି ପଥରରେ ଖୋଦିତ ଦୁଇଟି ବୃହତ ଚତୁର୍ଭୁଜ ମୂର୍ତ୍ତି ଅଛି, ପ୍ରତ୍ୟେକରେ ଜୟ ଏବଂ ବିଜୟା ଗଦା , ଶଙ୍ଖ , ଚକ୍ର ଏବଂ ଜପମାଳା ଧରିଥିବା ଚିତ୍ରିତ ହୋଇଛି, ଯାହା ପବିତ୍ର ମନ୍ଦିର ଉପରେ ଦିବ୍ୟ ଅଭିଭାବକତ୍ୱର ପ୍ରତୀକ।

ଅଷ୍ଟାଦଶ ଶତାବ୍ଦୀରେ ହିନ୍ଦୁ ତୀର୍ଥଯାତ୍ରାର ସର୍ବଶ୍ରେଷ୍ଠ ପୃଷ୍ଠପୋଷକଙ୍କ ମଧ୍ୟରେ ଇନ୍ଦୋରର ମହାରାଣୀ ଅହଲ୍ୟାବାଈ ହୋଲକର ଥିଲେ। ମହାରାଜା ଖଣ୍ଡେରାଓ ହୋଲକରଙ୍କ ବିଧବା ସ୍ତ୍ରୀ, ସେ କେବଳ ତାଙ୍କର ଆଦର୍ଶ ପ୍ରଶାସନ ପାଇଁ ନୁହେଁ ବରଂ ତାଙ୍କର ଗଭୀର ଧାର୍ମିକ ଭକ୍ତି ଏବଂ ଦାନଶୀଳ କାର୍ଯ୍ୟ ପାଇଁ ମଧ୍ୟ ପ୍ରସିଦ୍ଧ ଥିଲେ। ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପରେ, ସେ ଉଲ୍ଲେଖନୀୟ ଜ୍ଞାନ ଏବଂ କରୁଣା ସହିତ ହୋଲକର ରାଜ୍ୟର ପ୍ରଶାସନ ଗ୍ରହଣ କରିଥିଲେ।

ପ୍ରଚୁର ସମ୍ପତ୍ତିର ଅଧିକାରୀ ହୋଇ, ସେ ସାରା ଭାରତରେ ପବିତ୍ର ମନ୍ଦିରଗୁଡ଼ିକର ପୁନରୁଦ୍ଧାର ଏବଂ ନିର୍ମାଣ ପାଇଁ ତାଙ୍କର ବହୁ ସମ୍ପତ୍ତି ଉତ୍ସର୍ଗ କରିଥିଲେ। ଗୟା ଯାତ୍ରା ସମୟରେ, ସେ ଶ୍ରୀ ଗଦାଧର ମନ୍ଦିର ପୁନଃନିର୍ମାଣ କରିଥିଲେ, କାଶୀ (ବାରାଣସୀ) ରେ ସେ ପୂଜ୍ୟ ଶ୍ରୀ କାଶୀ ବିଶ୍ୱନାଥ ମନ୍ଦିରର ନବୀକରଣ ଏବଂ ସଜ୍ଜିତ କରିଥିଲେ, ଯେଉଁଥିରେ ଏହାର ପବିତ୍ର ଶିଳାକୁ ସୁନାରେ ଆଚ୍ଛାଦିତ କରାଯାଇଥିଲା।

ମହାରାଣୀ ଅହଲ୍ୟାବାଈ ମଧ୍ୟ ପ୍ରଭୁ ଜଗନ୍ନାଥଙ୍କ ଜଣେ ପ୍ରଚଣ୍ଡ ଭକ୍ତ ଥିଲେ। ପରମ୍ପରା ବର୍ଣ୍ଣନା କରେ ଯେ ସେ କାଶୀରେ ଥିବା ସମୟରେ, ଜଣେ ପୂଜ୍ୟ ସନ୍ଥ ତାଙ୍କୁ ପରାମର୍ଶ ଦେଇଥିଲେ ଯେ ଆଉ ଏକ ମହାନ ଧାର୍ମିକ ସେବା ତାଙ୍କ ଅପେକ୍ଷାରେ ଅଛି - କୋଲକାତାରେ ଗଙ୍ଗା (ହୁଗଳି ନଦୀ) କୂଳକୁ ପୁରୀରେ ଶ୍ରୀ ଜଗନ୍ନାଥ ଧାମ ସହିତ ସଂଯୋଗ କରୁଥିବା ଏକ ତୀର୍ଥପଥ ରାସ୍ତା ନିର୍ମାଣ।

ଏହି ଦିବ୍ୟ ପରାମର୍ଶରେ ଅନୁପ୍ରାଣିତ ହୋଇ, ରାଣୀ ବହୁ ବ୍ୟକ୍ତିଗତ ଖର୍ଚ୍ଚରେ ଏହି ସ୍ମାରକୀ ପ୍ରକଳ୍ପ ହାତକୁ ନେଇଥିଲେ। ଏହି ପଥଟି କୋଲକାତାର ଶ୍ରୀ ଜଗନ୍ନାଥ ଘାଟ ଭାବରେ ପରିଚିତ ହେବା ପରେ ପୁରୀର ସ୍ୱର୍ଗଦ୍ୱାର ପର୍ଯ୍ୟନ୍ତ ଆରମ୍ଭ ହୋଇଥିଲା। ଐତିହାସିକ ପଥର ଶିଳାଲେଖ ଏହି ଉଲ୍ଲେଖନୀୟ ସଫଳତାର ସାକ୍ଷ୍ୟ ଦିଏ। ଜଗନ୍ନାଥ ସଡ଼କ କେବଳ ଯାତ୍ରାର ଏକ ପଥ ହୋଇନଥିଲା ବରଂ ଏକ ପବିତ୍ର ତୀର୍ଥପଥ ହୋଇଯାଇଥିଲା ଯାହା ଦୂରବର୍ତ୍ତୀ ଅଞ୍ଚଳଗୁଡ଼ିକୁ ପ୍ରଭୁ ଜଗନ୍ନାଥଙ୍କ ବାସସ୍ଥାନ ସହିତ ଏକତ୍ର କରିଥିଲା।

ପୁରୀକୁ ଯାଉଥିବା ସମସ୍ତ ପ୍ରାଚୀନ ତୀର୍ଥପଥ ମଧ୍ୟରେ, ମହାରାଣୀ ଅହଲ୍ୟାବାଈଙ୍କ ଦ୍ୱାରା ନିର୍ମିତ ରାସ୍ତା ସବୁଠାରୁ ଦୀର୍ଘ ଏବଂ ପ୍ରଭାବଶାଳୀ ଥିଲା। ଏହା ଭାରତୀୟ ଉପମହାଦେଶରେ ଅନ୍ୟାନ୍ୟ ଅନେକ ଜଗନ୍ନାଥ ସଡ଼କର ବିକାଶକୁ ପ୍ରେରଣା ଦେଇଥିଲା। ଆଜି ମଧ୍ୟ, ବାରାଣସୀର ଅହଲ୍ୟାବାଈ ଘାଟ ଭାରତର ଆଧ୍ୟାତ୍ମିକ ଐତିହ୍ୟ ପ୍ରତି ତାଙ୍କର ଅସାଧାରଣ ଅବଦାନର ଏକ ସ୍ଥାୟୀ ସ୍ମାରକୀ ଭାବରେ ଠିଆ ହୋଇଛି। ଏହି ଐତିହାସିକ ପଥ ପାର୍ଶ୍ୱରେ ଅବସ୍ଥିତ ଗ୍ରାମଗୁଡ଼ିକ ଆର୍ଥିକ ଦୃଷ୍ଟିରୁ ସମୃଦ୍ଧ ହୋଇଥିଲା ଏବଂ ଏକକାଳୀନ ତୀର୍ଥଯାତ୍ରୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ ସ୍ୱୀକୃତି ପାଇଥିଲା। ପରବର୍ତ୍ତୀ ବର୍ଷଗୁଡ଼ିକରେ, ଏହି ପବିତ୍ର ନେଟୱାର୍କ ମହାରାଷ୍ଟ୍ର, ବିହାର, ଛତିଶଗଡ଼, ବିଶାଖାପାଟଣା, ଗଞ୍ଜାମ, ସମ୍ବଲପୁର, ବୌଦ୍ଧ, କଳାହାଣ୍ଡି, ମେଦିନୀପୁର, ପାଟନାଗଡ଼ ଏବଂ ମଧ୍ୟପ୍ରଦେଶର କିଛି ଅଂଶକୁ ସଂଯୋଗ କରିବା ପାଇଁ ବିସ୍ତାରିତ ହୋଇଥିଲା, ଯାହା ସମଗ୍ର ଭାରତରେ ସାଂସ୍କୃତିକ ଏବଂ ଧାର୍ମିକ ବନ୍ଧନକୁ ସୁଦୃଢ଼ କରିଥିଲା।

ପ୍ରାଚୀନ ପରମ୍ପରା ଏପରି ଏକ ସମୟ ବିଷୟରେ କହେ ଯେତେବେଳେ ମାଳିନୀ ନଦୀ ବର୍ତ୍ତମାନର ପୁରୀର ବଡ଼ଦାଣ୍ଡ ଦେଇ ପ୍ରବାହିତ ହେଉଥିଲା, ଯାହା ଶ୍ରୀ ଜଗନ୍ନାଥ ମନ୍ଦିର ଏବଂ ଗୁଣ୍ଡିଚା ମନ୍ଦିର ମଧ୍ୟରେ ପବିତ୍ର ପଥକୁ ବିଭାଜିତ କରୁଥିଲା। ଏହି କିମ୍ବଦନ୍ତୀ ଅନୁସାରେ, ନଦୀର ଅସ୍ତିତ୍ୱ ପାଇଁ ବାର୍ଷିକ ରଥଯାତ୍ରା ସମୟରେ ଛଅଟି ରଥ ବ୍ୟବହାର କରିବାକୁ ପଡ଼ିଥିଲା।

ତିନୋଟି ମହାନ ଆନୁଷ୍ଠାନିକ ରଥ ଦେବତାମାନଙ୍କୁ ସିଂହଦ୍ୱାରରୁ ବଳଗଣ୍ଡିକୁ ନେଇଯାଉଥିଲା, ଯେତେବେଳେ ଇନ୍ଦ୍ରଦ୍ୟୁମ୍ନ ପାଟନାରେ ମାଳିନୀ ନଦୀ ପାର ହୋଇ ପୂର୍ବରୁ ଠିଆ ହୋଇଥିବା ଅନ୍ୟ ତିନୋଟି ଛୋଟ ଚାରି ଚକିଆ ରଥ ଦେବତାମାନଙ୍କୁ ଡଙ୍ଗାରେ ନଦୀ ପାର କରିବା ପରେ ଗୁଣ୍ଡିଚା ମନ୍ଦିରକୁ ନେଇଯାଉଥିଲା।

୧୮୫୯ ମସିହାରେ ଭିକାରୀ ଚରଣ ପଟ୍ଟନାୟକ ଲିଖିତ ରଥଚକଡା ପୋଥିରେ ଲେଖାଯାଇଛି ଯେ ସୋମବଂଶୀ ରାଜା ଯଯାତି କେଶରୀ (ଖ୍ରୀ.ଅଷ୍ଟମ-ନବମ ଶତାବ୍ଦୀ)ଙ୍କ ରାଜତ୍ୱ କାଳରେ ମନ୍ଦିରଟି ପ୍ରାୟ ୪୮ ଫୁଟ ଉଚ୍ଚ ଥିଲା, ଦେବତାମାନେ ପ୍ରାୟ ଦୁଇ ଫୁଟ ଏବଂ ଦଶ ଆଙ୍ଗୁଠି ମାପ କରୁଥିଲେ ଏବଂ ରଥଗୁଡ଼ିକ ପ୍ରାୟ ୧୮ ଫୁଟ ଉଚ୍ଚତାରେ ପହଞ୍ଚିଥିଲା। ଏହି ପ୍ରାରମ୍ଭିକ ରଥଗୁଡ଼ିକ ଆକାରରେ ତୁଳନାତ୍ମକ ଭାବରେ ସାଧାରଣ ଥିଲା ବୋଲି ବିଶ୍ୱାସ କରାଯାଏ।

ସିଂହଦ୍ୱାରରୁ ଯାତ୍ରା କରୁଥିବା ମୁଖ୍ୟ ରଥଗୁଡ଼ିକରେ ୧୬, ୧୪ ଏବଂ ୧୨ ଚକ ଥିଲା, ଯାହା ସୁବର୍ଣ୍ଣ ପତାକା ଏବଂ କନକ ମୁଣ୍ଡି ନାମରେ ପରିଚିତ ବହୁମୂଲ୍ୟ ଅଳଙ୍କାରିତ ଚାନ୍ଦୁଆରେ ସଜ୍ଜିତ ଥିଲା। ମୁଖ୍ୟ ଶୋଭାଯାତ୍ରା ପୂର୍ବରୁ ବଜନ୍ତରୀ, ଘଣ୍ଟ ବାଦକ ଏବଂ ମନ୍ଦିର କଳାକାରମାନଙ୍କୁ ନେଇ ଏକ ପୃଥକ ଉତ୍ସବଗତ ରଥ ଥିଲା ଏବଂ ଏହାକୁ ଘୋଡାମାନେ ଟାଣିଥିଲେ, ଯେତେବେଳେ ଦେବତାମାନଙ୍କ ରଥକୁ ଅଗଣିତ ଭକ୍ତମାନେ ଟାଣିଥିଲେ।

ବଳଗଣ୍ଡିରେ ପହଞ୍ଚିବା ପରେ, ଦେବତାମାନେ ପବିତ୍ର ଯାତ୍ରା ଜାରି ରଖିବା ପାଇଁ ବିପରୀତ କୂଳରେ ଅପେକ୍ଷା କରିଥିବା ଚାରିଚକିଆ ରଥ ଉପରେ ଚଢ଼ିବା ପୂର୍ବରୁ ଡଙ୍ଗାରେ ମାଳିନୀ ନଦୀ ପାର ହୋଇଥିଲେ। ମାଦଳା ପାଞ୍ଜିରେ ଲେଖା ଅଛି ଯେ ରାଜା ବୀର ନରସିଂହ ଦେବଙ୍କ ରାଜତ୍ୱ କାଳରେ, ବାଙ୍କୀ ମୁହାଣ ଏବଂ ମାଳିନୀ ନଦୀର ଗତିପଥ ବନ୍ଦ କିମ୍ବା ପରିବର୍ତ୍ତନ କରାଯାଇଥିଲା। ଫଳସ୍ୱରୂପ, ଛଅଟି ପୃଥକ ରଥ ରକ୍ଷଣାବେକ୍ଷଣର ଆବଶ୍ୟକତା ଲୋପ ପାଇଗଲା, ଏବଂ ରଥଯାତ୍ରା ଧୀରେ ଧୀରେ ତିନୋଟି ମହାନ ରଥ ସହିତ ଏହାର ବର୍ତ୍ତମାନର ରୂପ ଗ୍ରହଣ କଲା।

ଏହା ମଧ୍ୟ ବିଶ୍ୱାସ କରାଯାଏ ଯେ ଗୁଣ୍ଡିଚା ମନ୍ଦିରରେ ପୂର୍ବରୁ ଥିବା କାଠ ଆଡପ ମଣ୍ଡପକୁ ଏକ ସ୍ଥାୟୀ ପଥର ଗଠନ ସହିତ ବଦଳାଯାଇଥିଲା। ପରମ୍ପରା ଆହୁରି ମଧ୍ୟ ମାଧବାଚାର୍ଯ୍ୟଙ୍କୁ ସମ୍ପର୍କିତ କରେ, ଯିଏ ପ୍ରାୟ ୧୨୭୦ ଖ୍ରୀଷ୍ଟାବ୍ଦରେ ପୁରୀ ଗସ୍ତ କରିଥିଲେ ବୋଲି କୁହାଯାଏ, ତାଙ୍କ ମତରେ ଗୋଟିଏ ରଥଯାତ୍ରା ସମୟରେ ଦୁଇଟି ଭିନ୍ନ ରଥ ନିୟୋଜିତ କରିବା ଶାସ୍ତ୍ରୀୟ ନୀତି ସହିତ ଅସଙ୍ଗତ ଥିଲା। ନଦୀ ବନ୍ଦ ହେବା ପରେ ସେ କେବଳ ତିନୋଟି ରଥ ବ୍ୟବହାର କରି ଏକ ଏକୀକୃତ ଶୋଭାଯାତ୍ରା କରିବାକୁ ସୁପାରିଶ କରିଥିଲେ ବୋଲି ବିଶ୍ୱାସ କରାଯାଏ।

କିଛି ଐତିହାସିକ ଏହି ପରିବର୍ତ୍ତନକୁ ସମ୍ରାଟ ଅନଙ୍ଗଭୀମ ଦେବଙ୍କ ପୁତ୍ର ରାଜା ଭାନୁଦେବଙ୍କୁ ଶ୍ରେୟ ଦିଅନ୍ତି, ଯେତେବେଳେ ଅନ୍ୟମାନେ ସିଦ୍ଧାନ୍ତ ନିଅନ୍ତି ଯେ ମାଳିନୀ ନଦୀ ବନ୍ଧ ବାନ୍ଧି ପୁନରୁଦ୍ଧାର ହେବା ପରେ ହିଁ ପ୍ରସିଦ୍ଧ ବଡ଼ଦାଣ୍ଡ (ଗ୍ରାଣ୍ଡ ରୋଡ୍) ଉଦୟ ହୋଇଥିଲା।

+କଚେରୀ ସାହି ଦେବଗଡ଼
ମୋ: ୯୪୩୭୨୧୮୯୧୭




## କବିତା

### ରୋହିତ ସେଠୀ



ଅସମୟରେ ବି ଅନାବନା ଶବ୍ଦ
ଭାବନା ଗବାକ୍ଷ ଆସନ୍ତି ଠେଲି
ହୃଦୟ ବନରେ କେଜାଣି କାହିଁକି
ଆନନ୍ଦରେ ଗୀତ ଗାଏ କୋଇଲି ।

ଶବ୍ଦତୂଳୀ ଧରି ମନର କାନ୍ଥରେ
ନିରୋଳାରେ ବସି ଆଙ୍କେ ସେ ଛବି
ଜୀବନ ଯୌବନ ଶୋଷଣ କଷଣ
ପ୍ରେମ ପ୍ରତାରଣା କଥାକୁ ଭାବି ।

ସମାଜର କିଛି ବାସ୍ତବ କଥାକୁ
ଶବ୍ଦରେ ସଜାଏ କବିତା କରି
ସେହି ଶବ୍ଦସବୁ ମନକୁ ଛୁଇଁଲେ
ଆଖିରୁ ଲୋତକ ଆସଇ ଝରି ।

ଚାଷଙ୍କ ଲୁହରେ,ଦାଦନ ଦୁଃଖରେ
ମ୍ରୀୟମାଣ ହୁଏ ଭାବନା ତା'ର
ଲେଖନୀ ଧରିଲେ ଭାବ ବିହ୍ୱଳରେ
ସୃଷ୍ଟି ହୁଏ କେତେ କାବ୍ୟ ନିର୍ଝର ।

+ଖଜୁରୀପଡ଼ା,କନ୍ଧମାଳ
ମୋ: ୭୭୩୫୨୧୪୩୭୯

## ତୁମ ମିଠା କଥା

### ନୀଳମଣି ଚାନ୍ଦ



ତୁମରି କଥାରେ ମିଠାପଣ ଭରା
ମହୁଠାରୁ ବେଶି ମିଠା
ଈର୍ଷା କରଇ ଶର୍କରା ସଦା
ବାଜିଲେ କଥାର ଛିଟା ।

ପିକ ହେଲା ଦୁଃଖୀ ସେହି ସ୍ୱର ଶୁଣି
ଗାଉନାହିଁ ଆଉ ଗୀତ
ଜୀବନ ବସନ୍ତେ ସତେ ଘୋଟିଅଛି
ପଉଷ ଜାଡ଼ ଶୀତ ।

ଥିଲା ଭରି କୁହୁ ଦୂର ହେଲା ଉହୁ
ଭରିଦେଲା ମନେ ତୋଷ
ତୁମରି ସେ ମିଠାକଥାରେ ସତରେ
ହୋଇଗଲି ମୁହିଁ ବଶ ।

ଆଗୋ ପ୍ରିୟତମା ଭୁଲିନି ମୁଁ ଜମା
ତୁମ କଥା ଭାବେ ବସି
ନିତି ତୁମେ ମନ-ନଭେ ଉଇଁଆସ
ହୋଇ ସରଗର ଶଶୀ ।
ଲାଗେ ସତେ ମୁହିଁ ସପନ ଦେଖୁଛି
ଏଇ ଧରିତ୍ରୀରେ ଥାଇ
ନିତି ଶୁଣୁଥିବା ତୁମ ମିଠା କଥା
ମନରୁ ଭୁଲଇ ନାହିଁ ।

+ ମନ୍ତ୍ରମାନୋର,
ଗୋଠପାଟଣା, ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭



## ସମୟର ଖେଳ

**ଜୟଶ୍ରୀ ପଟ୍ଟନାୟକ**



ତୁଳସୀ ସବୁଦିନ ସକାଳୁ ଉଠି ଘରର ବାସି କାମ କରେ, ପିଲାଙ୍କୁ ପଢ଼ାଏ, ଖାଇବା ବନେଇ ପିଲାଙ୍କୁ ଖୁଆଇ ପିଆଇ ସ୍କୁଲରେ ନେଇକି ଛାଡ଼େ। ଲୁଗାପଟା ସଫା କରି ଖରାରେ ଶୁଖାଏ, ଶୁଖିଗଲେ ଆଇରନ କରି ରଖେ। ତାପରେ ବି ଘରର କିଛି କାମ ପଡ଼ି ରହିଲେ କି ଅସଜଡ଼ା ହେଲେ ତାକୁ ଗାଳି ଶୁଣିବାକୁ ପଡ଼େ। ବାପଘର ନାଁ ଉଠାଇ ନିନ୍ଦା ଅପମାନ ରେ ପୋତି ଦିଆଯାଏ ହେଲେ ସେ ମୁହଁ ଉଠାଇ କିଛି ବି କୁହେନା କି ଜବାବ ଦିଏନା କାରଣ ଯେତେବେଳେ ଘର ଏରୁଣ୍ଡି ବନ୍ଧ ଡେଇଁ ଆସିଥିଲା ତା ବୋଉ କହିଥିଲା - ଝିଅ ଲୋ, ! ସେଇଟା ତୋର ଶାଶୁଘର। ଘର ସଂସାର କରିଥିଲେ ପଥର ପଡିଲେ ବି ସହିବାକୁ ହୁଏ। ସବୁ କଥା ଆଗେ ଶୁଣିବୁ ଆଗୁତା ପଡ଼ି କିଛି କହିବୁନି କି ନିଷ୍ପତ୍ତି ନେବୁନି। ଝଡ଼ ଆସିଲେ ମୁଣ୍ଡ ନୁଆଇଁ ଦେଲେ ଝଡ଼ ଥମିଯିବ। ଯେତେ ପାଠ ପଢ଼େ ଯେତେ ଉଚ୍ଚକୁ ଗଲେ ବି ମାଇପି ଝିଅ, ଟିକେ ବିନୟ ଭାବରେ ରହିଲେ ସବୁ ମାଫ। ତାଳଗଛ, ନଡ଼ିଆ ଗଛ ଯେତେ ଡେଙ୍ଗା ହେଲେ କଣ ହେଲା ପବନ ଆଗରେ ବାତ୍ୟା ଆଗରେ ମୁଣ୍ଡ ନୁଆଇଁ ରହିଥାନ୍ତି। ମୁଣ୍ଡ ନୁଆଇଁ ଦେଲେ ଯେ ଜଣେ ଛୋଟ ହେଇଯିବ ସେକଥା କେବେ ଭାବିବୁନି ବରଂ ଗୋଟେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ପୂର୍ବରୁ ତାକୁ ଏଡ଼ାଇ ଦେଇ ହବ। ଏହି ନ୍ୟାୟରେ ତୁଳସୀ ସବୁ ନିନ୍ଦା ଅପମାନକୁ ସହି ଯାଉଥିଲା କାରଣ ସଂସାର ତ ତାର। ଘର ସଂସାର କଲେ ଭୁଲ ଭଟକା ହୁଏ ଆଉ ସ୍ତ୍ରୀ ଟିଏ ହିଁ ସବୁ ଦୁଃଖ କଷ୍ଟକୁ ସାମ୍ନା କରି ନିଜ ଗୁଣରେ ବୁଝାମଣା କରେ କାଳେ କିଛି କହିଲେ କା ମନରେ ଆଘାତ ହେବ ମନ ଅସନ୍ତୁଷ୍ଟ ହେବ ଭାବିକି। ଦିନେ ସ୍ୱାମୀ ପ୍ରଶାନ୍ତ ବାହାରିଲେ ବଜାରକୁ ସାଙ୍ଗରେ ହେଲମେଟ ନେବାକୁ ଭୁଲିଯାଇଥିଲେ। ପଛରୁ ଡାକିବା ଅଶୁଭ ଭାବି ହେଲମେଟ ନେଇକି ବଜାରକୁ ଯାଅ ବୋଲି କହିବାକୁ ଭୟ କରୁଥିଲା ତୁଳସୀ କାରଣ ଆଜିକାଲି ଭଲ କଥା କହିଲେ ମନ୍ଦ ଆଉ ମନ୍ଦ କଥା କହିଲେ ବି ମନ୍ଦ ତେଣୁ କହିବ କାହିଁକି ସହିବ କାହିଁକି। ବଜାରକୁ ଗଲାପରେ ଏହି ବିଷୟ ନେଇ ଅନୁତାପ କରିବେନି ଭାବି ନୀରବ ରହିଲା ତୁଳସୀ। ସେଦିନ ପ୍ରଶାନ୍ତ ବଜାରରୁ ଘରକୁ ଫେରିବାକୁ ଡେରି ହେଲା। ପଚାରିଲା ତୁଳସୀ ଏତେ ଡେରି ହେବାର କାରଣ କଣ ? କହିଲେ ପ୍ରଶାନ୍ତ କାରଣ ଆଉ କଣ ତୁମକୁ ସବୁବେଳେ କହେ ବାହାରକୁ କୁଆଡେ ଗଲାବେଳେ ବ୍ୟାଗ ସହିତ ହେଲମେଟ ଦେବାକୁ। ଦେଇଥିଲ ? କୋଉ ଗୋଟିଏ ଗାଉଁଲି ଝିଅ ପରି ସବୁବେଳେ ଚୁପଚାପ ରହୁଛ ଆଉ ମୁଣ୍ଡ ହଲାରେ ହଁ ନାହିଁ। କିଛି ଯେମିତି ପାଖରୁ ହଜିଯାଇଛି ସେମିତି ମୁହଁ କରି ବସୁଛ। ଏହି ସଂସ୍କାର ବାପଘରୁ ଶିଖି ଆସିଛ ନା କଣ ? ଆଜି ଯଦି ରାସ୍ତାରେ କିଛି ଦୁର୍ଘଟଣା ଘଟିଥାନ୍ତା ତେବେ କଣ ହେଇଥାନ୍ତା କହିଲ ? ବାପଘରେ ଯାଇ ଗିନି ବଜାନ୍ତ ? ତୁଳସୀ, ପ୍ରଶାନ୍ତଙ୍କ ସ୍ତ୍ରୀ ବୋଲି ନିଜକୁ ଭାବେନାହିଁ। ବରଂ ଭାବେ ଜଣେ ଚାବି ଦିଆ କଣ୍ଢେଇ ବୋଲି। ଆରେ ସ୍ତ୍ରୀ ତ ସିଏ ଯିଏ ବନ୍ଧୁ ପରି ଚଳେ । କାମପାଇଁ ସ୍ୱାମୀଠାରୁ ପ୍ରଶଂସା ମିଳେ। ଅଫିସ ରୁ ଘରକୁ ଫେରିଲେ ଦିନସାରା କାମ କରି ହାଲିଆ ହେଇଚ, ବୋର ଲାଗୁଥିବ ଚାଲ ବାହାରୁ ଟିକେ ବୁଲିଆସିବ ବୋଲି କୁହନ୍ତେ। ସ୍ତ୍ରୀର କଣ ଦରକାର କଣ ନାହିଁ ପଚାରିବା, ରୋଗ ବୈରାଗ ବେଳେ ଡାକ୍ତର ପାଖକୁ ନେବା ଔଷଧ କିଣି ଆଣିବା ଏସବୁ ଯୋଉ ସ୍ତ୍ରୀ ଭାଗ୍ୟରେ ଥାଏ ସେ ହେଉଛି ଭାଗ୍ୟବତୀ ଆଉ ଯୋଉ ସ୍ତ୍ରୀ ସ୍ୱାମୀଙ୍କ ହଁରେ ହଁ ଆଉ ନାରେ ନା ଭରିଲେ ଭଲ ନ ହେଲେ ଗାଳି ଆଉ ଯଦି ଜବାବ ଦେବ ତେବେ ବାପଘର ଚଉଦ ପୁରୁଷ କୁ ମିଳେ ଗାଳି। ତୁଳସୀ ଭାବେ ଯୁକ୍ତି ତର୍କ କରି ଲାଭ କଣ ବରଂ ସମୟ ନଷ୍ଟ ନ କରି ନିଜ ବିବେକ ଅନୁସାରେ କାମ କରିବା ଭଲ। ନାରୀଟିଏ ତ କଥା କଥାରେ ଦୋଷୀ ହୁଏ, ନିନ୍ଦା ଅପମାନ ସହେ ପଥର ପରି ଟାଣ ଓ ଶକ୍ତ ହୋଇଯାଏ ସବୁ ଆଘାତକୁ ସହିକି। ପଥର ପଛକେ ମୂର୍ତ୍ତି ହୋଇ ପୂଜା ପାଏ ହେଲେ ଜୀବନ୍ତ ମଣିଷ କଣ ଏତେ ପୂଜା ପାଏ ନା ପ୍ରଶଂସିତ ହୁଏ। ବାପଘରେ ଥିଲେ ବୋଉ ଆହା ପଦେ କୁହନ୍ତା, ଆଶ୍ୱାସନା ଦିଅନ୍ତା, ମୁଣ୍ଡକୁ ଆଉଁସି, ପିଠି ଥାପୁଡ଼େଇ କୁହନ୍ତା ସୁନାଟା ପରା ମନଦୁଃଖ କରନା। ତୋର ଯାହା ଅଭାବ ଅସୁବିଧା ବାପା ପୂରଣ କରିଦେବେ। ପଣତରେ ଆଖିରୁ ବହି ଆସୁଥିବା ଲୁହକୁ ପୋଛି ଏମିତି କିଛି ଇୟାଡୁ ସିୟାଡୁ କଥାରେ ମନକୁ ଭାରାକ୍ରାନ୍ତ କରି ବସିଥିଲା ବେଳେ ସ୍ୱାମୀ ପ୍ରଶାନ୍ତ ଅଫିସରୁ ଆସି ପହଁଚିଲେ। ଗୋଡ଼ ହାତ ନ ଧୋଇ ସୋଫା ଉପରେ ବସିପଡିଲେ।ଗୋଡ଼ରୁ ଖୋଲାଯାଇନି ଜୋତା ଆଉ ମୋଜା। ପଚାରିଲା ତୁଳସୀ- କଣ ହେଇଚି କି ଆଜି ତୁମର ? ଅଫିସରୁ ଆସି ଫ୍ରେସ ହେଇକି ଚାହା କପେ ପାଇଁ ଅର୍ଡର କରିବା ମଣିଷର ଆଜି ବ୍ୟତିକ୍ରମ ଦେଖୁଛି ଯେ ? ଅଫିସରେ କିଛି ହେଇଚି ନା କଣ ? ମନେ ମନେ ରାଗିକି କେତେ କଣ କହି ଯାଉଥିଲେ ପ୍ରଶାନ୍ତ ଉପରିସ୍ଥ ଅଧିକାରୀ ଜଣକ ଉପରେ। ମଣିଷ ମାତ୍ରକେ ଭୁଲ ହୁଏ। ଆଜି କାମରେ ଟିକେ ଭୁଲ ହେଲା ବୋଲି ଫାଇଲ ଫିଙ୍ଗି ଦେଲେ। କାହିଁକି ଫିଙ୍ଗିଦେଲେ କହିବାରୁ କହିଲେ ଏହି ସଂସ୍କାର ଶିଖିଛନ୍ତି ନା ଆପଣ ? ଚାକିରି କରିବାକୁ ଇଚ୍ଛା ନଥିଲେ ପଳାନ୍ତୁ ଘରକୁ। ବହୁତ ବେରୋଜଗାରୀ ପିଲା ଅଛନ୍ତି କାମ କରିବାକୁ। ତା ବାପା ପକେଟରୁ ଦରମା ଦେଇଥିଲେ କହିଥାନ୍ତା। ହକ କାମ କରୁଛୁ ଦରମା ଆଣୁଛୁ। ସବୁ ଶୁଣୁଥିଲା ତୁଳସୀ ପାଣି ଗିଲାସେ ସହ ଚାହା କପେ ଦେଇ କହିଲା କୁଲ ହୁଅ ଶାନ୍ତ ହୁଅ। ମୋର ଟିକିଏ ଭୁଲ ହେଲେ ମୋତେ କେତେକଥା କହୁଛ ମୋ ସହିତ ବାପଘରକୁ ବି ନିନ୍ଦା କରୁଛ ତଥାପି ମୁଁ କେବେ ବିଚଳିତ ହେଇନି, ତର୍କ କରିନି କି କାହିଁକି କହିଲ ବୋଲି ପଚାରିନି କେବେ। ଆଜି ତୁମେ ଅଫିସରେ ଗାଳି ଶୁଣିଲ ବୋଲି ସାହି ପଡ଼ିଶା, ବନ୍ଧୁ ବାନ୍ଧବ ସବୁ ଜାଣିଲେଣି। କାଲି ଯାଇ ଅଫିସରେ ଉପରିସ୍ଥ ଅଧିକାରୀ ସାରଙ୍କୁ ସରି କହିଦିଅ ସେ ଶାନ୍ତ ପଡିଯିବେ ଆଉ ତୁମ ମନ ବି ହାଲକା ହୋଇଯିବ ପୁଣି ଏକାଠି ମିଶିକି କାମ କରିବ। ପ୍ରଶାନ୍ତ ସୋଫା ଉପରୁ ଉଠି ଆସି କହିଲେ ତୁଳସୀଙ୍କୁ ପ୍ରଥମେ ତୁମକୁ ସରି କହିବା ଆରମ୍ଭ କଲି କାରଣ ତୁମକୁ ଯେତେ କଟୁ କଥା କହି ଗାଳି ମନ୍ଦ କରିଛି ସବୁ ସହି ଚୁପ ରହିଁଛ କେବେ ପ୍ରତିକ୍ରିୟାଶୀଳ ହୋଇନାହଁ ଏଥର ମୁଁ ମଧ ତୁମ ଠାରୁ ଧୈର୍ଯ୍ୟ ଧରିବା ଗୁଣ ଶିଖି ଗଲି। ପରଦିନ ଅଫିସ ପହଂଚି ଦସ୍ତଖତ କରି କିଛି ନ କହି ନୀରବ ରହିବାରୁ ପିଅନ ହାତରେ ଡାକ ପକାଇଲେ ଅଧିକାରୀ ଜଣକ। କହିଲେ - ଗତକାଲି ତୁମକୁ ରାଗିକି ଏଣୁ ତେଣୁ କଣ କହିଦେଲି ପ୍ରଶାନ୍ତ ବାବୁ! ମୋ କଥାକୁ ମନରେ ଧରିବେନି। ଏଇଟା ସବୁ ଅଫିସ କଥା। କାମ ଠିକ ନ କଲେ ଉପର ଅଧିକାରୀଠାରୁ ଗାଳି ଶୁଣିବାକୁ ପଡେ। ମନେ ମନେ ଖୁସି ହେଇଗଲେ ପ୍ରଶାନ୍ତ। ସାରଙ୍କ ସହ ମିଶି ଚାହା ପିଇଲେ। ନିଜ ସ୍ଥାନକୁ ଆସି ପତ୍ନୀ ତୁଳସୀଙ୍କୁ ଫୋନ କରି କହିଲେ - ଆଜି ସାର ଭଲରେ କଥା ହେଲେ, ଚାହା ପିଆଇଲେ। ତୁମଠାରୁ ଶିଖିଲି କାହା ମୁହଁ ଉପରେ ଜବାବ ନ ଦେଇ ଚୁପ ରହିବାର ଫାଇଦା କଣ। ଆଜି ସନ୍ଧ୍ୟା ବେଳକୁ ପ୍ରସ୍ତୁତ ହୋଇ ଥିବ ଯିବା ସପିଙ୍ଗକୁ ମିଶିକି। ହଉ କହି ଫୋନ ରଖିଲେ ତୁଳସୀ ଆଉ ଅକୁହା ଆନନ୍ଦରେ ଫାଟି ପଡୁଥିଲେ ସବୁ ସମୟର ଖେଳ ଏହି କଥା ଭାବିକି।

+ ମଧୁସୂଦନ ନଗର, ଜଟଣୀ
ମୋ ୭୯୭୮୧୧୦୪୭୪

## ଲିଫ୍ଟ

**ପ୍ରଣତି ଆଚାର୍ଯ୍ୟ ମିଶ୍ର**



ନିର୍ବାଚନ ମୁଣ୍ଡ ଉପରେ । ପ୍ରତିଦିନ ରାଲି, କିନ୍ତୁ ଆଜିର ରାଲି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ଅଞ୍ଚଳରେ ଏକ ନିର୍ଦ୍ଦିଷ୍ଟ ଜାତିର ଲୋକ ରହୁଛନ୍ତି। କିଏ ଆସିଲା କିଏ ଗଲା, ଏମାନଙ୍କର କିଛି ଯାଏ ଆସେନା। ସେମାନେ ନିଜ ଲୋକକୁ ହିଁ ଭୋଟ ଦେବେ। ଏହି ଅଞ୍ଚଳର ଭୋଟ କାଟିବା ନେତାଜୀଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଯାଇଥିଲା। ତା' ଉପରେ, ହାଇକମାଣ୍ଡଙ୍କ ତିକ୍ଷ୍ଣ ନଜର ନେତାଜୀଙ୍କ ଉପରେ...

ଯଦି ଏଥର ଏମାନଙ୍କ ଭୋଟ୍ ନମିଳେ, ତେବେ ଟିକେଟ୍ ଦେବା ବିଷୟରେ ପୁନଃବିଚାର କରିବାକୁ ପଡିବ। ଏହା ହାଇକମାଣ୍ଡଙ୍କ କଡା ନିର୍ଦ୍ଦେଶ।

ସେଥିପାଇଁ ଆଜି ନେତାଜୀ ତାଙ୍କର ସମସ୍ତ ଶକ୍ତି ଲଗାଇ ଦେଇଥିଲେ। ଏହି କଲୋନୀ ପାଇଁ ଏକ ସଫେଇ ଅଭିଯାନ ଯୋଜନା କରାଯାଇଥିଲା। କେହି ଜଣେ ନେତାଜୀଙ୍କୁ ଏକ ଚମକଦାର ଧଳା କୁର୍ତ୍ତା-ପାଇଜାମା, ଏକ ନୂତନ ଝାଡୁ ଏବଂ ଏକ ଦୋକାନରୁ କିଣାଯାଇଥିବା ଡଷ୍ଟ ବିନ୍ ଦେଇଥିଲେ। ଗଣମାଧ୍ୟମକୁ ପୂର୍ବରୁ ସୂଚନା ଦିଆଯାଇଥିଲା, କିନ୍ତୁ ସେମାନଙ୍କର ସ୍ଥାନ ଅଜଣା ଥିଲା। ନେତାଜୀ ଏକ ମାସ୍କ ପିନ୍ଧିଲେ ଏବଂ ତାଙ୍କ କାନରେ ଗୁପ୍ତ ଇଅରଫୋନ୍ ।

ଜଣେ କୁଜିନେତା କହିଲେ, 'ଦେଖନ୍ତୁ, ସାର୍ ସେମାନେ ଆସିଯାଇଛନ୍ତି।'

ନେତା ଶୀଘ୍ର ଡିସପୋଜେବଲ୍ ଗ୍ଲୋଭସ୍ ପିନ୍ଧିଲେ ଏବଂ ମହାନ ଶୈଳୀରେ ଭୂଇଁ ସଫା କରିବାକୁ ଲାଗିଲେ। ତାଙ୍କୁ ଅନୁସରଣ କରି, ତାଙ୍କ ଅନୁଗାମୀମାନେ ଚାରିପାଖରେ ଏକାଠି ହେଲେ। କ୍ୟାମେରାର ଟର୍ଚ୍ଚଲାଇଟ୍ ତାଙ୍କ ମୁହଁକୁ ଆଲୋକିତ କଲା। ଠିକ୍ ସେତିକିବେଳେ, ଜଣେ ସାମ୍ବାଦିକ ତାଙ୍କୁ ଏକ ମାଇକ୍ରୋଫୋନ୍ ଦେଇ ପଚାରିଲେ, 'ନେତାଜୀ, ଆପଣ ଏହି ବସ୍ତିର ଲୋକମାନଙ୍କୁ କ'ଣ କହିବାକୁ ଚାହାଁନ୍ତି ?' ନେତା ତାଙ୍କ ଶିଷ୍ୟଙ୍କୁ ଝାଡୁ ଧରାଇ ଦେଇ ହାତ ଯୋଡ଼ି ଆରମ୍ଭ କଲେ, ମୁଁ କ'ଣ କହିବି ? ଏମାନେ ସମସ୍ତେ ଆମର ନିଜ ଲୋକ। ମୁଁ ଜଣେ ମଣିଷ, ମୁଁ ମଣିଷମାନଙ୍କୁ ଭଲ ପାଏ। ଯଦି ଈଶ୍ୱର ଆମକୁ ସୃଷ୍ଟି କରିବାରେ ଭେଦଭାବ କରିନଥାନ୍ତି, ତେବେ ଆମେ କିଏ ଭେଦଭାବ କରିବା ପାଇଁ ?'

ସମଗ୍ର ବସ୍ତି କରତାଳିରେ ଫାଟି ପଡ଼ିଲା। ନେତାଙ୍କ ଅନୁଗାମୀମାନେ ସମ୍ମାନିତ ଅତିଥିମାନଙ୍କୁ ଖାଦ୍ୟ ପ୍ୟାକେଟ ପ୍ରଦାନ କଲେ ଏବଂ ପ୍ଲାଷ୍ଟିକ୍ ହସ ସହିତ ସେମାନଙ୍କୁ ବିଦାୟ ଦେଲେ। ଗଣମାଧ୍ୟମ କର୍ମଚାରୀମାନେ ଯିବା ମାତ୍ରେ, ନେତାଙ୍କ ଗାଡ଼ି ଧୂଳି ଉଡ଼ାଇ ଗନ୍ତବ୍ୟସ୍ଥଳକୁ ଫେରିଗଲା।

'ସାର, ଆମେ ପରବର୍ତ୍ତୀ ସଭା ପାଇଁ ସିଧା ସେଠାକୁ ଯିବା ଉଚିତ....

ନେତାଜୀ ଉତ୍ତର ଦେଲେ ନା ପ୍ରଥମେ ଘରକୁ ଯିବି। ବିସ୍ୱସ୍ତ ରଘୁ ନେତାଙ୍କୁ ଦେଖିଲା। ନେତାଜୀଙ୍କ ଆଖିରେ ଘୃଣା ଏବଂ ବିତୃଷ୍ଣା ଭରିରହିଛି। 'ପ୍ରଥମେ ମୁଁ ଗାଧୋଇବି, ତା'ପରେ ମୁଁ କୌଣସି ସ୍ଥାନକୁ ଯିବି। ମୁଁ ଜାଣିପାରୁନି ଏହି ଟିକେଟ୍ ପାଇଁ ମୋତେ କ'ଣ କଣ ସବୁ କରିବାକୁ ପଡିବ,'




ନେତାଜୀ ନିଜ ମନରେ ବିରକ୍ତି ପ୍ରକାଶ କଲେ। ଧଳା ଗାଡ଼ିଟି କୋଠାର ବାରଣ୍ଡାରେ ଅଟକିଗଲା। ନେତାଜୀଙ୍କ ଅନୁଗାମୀମାନେ ରାସ୍ତା ସଫା କଲେ, ଏବଂ ସେ ଶୀଘ୍ର ଲିଫ୍ଟ ଆଡକୁ ଚାଲିଗଲେ, କିନ୍ତୁ ଲିଫ୍ଟଟି କୌଣସି ସ୍ଥାନରେ ଫସି ଯାଇଥିଲା।

'ଆଜ୍ଞା, ଆପଣ ସେହି ବ୍ୟକ୍ତି ଯିଏ ଆଜି ସକାଳେ ଆମ ବସ୍ତିରେ ଟିଭି ସାକ୍ଷାତକାର ଦେଉଥିଲେ, ନୁହେଁ କି ?'

'ହଁ!'... ତ

ଗୁରୁବାରୀ ମହାନ୍ତି ବାବୁଙ୍କ ଘରେ କାମକରେ। ଯିଏ ନେତାଜୀଙ୍କ ପାଖ ପଡ଼ୋଶୀ । 'ଆପଣ ବହୁତ ଭଲ, କେତେ ମହାନ୍ । ମୁଁ ଆଜି ମୋ ସ୍ୱାମୀଙ୍କୁ କହୁଥିଲି ଯେ ନେତାଜୀ ସେହି କୋଠାରେ ରୁହନ୍ତି ଯେଉଁଠାରେ ମୁଁ କାମ କରେ।

ନେତାଜୀ ତାଙ୍କ ମୁହଁ ତଳକୁ କରି ହସିଲେ। ଗୁରୁବାରୀ ବାରମ୍ବାର ଲିଫ୍ଟ ବଟନ୍ ଦବାଉଥିଲା..

କିନ୍ତୁ ଏହା ଆସିଲାନି। ଠିକ୍ ସେତିକି ବେଳେ, ପାଖ ଲିଫ୍ଟଟି ତଳକୁ ଖସିଲା, ନେତାଜୀ ତାଙ୍କ ଅନୁଗାମୀମାନଙ୍କ ସହିତ ସେଥିରେ ପ୍ରବେଶ କରିବାକୁ ଲାଗିଲେ।

'ହେ, ହେ, ତୁମେ ଏହି ଲିଫ୍ଟକୁ କୁଆଡେ ଆସୁଛ ?' ନେତାଜୀଙ୍କ ଶିଷ୍ୟ ଗୁରୁବାରୀକୁ ଅଟକାଇ ପଚାରିଲେ। ନେତାଜୀଙ୍କ କପାଳ କୁଞ୍ଚିତ ହୋଇଗଲା। 'ସେବକମାନଙ୍କ ଲିଫ୍ଟ ସେଇଟା, ଏହି ଲିଫ୍ଟକୁ କେବଳ ସାର୍ ବ୍ୟବହାର କରନ୍ତି।

ଗୁରୁବାରୀ ଅନୁଭବ କଲା ନେତାଜୀଙ୍କ ଧଳା କୁର୍ତ୍ତା ହଠାତ୍ ଦାଗଯୁକ୍ତ ଏବଂ କଳା ହୋଇଗଲା। ଗୁରୁବାରୀକୁ ପଛରେ ଛାଡ଼ି ଲିଫ୍ଟଟି ନେତାଜୀଙ୍କୁ ନେଇ ଦ୍ରୁତ ଗତିରେ ଉପରକୁ ଯାଉଥିଲା, ଏବଂ ଗୁରୁବାରୀ ନେତାଜୀଙ୍କୁ ଚାହିଁ ରହିଥିଲା।

+ନୟାଗଡ଼
ମୋ: ୯୪୩୭୬୪୨୯୪୭

## ନଥିପତ୍ରର ନକ୍ସା

**କବିତା ପଣ୍ଡା**



ସମୁଦ୍ର ତାର କ୍ଳାନ୍ତ ତାକୁ ଦେଖି
ଶାମୁକା ଆଜି ନିରବ,
ଛାତିର ଛାତିଏ ଅଭିମାନ
ମନରେ ଅନେକ କୋହ ଭରା
ସାଇତା ଲେଖନୀର କାହାଣୀ ।
ଏବେ ଏବେ ଭେଟ ହୁଏ
କେବେ କେବେ ପଚାରିଦିଏ
ସେଇ କିଛି କ୍ଷଣ ସାକ୍ଷାତରେ,
ଯିଏ ଦିନେ କହୁଥିଲା
ଆଖି ସତ କୁହେ
ଆଖି କଥା କୁହେ
ଆଖିକୁ ଦେଖିଲେ ସବୁ ବୁଝି ହୁଏ ।
ଶାମୁକା ଭାବେ ସିଏ କଣ ଆଜି ଜାଣିପାରୁନି
ନାଁ ମୁଁ କିଛି ମୁହଁ ଖୋଲି କହେ ବୋଲି
ସେ ବାହାନା କରୁଛି ।
ସବୁକିଛି ବଖାଣିବାକୁ ନେଲା ନିଷ୍ପତ୍ତି
ସମୟ ସବୁକିଛି କରିଦେଲା
ଓଲଟା ପାଲଟା
କିଛି ବଖାଣିବା ଆଗରୁ
ଦେଖେଇ ଚାଲିଲା ଫର୍ଦ୍ଦ ଫର୍ଦ୍ଦ ଲେଉଟି
ତା ସଂଘର୍ଷ ଜୀବନର ନଥିପତ୍ରର ନକ୍ସା ।
ଛାତିର ଛାତିଏ ଦମ୍ଭ
ତଥାପି ଶୁଣିବାକୁ ଶାମୁକାର ସ୍ୱର,
ସବୁ ମିଶିଯାଏ ପାଣି ଫୋଟକା ଭଳି
ଯେବେ ଶୁଣେ ନଥିପତ୍ର ନକ୍ସାର
ସମୁଦ୍ରର ବର୍ଣ୍ଣିତ କାରୁଣୀମାକୁ ।

ମଙ୍ଗଳପୁର, ସୋର, ବାଲେଶ୍ୱର

## ମନେ ପଡେ ଆଜି

**ଲତିକା ମହାପାତ୍ର**



ସତର୍କରେ ପକେଇବୁ ପାଦ
ଦେଖି ଚାହିଁ କହୁଥିବୁ କଥା
ଭାଗମାପେ ଚଳିବୁଲୋ ମାଆ
ଆଇ କହିଥିଲା କାନେ କାନେ
ତା ନିଜସ୍ୱ ଅନୁଭବ

ଟିକିଏ ଏପାଖ ସେପାଖ ହେବୁ
ତ ବିଗିଡ଼ିଯିବ କଥା
ବଡ଼ ଗୂଢ଼ ଜ୍ଞାନ ଲୋ ମାଆ
ଖଣ୍ଡାଧାରେ ଚାଲୁଥିବୁ ବାଟ
କଷିବା ସହଜ ନୁହେଁ ମୋଟେ
ଜୀବନ ଗଣିତ

ବୋକୀ ପରି ଶୁଣୁଥିଲି
ରଖିଥା ଲୋ ତୋ ଜ୍ଞାନ
ପେଡି ପୁଟୁଳିରେ..

ସହି ସମ୍ଭାଳି ଚଳିଯିବୁ
ଆଗକୁହା ହେବୁନାଇଁ

ହେବୁନି ତୁ ଆଗଚଲା
ବେଗି ବେଗି କହିବୁନି
କଥା ଲୋ ମାଆ
ଶୁଣିବୁ ବେଶି କହିବୁ କମ
ଦଶ ପଦ ରେ ପଦିଏ ହୁଁ
ଲୋଡ଼ା ପଡିଲେ

ପୁଣି ଗପିଲା ମୋ ଆଇ
ପାନକୁ ପାଟିରେ ଜାକି..
ଧେତ ଏତେ ବେଶୀ ବକ ବକ
କରୁଛି ଏ ବୁଢ଼ୀ!

ଦୁଃଖୀ ରଙ୍କିଙ୍କ ସେବା କରୁଥିବୁ
ଗୁରୁ ଗୁରୁଜନଙ୍କ ପାଶେ ନଇଁ ପଡୁଥିବୁ
ମାନ୍ୟରେ ଘୋଡେଇ ରଖିବୁ କାନି ପଣତ
ମୋ ମାଆଲୋ
ସେଇ ଲାଜ ଟିକ ତୋରି ମାନ ମହତ

ରୋଗୀ ଭିକାରି କୁଆ କୁକୁର ଗାଇ
ସମସ୍ତଙ୍କ ପେଟ ଚିହ୍ନିବୁ ମା ମୋର
କରିବୁନି କେବେହେଲେ କାହାକୁ ତୁ
ଦୂରଦୂର ମାର ମାର

ବୁଢ଼ା ବୁଢ଼ୀ ମଣିଷଙ୍କ ମନ ଜାଣି ବାଢ଼ିଦେବୁ
ଡାକ୍ତର ବଇଦ ଦେଖେଇ ଓଷଦ ଦେବୁ
ଦିହ ପା ଭଲମନ୍ଦରେ ହେଳା ନକରି
ଦଣ୍ଡେ ଘଡିଏ ପାଖରେ ବସି ସୁଖ ଦୁଃଖ ହେବୁ
ବଡ଼ କଇଲାଣ ହେବ ମା ମୋର
ଆଶିଷରେ ପୂରିଯିବ ତୋ ଘର ସଂସାର

ରାଗ ରୁଷା ମାନ ଅଭିମାନ ଧରିବୁନି ଗଣ୍ଠି କରି
ସବୁ ଡେଇଁଯିବୁ
ହସି ଖେଳି ଆଗକୁ ତୁ ବଢ଼ିଯିବୁ
ଦିହେଁ ତୁମେ ଦୁହିଁଙ୍କର ସାହା
ଏଇ କଥା ଧନ ମୋର ବୁଝିବୁ ତୁ ଭଲ କରି

ଆଜି ମୁଁ ଭାବୁଛି ବସି
ରଖିଛି ମୁଁ କଥା ସବୁ ତାର କେତେ ବେଶୀ ?
ଆଖିରୁ ମୋ ଅମାନିଆ ଲୁହଧାର
ପଡେ ଆଜି ଖସି

+ ତାଳଚେର

## ନିଖିଳର ଚିତ୍ତ ହରଷା ବରଷା

**ଅସୀମା ପ୍ରଧାନ**

ନିଖିଳର ଚିତ୍ତ ହରଷା ବରଷା
ସୂର୍ଯ୍ୟ ତାପ ନାଶ କରେ
ଆବର୍ତ୍ତିତ ଋତୁଚକ୍ର ପରିଧିରେ
ସମୃଦ୍ଧ ସମୟ କରେ।

ତପ୍ତ ପ୍ରାଣକୁ ତ ଶାନ୍ତ କରେ ବର୍ଷା
ଭରଇ ହର୍ଷ ଆମୋଦ
ରୌଦ୍ର ଦଗ୍ଧ ବିବର୍ଣ୍ଣ ବିଶ୍ୱକୁ ବର୍ଷା
କରେ ଉପଶାନ୍ତ ଆଦ୍ୟ।

ସବୁଜ ଶସ୍ୟର ସମ୍ଭାର ଖେଳେ ତ
ସାରା ସସାଗରାଧରା
ବୃକ୍ଷ ସାରା ଭରିଦିଏ ଶ୍ୟାମଳିମା
ଅବାରିତ ବାରିଧାରା।

ଜୀବନ ଓ ଜୀବିକାର ମହାଉତ୍ସ
ପଲ୍ଲୀ ବାସୀଙ୍କର ପାଇଁ
ଆଣୁ ପଛେ ବାତ୍ୟା ବନ୍ୟାର ବିପ୍ଳାତ
ବାରିଦିଏ କୃଷି ପାଇଁ।

ପଲ୍ଲୀ ଜୀବନ ଅଟେ କୃଷିଭିତ୍ତିକ
କୃଷି ପାଇଁ ବର୍ଷା ଦାୟୀ
ବିକଳ ବିପନ୍ନ କଲେ ବି ବରଷା
ଆମ ପାଇଁ ପରା ମାଆ।

ବନ୍ୟା ହେତୁ ପଲ୍ଲୀ ଜୀବନ ବିଚ୍ଛିନ୍ନ
ହୋଇଥାଏ ତ ସର୍ବଦା
ସୁଖ ଦୁଃଖର ମଧୁର ସମନ୍ୱୟ
ବର୍ଷା ଆଣିଥାଏ ସଦା।

+ବୀରମହାରାଜପୁର, ସୁବର୍ଣ୍ଣପୁର

## ଅଞ୍ଜନୀ କୋରିଅର ଅଫିସରେ ଅଗ୍ନିକାଣ୍ଡ

ଭୁବନେଶ୍ୱର,୧୨/୦୮ (ନି.ପ୍ର): ଆଇଆରସି ଭିଲେଜ୍ ଜୟଦେବ ବିହାର ଅଞ୍ଚଳରେ ଥିବା ଅଞ୍ଜନୀ କୋରିଅର ଅଫିସରେ ଅଗ୍ନିକାଣ୍ଡ। ନିଆଁ ଲାଗିବା ପରେ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇବା କାର୍ଯ୍ୟ ଆରମ୍ଭ କରିଥିଲା। ଅଗ୍ନିକାଣ୍ଡର ଖବର ପାଇ ସଚିବାଳୟ ଫାୟାର ଷ୍ଟେସନ୍, ତମାଣ୍ଡୋ ଫାୟାର ଷ୍ଟେସନ୍ ଏବଂ ଷ୍ଟ୍ରାଇକିଂ ଫାୟାର ଫୋର୍ସର ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ । ଏକାଧିକ ଫାୟାର ଟିମ୍ ମିଳିତ ଭାବେ ନିଆଁ ଲିଭାଇବାରେ ନିୟୋଜିତ ହୋଇଥିଲେ । ବର୍ତ୍ତମାନ ନିଆଁ ନିୟନ୍ତ୍ରଣକୁ ଆସିଥିବା ସୂଚନା ମିଳିଛି । ସଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ନେଇ ସୂଚନା ଦେଇଛନ୍ତି ଅଞ୍ଜଳି କୋରିୟର ସର୍ଭିସର ମାଲିକ ସୁବ୍ରତ ତ୍ରିପାଠୀ। ଘଟଣାରୁ ଜଣାପଡିଛି ଯେ, ଆଜି ଭୋର ପ୍ରାୟ ୩.୩୦ ବେଳେ ଅଞ୍ଜଳି କୋରିୟର ସର୍ଭିସରେ କାମ କରୁଥିବା ୪ ଜଣ ପିଲା ଶୋଇଥିଲେ। ହଠାତ୍ ସେଠାରେ ଥିବା ପ୍ଲାଷ୍ଟିକ ବୋତଲ ଫୁଟିବା ସହିତ ଜୋରେ ଶବ୍ଦ ସୃଷ୍ଟି କରିଥିଲା। ଏବଂ ୨ ରୁମ ନିଆଁ ଲାଗିଯାଇଥିଲା। ଅଧ ଘଣ୍ଟା ମଧ୍ୟରେ ଉଭୟ ରୁମ୍ ରେ ଅଗ୍ନିର ପ୍ରକୋପ ବଢ଼ିଥିଲା। ତେଣୁ ସେଠାରେ ଥିବା ଲୋକେ ପ୍ରଥମେ କିଛି ଜିନିଷକୁ ବାହାରକୁ ଟାଣି ଆଣିଥିଲେ ଆଉ ଏହାପରେ ପାଣି ଯୋଗେ ନିଆଁକୁ ଆୟତ କରିବା ପାଇଁ ଚେଷ୍ଟା କରିଥିଲେ। ଏହାପରେ ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦେବା ପରେ ନିଆଁ ଆୟତ ହୋଇଛି।

## କ୍ରାନ୍ତି ଦିବସରେ ଭିଟାମାଟି ସୁରକ୍ଷା କମିଟିର ସଂକଳ୍ପ ସମାବେଶ
### ବନ୍ଦର-ପେଟ୍ରୋ କେମିକାଲ ପ୍ଲାଣ୍ଟ କରେଇ ଦେବୁନାହିଁ

ବାଲିଆପାଳ ,୧୨/୦୮ (ନି.ପ୍ର): ବାଲିଆପାଳ ବ୍ଲକର ସମୁଦ୍ର ଉପକୂଳ ଚଉମୁଖ ଠାରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର ଓ ପେଟ୍ରୋକେମିକାଲ ପ୍ଲାଣ୍ଟ ବିରୋଧରେ ଆନ୍ଦୋଳନ ଥମିବାର ନାଁ ଧରୁନି। ଯେତେ ସମୟ ଗଡି ଯାଉଛି ଭିଟାମାଟି ସୁରକ୍ଷା କମିଟିର ଆହ୍ୱାନରେ ସେତେ ସେତେ ଆନ୍ଦୋଳନ ତେଜିବାରେ ଲାଗିଛି। କ୍ରାନ୍ତି ଦିବସ ଅବସରରେ ଭିଟାମାଟି ସୁରକ୍ଷା କମିଟିର ଆବାହକ ଅରୁଣ ଜେନାଙ୍କ ଆହ୍ୱାନ କ୍ରମେ ବାଲିବିଲ ହାଟ ପଡିଆରେ ଏକ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ଦକ୍ଷିଣ ବାଲିଆପାଳର ସମୁଦ୍ର ଉପକୂଳ ପଞ୍ଚାୟତର ଶହ ଶହ ମହିଳା ପୁରୁଷ ଯୋଗଦେଇ ଜୀବନର ଶେଷ ରକ୍ତ ବିନ୍ଦୁଥିବା ଯାଏ ବନ୍ଦର ଓପେଟ୍ରୋ କେମିକାଲ ପ୍ଲାଣ୍ଟ କରେଇ ଦେବୁ ନାହିଁ ବୋଲି ଶପଥ ନେଇଛନ୍ତି। । ଏହି ଅବସରରେ ଡଗରା ବଡ଼




ଗୁମୁଟି ଛକରୁ ଏକ ମଶାଲ ଶୋଭାଯାତ୍ରା ବାହାରି ବାଲିବିଲ ହାଟ ପଡ଼ିଆରେ ପହଞ୍ଚିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଭିଟାମାଟି ସୁରକ୍ଷା କମିଟି ଆବାହକ ଶ୍ରୀ ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ସମାବେଶରେ ବସ୍ତା ବିଧାନସଭା କ୍ଷେତ୍ରର କଂଗ୍ରେସ ନେତା ବିଜନ ନାୟକ, ବାଲିଆପାଳ ବ୍ଲକ ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ଘାଟି ଆନ୍ଦୋଳନର ସଂଗ୍ରାମୀ ସଦସ୍ୟ କୁଶଧ୍ୱଜ ଜେନା, ଭିଟାମାଟି ସୁରକ୍ଷା କମିଟିର ସଂଯୋଜକ ଅନୁଜ କୁମାର ମାହାପାତ୍ର, ଭିଟାମାଟି ସୁରକ୍ଷା କମିଟିର ଉପସଭାପତି ମାୟାଧର କୁଲ୍ଲାରୀ,ସିପିଆଇ (ଏମ) ନେତା ମୃତ୍ୟୁଞ୍ଜୟ ରାଉତ, ବିଜେଡି ନେତା ମହେନ୍ଦ୍ର ବିଶ୍ୱାଳ, ଏସୟୁସିଆଇ ନେତା ନିରାକାର ପଣ୍ଡା, ବାଇନ ଦଳାଇ, ହର ପ୍ରସାଦ ମହାନ୍ତି, କମିଟିର ସଦସ୍ୟ ଅନୁପମ ମହାନ୍ତି, ବିଜୟ ନାୟକଙ୍କ ସହିତ ବହୁ ବରେଣ୍ୟ ନେତୃମଣ୍ଡଳୀ ଯୋଗଦେଇ ଉପକୂଳ ୬ଟି ପଞ୍ଚାୟତର ଲୋକଙ୍କୁ ଭିଟାମାଟି ଆନ୍ଦୋଳନ ପାଇଁ ନିଜକୁ ଜଣେ ଜଣେ ସୁଦକ୍ଷ ଯୋଦ୍ଧା ଭଳି ପ୍ରସ୍ତୁତ ରଖିବାକୁ ଆହ୍ୱାନ ଦେଇଥିଲେ। ଏହି ଆହ୍ୱାନରେ ସେଦିନ କ୍ରାନ୍ତି ଦିବସରେ ଯେମିତି ବ୍ରିଟିଶ ତୁମେ ଭାରତ ଛାଡର ନାରା ପ୍ରକମ୍ପିତ ହେଉଥିଲା ସେହିପରି ସଭାସ୍ଥଳରେ ଉପସ୍ଥିତ ଶହ ଶହ ମହିଳା ପୁରୁଷଙ୍କ କମ୍ପାନୀ ତୁମେ ବାଲିଆପାଳ ଛାଡର ନାରାରେ ଖଣ୍ଡ ମଣ୍ଡଳ ପ୍ରକମ୍ପିତ ହୋଇ ଉଠିଥିଲା।

## କଣ୍ଠଶିଳ୍ପୀ ସାଇ ବିସ୍ମୟ ପାଢ଼ୀ ସମ୍ବର୍ଦ୍ଧିତ

ବାସୁଦେବପୁର,୧୨/୦୮ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର ମଖଲ ପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ସଫଳ କଣ୍ଠଶିଳ୍ପୀ ସାଇ ବିସ୍ମୟ ପାଢ଼ୀ ସଙ୍ଗୀତ ପାଇଁ ବିଭିନ୍ନ ଅନୁଷ୍ଠାନରୁ ପୁରସ୍କାର ଲାଭ କରିବା ସହିତ ସମ୍ବର୍ଦ୍ଧିତ ହୋଇଛନ୍ତି। ଭଦ୍ରକ, କଟକ, ଭୁବନେଶ୍ୱର, ବାଲେଶ୍ୱର ପ୍ରଭୃତି ବିଭିନ୍ନ ସ୍ଥାନରୁ ସେ ପୁରସ୍କାର ପାଇଛନ୍ତି। ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର ମଖଲ ପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ସଫଳ କଣ୍ଠଶିଳ୍ପୀ ସାଇ ବିସ୍ମୟ ପାଢ଼ୀ ଙ୍କ ପିତାଙ୍କ ନାମ ଜ୍ଞାନେନ୍ଦ୍ର ନାରାୟଣ ପାଢ଼ୀ ଓ ମାତା ସ୍ନେହଲତା ପାଢ଼ୀ। ସାଇ ବିସ୍ମୟ ବର୍ତ୍ତମାନ ବେତଡା ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢୁଛନ୍ତି। ସାଇଙ୍କ ସଂଗୀତ ଜଗତର ଗୃହ ଗୁରୁ ହେଉଛନ୍ତି ବଳରାମ ଦାସ। ଏହା ବ୍ୟତୀତ ସାଇଙ୍କୁ ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ଶୈଳେନ୍ଦ୍ର ନାରାୟଣ ପାଢ଼ୀ ଓ ପାଢ଼ୀ ପରିବାର ବର୍ଗ ସାଇଙ୍କୁ ସଂଗୀତ ଜଗତରେ ପ୍ରେରଣା ଦେଇଥାନ୍ତି। ତରଙ୍ଗ, ସିଦ୍ଧାର୍ଥ, ସାର୍ଥକ, ପ୍ରାର୍ଥନା ପ୍ରଭୃତି ବିଭିନ୍ନ ଚାନେଲରେ ସାଇ ଭକ୍ତି ସଙ୍ଗୀତ



ପରିବେଷଣ କରିଛନ୍ତି । ସାଇ ପାଇଛନ୍ତି କଟକର ଭଏସ ଅଫ ବାରବାଟି, ଓଷ୍ଟା ତରଫରୁ ରାଜ୍ୟ ସ୍ତରୀୟ ପୁରସ୍କାର,ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପୁରସ୍କାର, ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କବିତା ଆବୃତ୍ତିରେ ପୁରସ୍କାର ପ୍ରଭୃତି। ରାଜ୍ୟ ସ୍ତରୀୟ ଓ ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମରେ ମଧ୍ୟ ସେ ଅଂଶ ଗ୍ରହଣ କରିଛନ୍ତି। ବାଙ୍ଗାଲୋର ସହରକୁ ମଧ୍ୟ ଯାଇ ସାଇ ସଙ୍ଗୀତ ପରିବେଷଣ କରିଛନ୍ତି। ସିଦ୍ଧାର୍ଥ ଚାନେଲ ସହିତ ସାଇ ଗୀତ ଗାଇବା ପାଇଁ ଦୁଇ ବର୍ଷ ଚୁକ୍ତି କରିଛନ୍ତି। ସାଇ ଖୁବ୍ ସୁନ୍ଦର ଗୀତ ଗାଇବା ସହିତ ତବଲା ବଜାନ୍ତି ଓ ହାର୍ମୋନୀୟମ ବଜାନ୍ତି ଯାହାକୁ ଜୀବନରେ ଆଦୌ ଭୁଲି ହେବ ନାହିଁ। ମହାପ୍ରଭୁ ଜଗନ୍ନାଥଙ୍କ ଭଜନ, ଶିବ ଭଜନ, ମା ତାରିଣୀଙ୍କ ଭଜନ ପ୍ରଭୃତି ସେ ଗାଇ ଥାଆନ୍ତି। ବିଶିଷ୍ଟ କଣ୍ଠଶିଳ୍ପୀ ମନ୍ମଥ ମିଶ୍ର, ନମିତା ଅଗ୍ରୱାଲ, ପ୍ରଶାନ୍ତ ପାଢ଼ୀ ପ୍ରମୁଖଙ୍କ ଠାରୁ ସାଇ ପୁରସ୍କାର ଲାଭ କରିଛନ୍ତି। ସାଇ ସର୍ବଦା ଈଶ୍ୱର ବିଶ୍ୱାସୀ। ଈଶ୍ୱରଙ୍କ ଆଶୀର୍ବାଦରୁ ସେ କର୍ତ୍ତବ୍ୟ କ୍ଷେତ୍ରରେ ଆଗେଇ ଚାଲିଛନ୍ତି। ବିଭିନ୍ନ ଅନୁଷ୍ଠାନରୁ ପୁରସ୍କାର ଓ ସମ୍ବର୍ଦ୍ଧନା ପାଇବା ପରେ ସାଇ ବିସ୍ମୟଙ୍କୁ ଅନେକ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ,କବି ସାହିତ୍ୟିକ,କଣ୍ଠଶିଳ୍ପୀ, ସଙ୍ଗୀତ ନିର୍ଦ୍ଦେଶକ ଓ ଜନ ସାଧାରଣ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଉଦ୍‌ଘାଟିତ ହେଲା ଚିତ୍ରକଳା ଓ ଭାସ୍କର୍ଯ୍ୟ କର୍ମଶାଳା

ବାଲେଶ୍ୱର,୧୨/୦୮ (ନି.ପ୍ର): "ହର ଘର ତିରଙ୍ଗା ୨୦୨୬" ଏବଂ "ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମର ୧୫୦ତମ ବର୍ଷ ପୂର୍ତ୍ତି ଅଭିଯାନ" ଅବସରରେ ବାଲେଶ୍ୱର ଜିଲ୍ଲାରେ "ହର ଘର ତିରଙ୍ଗା ୨୦୨୬" ଓ "ବିଭାଜନ ବିଭୀଷିକା ସ୍ମୃତି ଦିବସ" ବିଷୟ ବସ୍ତୁ ଆଧାରିତ ଏକ ଚିତ୍ରକଳା ଓ ଭାସ୍କର୍ଯ୍ୟ କର୍ମଶାଳା ୧୧ ଅଗଷ୍ଟ ୨୦୨୬ ପୂର୍ବାହ୍ନ ୧୦.୪୫ ଘଟିକା ସମୟରେ ବାଲେଶ୍ୱର ଆର୍ଟ ଆଣ୍ଡ କ୍ରାଫ୍ଟ ମହାବିଦ୍ୟାଳୟଠାରେ ଉଦଘାଟିତ ହୋଇଯାଇଅଛି ।




ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶାସକ ଦଳର ଉପମୁଖ୍ୟ ସଚେତକ ତଥା ମାନ୍ୟବର ବିଧାୟକ, ରେମୁଣା ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦର ଅଧ୍ୟକ୍ଷ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ତପନ କୁମାର ଖୁଣ୍ଟିଆ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀଯୁକ୍ତ ପ୍ରବୋଧ କୁମାର ମଲ୍ଲିକ, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀମତୀ ମନସ୍ୱିନୀ ରାଉତ ଓ ବାଲେଶ୍ୱର ଆର୍ଟ ଆଣ୍ଡ କ୍ରାଫ୍ଟ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ନିକୁଞ୍ଜ ବିହାରୀ ଦାସ ଯୋଗଦେଇଥିଲେ । ଏହି କର୍ମଶାଳା ୧୧ ଅଗଷ୍ଟ ୨୦୨୬ ଠାରୁ ୧୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ହୋଇ ସ୍ୱାଧୀନତା ଦିବସ ଅବସରରେ ଉକ୍ତ ସ୍ଥାନରେ ୧୫ ଅଗଷ୍ଟ ୨୦୨୬ରେ ପ୍ରଦର୍ଶନୀ କରାଯିବ ।

## ପାଲା ଗୁରୁ ସ୍ୱର୍ଗତ ରଘୁନାଥ ରଣାଙ୍କ ୧୭ତମ ଶ୍ରାଦ୍ଧବାର୍ଷିକୀ ତଥା ସ୍ମୃତିଚାରଣ ଉତ୍ସବ ଅନୁଷ୍ଠିତ

ବସ୍ତା ,୧୨/୦୮ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ମୁକୁଳିଶିଗ୍ରାମରେ ପାଲା ଗୁରୁ ସ୍ୱର୍ଗତ ରଘୁନାଥ ରଣାଙ୍କ ୧୭ତମ ଶ୍ରାଦ୍ଧବାର୍ଷିକ ଉତ୍ସବ ବେଶ ଭକ୍ତିପୂତ ପରିବେଶରେ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱର୍ଗତ ରଣାଙ୍କ ସୁପୁତ୍ର ଶ୍ରୀଯୁକ୍ତ ଶିବାନନ୍ଦ ରଣାଙ୍କ ଦ୍ୱାରା ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଥିଲା।ଏହି କାର୍ଯ୍ୟ କ୍ରମରେ ଗାୟକ ସମ୍ରାଟ ଅଭୟ ଚରଣ ସ୍ୱାଇଁ ଏବଂ ଗାୟକ ଶେଖର ଜଗନ୍ନାଥ ବେହେରାଙ୍କୁ ସ୍ମରଣ କରାଯାଇ ଦିନକୃଷ୍ଣ ପାଲା ପରିଷଦ ପକ୍ଷରୁ ଏକ ସ୍ମୃତିଚାରଣ ଉତ୍ସବ ଲୋକାର୍ପିତ ହୋଇ ଥିଲା।ଉକ୍ତ ପ୍ରସ୍ତୁତି ବୈଠକ ଓ ସ୍ମୃତିଚାରଣ ଉତ୍ସବରେ ଜିଲ୍ଲା ତଥା ରାଜ୍ୟର ବହୁ ବିଶିଷ୍ଟ ଗାୟକ,ଗାୟିକା ଓ ସଙ୍ଗୀତଜ୍ଞ ମାନେ ଯୋଗଦେଇଥିଲେ। ଗାୟକ



ଚକ୍ରବର୍ତ୍ତୀ ପ୍ରଧାପକ ବିଜୟ କୁମାର ଘୋଷ,ଗାୟକ ପ୍ରଚଣ୍ଡ ସୁରେନ୍ଦ୍ର ରାଉତ,ଗାୟକ କେଶରୀ ପିତାମ୍ବର ଦାସ,ଗାୟକ ସ୍ୱର୍ଣ୍ଣପଦକ ପ୍ରାପ୍ତ ବିଜୟ କୁମାର ପାଠୀ, ଗାୟକ କୁସୁମ ଭଜହରି ଦାସ,ଅଳଙ୍କାର ଭୁଷଣ ଗାୟକ ହରିଶ ଚନ୍ଦ୍ର ବେହେରା,ଗାୟକ ଭାସ୍କର ସଞ୍ଜିତ ବାରିକ୍,ଗାୟକ ରସ ନିଧି ଅଦ୍ୱୈତ କୁମାର ଦାସ,ଗାୟକ ହରିଶ ଚନ୍ଦ୍ର ସେନାପତି,ସମ୍ରାଟ ଗାୟକ ରମା ନାଥ ଜେନା,ବାଗ୍ମୀ ଗାୟକ ପର୍ଶୁରାମ ପରିଡ଼ା ,ସୌରଭ ଗାୟକ ପଞ୍ଚାନନ ପରିଡ଼ା,ଯୁବ ପ୍ରତିଭା ଗାୟକ ଚନ୍ଦ୍ରକାନ୍ତ ପରିଡ଼ା,ସୁଶ୍ରୀ ଗାୟୀକା ଅଞ୍ଜଳୀ ବିଶ୍ୱାଳ ଉପସ୍ଥିତ ଥିଲେ କ ପାଲା ସଂସ୍କୃତିର ପ୍ରଚାର ଓ ପ୍ରସାର ସହିତ ପ୍ରୟାତ ଗୁରୁମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି କାର୍ଯ୍ୟକ୍ରମ ଅଞ୍ଚଳରେ ପାଲାପ୍ରେମୀଙ୍କ ମଧ୍ୟରେ ଏକ ଆଧ୍ୟାତ୍ମିକ ଓ ସାଂସ୍କୃତିକ ବାତାବରଣ ସୃଷ୍ଟି କରିଥିଲା।

## ରାଉରକେଲାରେ ସାର୍ବଜନୀକ କ୍ରୟ ନୀତି ଉପରେ ଭେଣ୍ଡର ବିକାଶ କାର୍ଯ୍ୟକ୍ରମ ଆରମ୍ଭ

ରାଉରକେଲା,୧୨/୦୮ (ନି.ପ୍ର): ଭାରତ ସରକାରଙ୍କ ଏମ୍ଏସ୍ଏମ୍ଇ ମନ୍ତ୍ରାଳୟ ଅଧୀନସ୍ଥ ଶାଖା ଏମ୍ଏସ୍ଏମ୍ଇ -ଡି.ଏଫ.ଓ, ରାଉରକେଲା ଦ୍ୱାରା ରାଉରକେଲା ଇସ୍ପାତ କାରଖାନା ର ସହଯୋଗରେ ସାର୍ବଜନୀକ କ୍ରୟ ନୀତି ଉପରେ ଆୟୋଜିତ ଏକ ଦୁଇଦିନିଆ ଭେଣ୍ଡର ବିକାଶ କାର୍ଯ୍ୟକ୍ରମ ଅଗଷ୍ଟ ୧୧ ତାରିଖରେ ସିଭିକ୍ ସେଣ୍ଟରଠାରେ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏମ୍ଏସ୍ଏମ୍ଇ ଗୁଡ଼ିକ ମଧ୍ୟରେ ସାର୍ବଜନୀକ କ୍ରୟ ସୁଯୋଗ ବିଷୟରେ ଅଧିକ ସଚେତନତା ସୃଷ୍ଟି କରିବା ଏବଂ ସୂକ୍ଷ୍ମ, ଲଘୁ ଓ କ୍ଷୁଦ୍ର ଉଦ୍ୟୋଗ ଏବଂ କେନ୍ଦ୍ରୀୟ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗ ମଧ୍ୟରେ ସୁଦୃଢ଼ ବ୍ୟବସାୟିକ ସମ୍ପର୍କ ସ୍ଥାପନ କରିବା। ସେଲ୍, ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମାବେଶକୁ ସମ୍ବୋଧିତ କରି ଶ୍ରୀ ବର୍ମା। ଭାରତର ଅର୍ଥନୈତିକ ଅଭିବୃଦ୍ଧି, ନିଯୁକ୍ତି ସୃଷ୍ଟି ଏବଂ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ବିକାଶରେ ଏମ୍ଏସ୍ଏମ୍ଇ ଗୁଡ଼ିକର ପ୍ରମୁଖ ଭୂମିକା ଉପରେ ଆଲୋକପାତ କରିଥିଲେ। ସେ ଦେଶର ଜିଡିପି, ଉତ୍ପାଦନ କ୍ଷେତ୍ର ଏବଂ ରପ୍ତାନିରେ ଏମ୍ଏସ୍ଏମ୍ଇ ର ଗୁରୁତ୍ୱପୂର୍ଣ୍ଣ ଯୋଗଦାନକୁ ରେଖାଙ୍କିତ କରି, ବିଶେଷ କରି ଓଡ଼ିଶାରେ ଏମ୍ଏସ୍ଏମ୍ଇ ପରିସଂସ୍ଥାକୁ ଅଧିକ ସୁଦୃଢ଼ କରିବାର ଆବଶ୍ୟକତା ଉପରେ ବଳ ଦେଇଥିଲେ। ସେ କହିଥିଲେ ଯେ ଭେଣ୍ଡର ବିକାଶ ଭଳି କାର୍ଯ୍ୟକ୍ରମଗୁଡ଼ିକ ବୃହତ୍ ଶିଳ୍ପ ଏବଂ ଏମ୍ଏସ୍ଏମ୍ଇ ମଧ୍ୟରେ ଥିବା ଦୂରତାକୁ ହ୍ରାସ କରିବା, ନୂତନ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବା ଏବଂ ଆଞ୍ଚଳିକ ଶିଳ୍ପ ଅଭିବୃଦ୍ଧିରେ ସ୍ଥାନୀୟ ଉଦ୍ୟୋଗଗୁଡ଼ିକୁ ମୁଖ୍ୟ ସହଯୋଗୀ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରେ। ଶ୍ରୀ ବର୍ମା। ନିଜ ମନ୍ତବ୍ୟ ରେ ଏମ୍ଏସ୍ଏମ୍ଇ ଗୁଡ଼ିକର ବିକାଶ ପ୍ରତି ଆର.ଏସ.ପି ର କ୍ରମାଗତ ପ୍ରତିଶ୍ରୁତିବଦ୍ଧତା ବିଷୟରେ ମଧ୍ୟ ଆଲୋକପାତ କରିଥିଲେ। କ୍ରୟ ପ୍ରକ୍ରିୟାରେ ଏମ୍ଏସ୍ଏମ୍ଇଗୁଡ଼ିକର ଅଧିକ ଭାଗିଦାରୀକୁ ଉତ୍ସାହିତ କରିବା ଏବଂ ସ୍ଥାନୀୟ ଉଦ୍ୟୋଗଗୁଡ଼ିକର ଦକ୍ଷତା ବୃଦ୍ଧି ସହ ଆର.ଏସ.ପି ସହିତ ସ୍ଥାୟୀ ବ୍ୟବସାୟିକ ସମ୍ପର୍କ ଗଢ଼ିତୋଳିବା ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏହି ଅଞ୍ଚଳରେ ସୃଷ୍ଟି ହେଉଥିବା ନୂତନ ସୁଯୋଗ ବିଷୟରେ ଉଲ୍ଲେଖ କରି, ଶ୍ରୀ ବର୍ମା କହିଥିଲେ ଯେ ଆର.ଏସ.ପି ର ପ୍ରସ୍ତାବିତ ସମ୍ପ୍ରସାରଣ ଶିଳ୍ପ ବିଶେଷକରି ଏମ୍ଏସ୍ଏମ୍ଇ ଗୁଡ଼ିକ ପାଇଁ ପ୍ରଚୁର ସୁଯୋଗ ସୃଷ୍ଟି କରିବ। ସେ ବିଶ୍ୱାସ ବ୍ୟକ୍ତ କରିଥିଲେ ଯେ ଏହି ସମ୍ପ୍ରସାରଣ ସ୍ଥାନୀୟ ଶିଳ୍ପ ପରିସଂସ୍ଥାକୁ ବଡ଼ ଧରଣର ଉତ୍ସାହ ପ୍ରଦାନ କରିବ, ଆନୁଷଙ୍ଗିକ ଓ ସହାୟକ ଶିଳ୍ପର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ, ନୂତନ ବ୍ୟବସାୟ ସୁଯୋଗ ସୃଷ୍ଟି କରିବ ଏବଂ ଓଡ଼ିଶାର ଶିଳ୍ପ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ପୂର୍ବରୁ ପ୍ରଦୀପ ପ୍ରଜ୍ୱଳନ ସହ ଉଦ୍‌ଘାଟନୀ ସମାରୋହ ଆରମ୍ଭ ହୋଇଥିଲା। ରାଉରକେଲା ଶାଖା ଏମ୍ଏସ୍ଏମ୍ଇ-ଡି.ଏଫ.ଓ ର ସହକାରୀ ନିର୍ଦ୍ଦେଶକ ଶ୍ରୀ ଏସ୍. କେ. ପତି ସ୍ୱାଗତ ଭାଷଣ ଦେଇଥିଲେ ଏବଂ ପରେ ଆନୁଷ୍ଠାନିକ ଧନ୍ୟବାଦ ମଧ ଅର୍ପଣ କରିଥିଲେ। ରାଉରକେଲା ଶାଖା ଏମ୍ଏସ୍ଏମ୍ଇ-ଡି.ଏଫ.ଓ ର ନିର୍ଦ୍ଦେଶକ ଡଃ ଏସ୍. କେ. ସାହୁ କାର୍ଯ୍ୟକ୍ରମର ଏକ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ। ରାଉରକେଲା ଏନ.ଏସ.ଆଇ.ସି ର ସିନିୟର ବ୍ରାଞ୍ଚ ମ୍ୟାନେଜର ଶ୍ରୀ ଦୁର୍ଗା ମାଧବ ନାୟକ ଏବଂ ସମ୍ବଲପୁର ଏସ.ଏମ.ଇ ଶାଖାର ସହ ମହାପ୍ରବନ୍ଧକ ଶ୍ରୀ ବିଶ୍ୱଜିତ୍ ଦାସ ଉକ୍ତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ସମାବେଶକୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ଆର.ଏସ.ପି ର ନିର୍ବାହୀ ନିର୍ଦ୍ଦେଶକ (ସାମଗ୍ରୀ ପରିଚାଳନା) ଶ୍ରୀ ଅନିଲ କୁମାର; ନିର୍ବାହୀ ନିର୍ଦ୍ଦେଶକ (ୱାର୍କସ) ଶ୍ରୀ ବିଶ୍ୱ ରଞ୍ଜନ ପଲାଇ; ନିର୍ବାହୀ ନିର୍ଦ୍ଦେଶକ (ଖଣି) ଶ୍ରୀ ଏମ୍. ପି. ସିଂହ ଏବଂ କାରଖାନାର ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଉଦ୍?ଘାଟନୀ ସମାରୋହ ପରେ, ଅତିଥିମାନେ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଏମ୍ଏସ୍ଏମ୍ଇ ଗୁଡ଼ିକର ଦକ୍ଷତା ଓ ଉତ୍ପାଦ ପ୍ରଦର୍ଶନ କରୁଥିବା ପ୍ରଦର୍ଶନୀ ଷ୍ଟଲଗୁଡ଼ିକ ପରିଦର୍ଶନ କରିଥିଲେ। ମଧ୍ୟାହ୍ନରେ ରାଉରକେଲା ଶାଖା ଏମ୍ଏସ୍ଏମ୍ଇ-ଡି.ଏଫ.ଓ ର ସହକାରୀ ନିର୍ଦ୍ଦେଶକ ଶ୍ରୀ ସୁଭେନ୍ଦୁ କୁମାର ପତିଙ୍କ ସଂଯୋଜନାରେ ଏକ ବୈଷୟିକ ଅଧିବେଶନ ଆରମ୍ଭ ହୋଇଥିଲା। ଏହି ବୈଷୟିକ ଅଧିବେଶନ ପ୍ରମୁଖ ସାର୍ବଜନୀନ କ୍ଷେତ୍ର ସଂସ୍ଥାଗୁଡ଼ିକରେ ଏମ୍ଏସ୍ଏମ୍ଇ ପାଇଁ ଉପଲବ୍ଧ ବ୍ୟବସାୟିକ ସୁଯୋଗ ଉପରେ ପର୍ଯ୍ୟବେସିତ ଥିଲା। ଆର.ଏସ.ପି ରାଉରକେଲା ର ଉପ ପ୍ରବନ୍ଧକ(ସାମଗ୍ରୀ ପରିଚାଳନା) ଶ୍ରୀ ଏମ୍. ଚନ୍ଦ୍ର କୁମାର "ଆର.ଏସ.ପି ସହିତ ଏମ୍ଏସ୍ଏମ୍ଇ ପାଇଁ ବ୍ୟବସାୟିକ ସୁଯୋଗ" ବିଷୟରେ ବକ୍ତବ୍ୟ ରଖିଥିଲେ। ଏହା ପରେ ବଡ଼ମାଳ ଅର୍ଡନାନ୍ସ ଫ୍ୟାକ୍ଟ୍ରି, ଭୁବନେଶ୍ୱର ନାଲ୍‌କୋ, ସମ୍ବଲପୁର ଏମ୍‌ସିଏଲ୍ ଏବଂ କୋରାପୁଟ ଏଚ୍ଏଏଲ୍ ସହିତ ବ୍ୟବସାୟିକ ସୁଯୋଗ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ରାଉରକେଲା ଏନ.ଏସ.ଆଇ.ସି ର ବରିଷ୍ଠ ବ୍ରାଞ୍ଚ ପ୍ରବନ୍ଧକ ଶ୍ରୀ ଦୁର୍ଗା ମାଧବ ନାୟକ ମଧ୍ୟ ଏନ.ଏସ.ଆଇ.ସି ଯୋଜନା ଏବଂ ଏମ୍ଏସ୍ଏମ୍ଇ ପାଇଁ ଏସ.ସି-ଏସ.ଟି ହବ୍ ଉପରେ ଏକ ଅଧିବେଶନ ପ୍ରଦାନ କରି ପ୍ରତିଯୋଗୀମାନଙ୍କୁ ଏମ୍ଏସ୍ଏମ୍ଇ ପାଇଁ ଉପଲବ୍ଧ ସହାୟତା ବ୍ୟବସ୍ଥା ବିଷୟରେ ଅବଗତ କରାଇଥିଲେ। ଦିନର କାର୍ଯ୍ୟକ୍ରମ ଏମ.ଏସ.ଇ ଗୁଡିକ ଏବଂ ସି.ପି.ଏସ.ଇ ଗୁଡିକ ମଧ୍ୟରେ ଏକ ବି-ଟୁ-ବି ବୈଠକ ସହିତ ଶେଷ ହୋଇଥିଲା, ଯାହା ଅଂଶଗ୍ରହଣକାରୀ ସୂକ୍ଷ୍ମ ଓ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକୁ ସି.ପି.ଏସ.ଇ ଗୁଡିକ ର ପ୍ରତିନିଧିମାନଙ୍କ ସହ ସିଧାସଳଖ ଆଲୋଚନା କରିବା ଏବଂ ସମ୍ଭାବ୍ୟ ବ୍ୟବସାୟ ଓ ସଂଗ୍ରହ ସୁଯୋଗ ଆବିଷ୍କାର କରିବାର ସୁଯୋଗ ପ୍ରଦାନ କରିଥିଲା। ଅଗଷ୍ଟ ୧୨ ତାରିଖରେ ମଧ୍ୟ ଆହୁରି ବୈଷୟିକ ଅଧିବେଶନ ସହିତ ଏହି କାର୍ଯ୍ୟକ୍ରମ ଜାରି ରହିବ, ଯେଉଁଥିରେ ଏମ୍ଏସ୍ଏମ୍ଇ ପାଇଁ 'ଜେମ' ପଞ୍ଜୀକରଣ ପ୍ରକ୍ରିୟା ଏବଂ ଭାରତ ସରକାରଙ୍କ ଏମ୍ଏସ୍ଏମ୍ଇ ମନ୍ତ୍ରାଳୟର ଯୋଜନାଗୁଡ଼ିକର ରୂପରେଖ ସାମିଲ ରହିବ। କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଏକ ଉଦ୍ୟମ ଏବଂ 'ଜେମ' ପଞ୍ଜୀକରଣ ଶିବିର ମଧ୍ୟ ଆୟୋଜିତ ହେବ।

## ଉଚ୍ଛେଦ ଦାବିରେ ଜିଲ୍ଲାପାଳ ଓ ପ୍ରଶାସନର ଦ୍ୱାରସ୍ଥ ହେଲେ ଅଞ୍ଚଳବାସୀ


ବେତନଟୀ,୧୨/୮(ନି.ପ୍ର) : ବେତନଟୀ ବ୍ଲକ ବୈଶିଙ୍ଗା ମୁଖ୍ୟ ବଜାରରେ ଯାତ୍ରୀଙ୍କ ସୁବିଧା ପାଇଁ ନିର୍ମିତ ପ୍ରତୀକ୍ଷାଳୟ ଏବେ ନିଜେ ବିପଦରେ। ପ୍ରତୀକ୍ଷାଳୟର ଉପରିଭାଗରେ ବେଆଇନ ଭାବେ ଅର୍ଦ୍ଧନିର୍ମିତ ଗୃହ ନିର୍ମାଣକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ନିର୍ମାଣ ବେଆଇନ ଭାବେ କରାଯାଉଥିବା ଅଭିଯୋଗ ଆଣି ତୁରନ୍ତ ଉଚ୍ଛେଦ ଦାବି କରିଛନ୍ତି ଅଞ୍ଚଳବାସୀ। ପୂର୍ବରୁ ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ ଦିଆଯାଇଥିବା ବେଳେ ପରେ ବେତନଟୀ ବ୍ଲକ୍ କାର୍ଯ୍ୟାଳୟରେ ତହସିଲଦାରଙ୍କ ଦାୟିତ୍ୱରେ ଥିବା ବିଡିଓ ସୁଶାନ୍ତ କୁମାର ସୂତାରଙ୍କୁ ମଧ୍ୟ ଅଭିଯୋଗପତ୍ର ପ୍ରଦାନ କରାଯାଇଥିଲା । ସେତେବେଳର ଅଭିଯୋଗ ଅନୁଯାୟୀ, ପୂର୍ବରୁ ପୂର୍ତ୍ତ ବିଭାଗର ବୈଶିଙ୍ଗା-ମାଣତ୍ରୀ ଗଉଜ-୭୦ ରାସ୍ତା ସମ୍ପ୍ରସାରଣ ସମୟରେ ରାସ୍ତାପାର୍ଶ୍ୱରେ ଦୀର୍ଘ ୪୦ରୁ ୫୦ ବର୍ଷ ଧରି ବ୍ୟବସାୟ କରି ଜୀବିକା ନିର୍ବାହ କରୁଥିବା ଏକାଧିକ ଦୋକାନ ଘରକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଥିଲା। ସରକାରୀ ଜମି ଜବରଦଖଲ ଅଭିଯୋଗରେ ଦୋକାନ ଘର ଭାଙ୍ଗି ଦିଆଯାଇଥିବା ବେଳେ, ସେହି ସ୍ଥାନରେ ଥିବା ଯାତ୍ରୀ ପ୍ରତୀକ୍ଷାଳୟ ଉପରେ କିପରି ନିର୍ମାଣ କାର୍ଯ୍ୟ ଚାଲିଛି ବୋଲି ପ୍ରଶ୍ନ ଉଠାଇଥିଲେ ଅଞ୍ଚଳବାସୀ। ସାଧାରଣତଃ କୌଣସି ସଂଘ, ଅନୁଷ୍ଠାନ କିମ୍ବା ଗୋଷ୍ଠୀକୁ ସରକାରୀ ଜମିରେ ନିର୍ମାଣ ପାଇଁ ଅନୁମତି ଦେବା ପୂର୍ବରୁ ରାଜସ୍ୱ ବିଭାଗ ପକ୍ଷରୁ ଜମି




ଚିହ୍ନଟ ଓ ଆବଶ୍ୟକ ପ୍ରକ୍ରିୟା ସମ୍ପନ୍ନ କରାଯାଏ। ହେଲେ ବୈଶିଙ୍ଗା ଘଟଣାରେ ଏଭଳି କୌଣସି ଜମି ଚିହ୍ନଟ କିମ୍ବା ଅନୁମତି ହୋଇଛି କି ନାହିଁ, ତାହାକୁ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଥିଲେ । ଅଭିଯୋଗକାରୀଙ୍କ ଆଉ ଏକ ଅଭିଯୋଗ ହେଉଛି, 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାର ନାଁ ନେଇ ପ୍ରତୀକ୍ଷାଳୟ ଉପରେ ଜୋରଜବରଦସ୍ତ ନିର୍ମାଣ କରାଯାଉଥିଲା। ତେବେ ଏହି ନିର୍ମାଣ ପାଇଁ କିଏ ଅନୁମତି ଦେଇଛି, ଜମିର ସ୍ୱରୂପ କ'ଣ ଏବଂ ନିର୍ମାଣର ବୈଧତା କ'ଣ—ତାହାର ସ୍ପଷ୍ଟତା ଦାବି କରିଥିଲେ ଅଞ୍ଚଳବାସୀ। ତେବେ ଅଭିଯୋଗ ପରେ ସ୍ଥାନୀୟ ପ୍ରଶାସନ ଏହାର ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଥିଲା । ତେବେ ଯାତ୍ରୀ ପ୍ରତୀକ୍ଷାଳୟ ଉପରେ ସେହି ଅର୍ଦ୍ଧନିର୍ମିତ ବେଆଇନ ନିର୍ମାଣ ପାଇଁ ଏବେ ବର୍ଷା ଦିନରେ ଉପରେ ପାଣି ଜମି ରହୁଛି । ଯାହା ଆଗକୁ ଯାତ୍ରୀ ପ୍ରତୀକ୍ଷାଳୟକୁ ବିପଦ। ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି ପୁରୁଣା ପ୍ରତୀକ୍ଷାଳୟର ଉପରେ ଅତିରିକ୍ତ ନିର୍ମାଣ ହେବାରୁ ଏହାର ସୁରକ୍ଷା ଓ ସ୍ଥାୟୀତ୍ୱ ନେଇ ପ୍ରଶ୍ନ ଉଠିଛି। ବର୍ଷା ଋତୁରେ ଅଧିକ ଓଜନ କିମ୍ବା ନିର୍ମାଣଜନିତ ଚାପ ପ୍ରତୀକ୍ଷାଳୟର ଗଠନକୁ ଦୁର୍ବଳ କରିପାରେ ବୋଲି ଅଞ୍ଚଳବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ପ୍ରତିଦିନ ଏଠାରେ ଶତାଧିକ ଯାତ୍ରୀ ଆଶ୍ରୟ ନେଉଥିବାରୁ କୌଣସି ଅଘଟଣ ଘଟିଲେ ଦାୟୀ କିଏ ରହିବ ବୋଲି ମଧ୍ୟ ପ୍ରଶ୍ନ ଉଠିଛି। ଏହି ନିର୍ମାଣ ପଛରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଗୋଷ୍ଠୀର ସମର୍ଥକଙ୍କ ସମ୍ପୃକ୍ତି ଥିବା ମଧ୍ୟ ଅଭିଯୋଗକାରୀମାନେ ଦାବି କରିଛନ୍ତି। ତେବେ ଏହି ଅଭିଯୋଗର ସ୍ୱତନ୍ତ୍ର ସତ୍ୟତା ଯାଞ୍ଚ ହୋଇନାହିଁ। ପ୍ରଶାସନ ପକ୍ଷରୁ ନିରପେକ୍ଷ ତଦନ୍ତ କରାଯାଇ ନିର୍ମାଣର ବୈଧତା ସ୍ପଷ୍ଟ କରାଯିବାକୁ ଦାବି ହୋଇଛି। ଯାତ୍ରୀଙ୍କ ସୁରକ୍ଷା ସହ ଜଡ଼ିତ ଏହି ମାମଲାରେ ତୁରନ୍ତ ସ୍ଥଳ ପରିଦର୍ଶନ କରି ନିର୍ମାଣର ଅନୁମତି, ଜମିର ସ୍ଥିତି ଓ ପ୍ରତୀକ୍ଷାଳୟର ଗଠନାତ୍ମକ ସୁରକ୍ଷା ଯାଞ୍ଚ କରିବାକୁ ଦାବି ହୋଇଛି। ନିର୍ମାଣ ବେଆଇନ ପ୍ରମାଣିତ ହେଲେ ତୁରନ୍ତ ଉଚ୍ଛେଦ କରାଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ପ୍ରଶାସନ ଏହି ଅଭିଯୋଗ ଉପରେ କି ପଦକ୍ଷେପ ନେଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର। ଅଭିଯୋଗକାରୀମାନେ ଚେତାବନୀ ଦେଇଛନ୍ତି—ନିର୍ମାଣ ଉଚ୍ଛେଦ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ।

## କଣ୍ଟେନର ଭିତରୁ ୩୦ରୁ ଅଧିକ ଗାଈ ଓ ବାଛୁରୀ ଉଦ୍ଧାର

ବେତନଟୀ,୧୨/୮(ନି.ପ୍ର) : ୧୮ନଂ ଜାତୀୟ ରାଜପଥ ଦେଇ ଗୋରୁ ପରିବହନ ହେଉଥିବା ନେଇ ମିଳିଥିଲା ବିଶେଷ ସୂଚନା। ସୂଚନା ପାଇବା ପରେ ଏକ କଣ୍ଟେନରକୁ ପିଛା କରି ଶେଷରେ ଅଟକାଇଲେ ବିଶ୍ୱ ହିନ୍ଦୁ ପରିଷଦର ଗୋସେବକ ଓ ସ୍ଥାନୀୟ ଯୁବକ। କଣ୍ଟେନର ଖୋଲିବା ପରେ ଭିତରୁ ୩୦ରୁ ଅଧିକ ଗାଈ ଓ ବାଛୁରୀ ଉଦ୍ଧାର ହୋଇଥିବା ବେଳେ ଘଟଣାରେ ଚାଳକ ସମେତ ୪ଜଣଙ୍କୁ ପୁଲିସ ଗିରଫ କରିଛି। ସୂଚନା ଅନୁଯାୟୀ, ବିହାର ନମ୍ବର ଇଜ୦୬ଏଏ-୪୬୦୩ ଥିବା ଏକ କଣ୍ଟେନରରେ ବହୁ ସଂଖ୍ୟକ ଗୋରୁ ପରିବହନ ହେଉଥିବା ନେଇ ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତାମାନେ ବିଶେଷ ସୂତ୍ରରୁ ଖବର ପାଇଥିଲେ। ଏହାପରେ ବେତନଟୀ ଅଞ୍ଚଳରୁ କଣ୍ଟେନରଟିକୁ ପିଛା କରାଯାଇଥିଲା। ବେତନଟୀ ମଣ୍ଡଳ ସଭାପତିଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳର ୨୦ରୁ ଅଧିକ ଯୁବକ ଏହି ଗୋସେବକ ଯୁବକଙ୍କୁ ସହଯୋଗ କରିଥିବା ଜଣାପଡ଼ିଛି। ତେବେ ଦୀର୍ଘ ସମୟ ପିଛା କରିବା ପରେ ବୈଶିଙ୍ଗା ଥାନା ଅଧୀନ ୧୮ ନମ୍ବର ଜାତୀୟ ରାଜପଥର ହାତୀଝୁରି ନିକଟରେ କଣ୍ଟେନରଟିକୁ ଅଟକାଇ ଦିଆଯାଇଥିଲା। କଣ୍ଟେନର ଭିତରେ ବହୁ ସଂଖ୍ୟାରେ ଗୋରୁ ଥିବା ସନ୍ଦେହ ହେବାରୁ ବୈଶିଙ୍ଗା ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ କଣ୍ଟେନର ଖୋଲି ଯାଞ୍ଚ



କରାଯାଇଥିଲା। ଯାଞ୍ଚ ସମୟରେ କଣ୍ଟେନର ଭିତରେ ୩୦ରୁ ଅଧିକ ଗାଈ ଓ ବାଛୁରୀ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ବୋଝେଇ ହୋଇଥିବା ଦେଖିବାକୁ ମିଳିଥିଲା। ପୁଲିସ କଣ୍ଟେନରକୁ ଜବତ କରିବା ସହ ଗୋରୁମାନଙ୍କୁ ଉଦ୍ଧାର କରିଥିଲା। ପରେ ସ୍ଥାନୀୟ ପ୍ରାଣୀଧନ ଚିକିତ୍ସକଙ୍କ ଦ୍ୱାରା ସମସ୍ତ ଗୋରୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଚିକିତ୍ସା ପରେ ସେମାନଙ୍କୁ ସୁରକ୍ଷିତ ଭାବେ ବାଲେଶ୍ୱରସ୍ଥିତ ଗୋଶାଳାକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ପୁଲିସ ପଚରାଉଚରା ବେଳେ କଣ୍ଟେନର ଚାଳକ ବିହାରର ମୁଜାଫରପୁର ଅଞ୍ଚଳରୁ କଣ୍ଟେନର ନେଇ ବିଶାଖାପାଟଣା ଯାଉଥିବା କହିଥିବା ଜଣାପଡ଼ିଛି। ତେବେ ଗୋରୁଗୁଡ଼ିକ କେଉଁଠାରୁ ଅଣାଯାଇଥିଲା, କେଉଁଠାକୁ ନିଆଯାଉଥିଲା ଏବଂ ଏହି ପରିବହନ ପାଇଁ ଆବଶ୍ୟକ ଆଇନଗତ ଅନୁମତି ଥିଲା କି ନାହିଁ, ସେନେଇ ପୁଲିସ ଏବେବି ତଦନ୍ତ ଜାରି ରଖିଛି। ଘଟଣାରେ କଣ୍ଟେନର ଚାଳକଙ୍କ ସମେତ ତାଙ୍କ ସହ ଥିବା ଅନ୍ୟ ୩ଜଣଙ୍କୁ ପୁଲିସ ଗିରଫ କରିଥିଲା। ବୁଧବାର ସକାଳୁ ସେମାନଙ୍କ ବିରୋଧରେ ପ୍ରିଭେନସନ ଅଫ ଆନିମଲ କ୍ରୁଏଲିଟି ଆକ୍ଟ ଓ କାଓ ସ୍ଲଟର ଆକ୍ଟ ଅନୁଯାୟୀ ମାମଲା ରୁଜୁ କରାଯାଇ ୪୦୧ ନମ୍ବରରେ ମାମଲା ରୁଜୁ ପୂର୍ବକ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ବିହାର ରାଜ୍ୟର ଲାଲ ବାବୁ, ଅଖିଳେଶ ମାଝି, ଅବଧେସ ମାଝୀ ଓ ମହମ୍ମଦ ପରବେଜ ବୋଲି ଜଣାପଡ଼ିଛି।

# ଓ.ୟୁ.ଡବ୍ଲ୍ୟୁ.ଜେର ସାଂଗଠନିକ ବୈଠକ ଓ ନୂତନ ସଦସ୍ୟଙ୍କୁ ପରିଚୟପତ୍ର ବଣ୍ଟନ

## ସାମ୍ବାଦିକଙ୍କ ସୁରକ୍ଷା, ପେନସନ ଓ ସ୍ୱାସ୍ଥ୍ୟ ବୀମା ରାଶି ବୃଦ୍ଧି ଦାବି

ଖୋର୍ଦ୍ଧା, ୧୨/୮ (ନି.ପ୍ର): ସାମ୍ବାଦିକ ସମାଜ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ନିଜର କର୍ତ୍ତବ୍ୟ ଓ ଧର୍ମ ପାଳନ କରିଆସୁଛନ୍ତି। ତେଣୁ ସାମ୍ବାଦିକଙ୍କ ସାମାଜିକ ଓ ଆର୍ଥିକ ସୁରକ୍ଷା ସହିତ ସେମାନଙ୍କ ଦୀର୍ଘଦିନର ଦାବିଗୁଡ଼ିକ ପୂରଣ ଦିଗରେ ସରକାର ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଖୋର୍ଦ୍ଧାରେ ଅନୁଷ୍ଠିତ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ (ଓ.ୟୁ.ଡବ୍ଲୁ.ଜେ)ର ସାଂଗଠନିକ ବୈଠକରେ ମତ ପ୍ରକାଶ ପାଇଛି। ଓ.ୟୁ.ଡବ୍ଲୁ.ଜେ ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ନୂତନ ଭାବେ ସଂଘର ସଦସ୍ୟତା ଗ୍ରହଣ କରିଥିବା ସାମ୍ବାଦିକମାନଙ୍କୁ ପରିଚୟପତ୍ର ପ୍ରଦାନ ସହିତ ଏକ ସାଂଗଠନିକ ବୈଠକ ଜିଲ୍ଲା ଶାଖା ସଭାପତି ପ୍ରକାଶ କୁମାର ହାତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ସାମ୍ବାଦିକ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଯୋଗଦେଇଥିଲେ। ସର୍ବଭାରତୀୟ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘର ସଭାପତି ପିତବାସ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସାମ୍ବାଦିକମାନଙ୍କ ଏକତା ଓ ସାଂଗଠନିକ ଶକ୍ତି ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ। ଭୁବନେଶ୍ୱର ଶାଖା ସଭାପତି ହୃଷିକେଶ ମହାନ୍ତି ମଧ୍ୟ ଉପସ୍ଥିତ ରହି ସାମ୍ବାଦିକଙ୍କ ଅଧିକାର ଓ ସାଂଗଠନିକ ଶୃଙ୍ଖଳା ସମ୍ପର୍କରେ ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ବିଜେଡି ଖୋର୍ଦ୍ଧା ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବିଜେଡି ଖୋର୍ଦ୍ଧା ଜିଲ୍ଲା କାର୍ଯ୍ୟକାରୀ ସଭାପତି କ୍ୟାପଟେନ ମନ୍ମଥ ରାଉତରାୟ, କଂଗ୍ରେସ ନେତ୍ରୀ ସୋନାଲି ସାହୁ, ଖୋର୍ଦ୍ଧା ପୌର ପରିଷଦ ଉପାଧ୍ୟକ୍ଷ ଶୌର୍ଯ୍ୟ ରଞ୍ଜନ ମହାନ୍ତି, ଓ.ୟୁ.ଡବ୍ଲୁ.ଜେ ରାଜ୍ୟ ସାଂଗଠନିକ ସମ୍ପାଦକ ଅର୍ଜ୍ଜୁନ ମୁଦୁଲି ଏବଂ 'ପ୍ରବାହ'ର ସମ୍ପାଦକ ଅଭିମନ୍ୟୁ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ବକ୍ତାମାନେ ରାଜ୍ୟରେ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ପ୍ରତି ସରକାର ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମତ ଦେଇଥିଲେ। ବିଶେଷକରି ସାମ୍ବାଦିକମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସହ ଜଡ଼ିତ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ନେଇ ଆଲୋଚନା ହୋଇଥିଲା। ବକ୍ତାମାନେ କହିଥିଲେ ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ସାମ୍ବାଦିକଙ୍କ ଚିକିତ୍ସା ସହାୟତା ପାଇଁ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା ପ୍ରଚଳନ କରାଯାଇଥିଲା। ପ୍ରଥମେ ଏହି ଯୋଜନାରେ ୨ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ସୁବିଧା ରହିଥିବାବେଳେ ପରବର୍ତ୍ତୀ ସମୟରେ ଏହାକୁ ବୃଦ୍ଧି କରାଯାଇ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କରାଯାଇଥିଲା। ବର୍ତ୍ତମାନ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ସାମ୍ବାଦିକମାନଙ୍କୁ ଆୟୁଷ୍ମାନ ଯୋଜନାରେ ସାମିଲ କରି ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା ବନ୍ଦ କରିବା ନେଇ ଚାଲିଥିବା ପ୍ରସ୍ତାବକୁ ଉପସ୍ଥିତ ବକ୍ତାମାନେ ବିରୋଧ କରିଥିଲେ। ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଏକ ସ୍ୱତନ୍ତ୍ର ବିଷୟ ହୋଇଥିବାରୁ ଚାଲୁଥିବା ସ୍ୱାସ୍ଥ୍ୟ ବୀମା ବ୍ୟବସ୍ଥାକୁ ଅବ୍ୟାହତ ରଖି ଏହାର ପରିସର ଆହୁରି ବଢ଼ାଇବାକୁ ବୈଠକରେ ଦାବି ହୋଇଥିଲା। ବିଶେଷକରି ବୀମା ଯୋଜନାରେ ସାମ୍ବାଦିକଙ୍କ ପିତାମାତାଙ୍କୁ ସାମିଲ କରିବା, ବୀମା ରାଶି ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ଏବଂ ଅନ୍ୟ ରାଜ୍ୟ ଗୁଡ଼ିକରେ ଯେପରି ସାମ୍ବାଦିକଙ୍କ ପାଇଁ ବିଭିନ୍ନ ସୁବିଧା ଉପଲବ୍ଧ ରହିଛି, ସେହି ଅନୁରୂପ ବ୍ୟବସ୍ଥା ଓଡ଼ିଶାରେ କରିବାକୁ ଦାବି କରାଯାଇଥିଲା। ଏହା ସହ ସାମ୍ବାଦିକମାନଙ୍କ ବହୁଦିନର ଦାବି ଥିବା ପେନସନ ବ୍ୟବସ୍ଥା, ସାମ୍ବାଦିକଙ୍କ ସୁରକ୍ଷା ନିମନ୍ତେ ଆଇନ ପ୍ରଣୟନ, ଅଧିସ୍ୱୀକୃତି କମିଟିର ଗଠନ ଏବଂ ଅନ୍ୟାନ୍ୟ ସାମ୍ବାଦିକ କଲ୍ୟାଣମୂଳକ ପଦକ୍ଷେପ ତୁରନ୍ତ ଗ୍ରହଣ କରିବାକୁ ବୈଠକରେ ଦାବି ଉଠିଥିଲା। ସାମ୍ବାଦିକମାନେ କାର୍ଯ୍ୟକ୍ଷେତ୍ରରେ ବିଭିନ୍ନ ଚାପ ଓ ପ୍ରତିକୂଳତାର ସମ୍ମୁଖୀନ ହୋଇ ମଧ୍ୟ ଲୋକଙ୍କ ସମସ୍ୟାକୁ ସାମ୍ନାକୁ ଆଣୁ ଥିବାରୁ ସେମାନଙ୍କ ସୁରକ୍ଷା ଓ ସାମାଜିକ ନିରାପତ୍ତାକୁ ଅଣଦେଖା କରାଯିବା ଉଚିତ ନୁହେଁ ବୋଲି ବକ୍ତାମାନେ କହିଥିଲେ। ବୈଠକର ଅନ୍ୟତମ ଆକର୍ଷଣ ଥିଲା ନୂତନ ସଦସ୍ୟମାନଙ୍କୁ ପରିଚୟପତ୍ର ପ୍ରଦାନ। ଅତିଥିମାନେ ନୂତନ ସଦସ୍ୟଙ୍କୁ ପରିଚୟପତ୍ର ପ୍ରଦାନ କରି ସେମାନଙ୍କୁ ସାମ୍ବାଦିକତା କ୍ଷେତ୍ରରେ ସତ୍ୟ, ନିରପେକ୍ଷ ଓ ଦାୟିତ୍ୱଶୀଳ ସମ୍ବାଦ ପରିବେଷଣ ପାଇଁ ପରାମର୍ଶ ଦେଇଥିଲେ। ସାମ୍ବାଦିକତା କେବଳ ଏକ ପେସା ନୁହେଁ, ଏହା ସମାଜ ପ୍ରତି ଏକ ବଡ଼ ଦାୟିତ୍ୱ ବୋଲି ସେମାନେ ମତ ଦେଇଥିଲେ। ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଓ ଲଳିତ ମୋହନ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୧୦୦ରୁ ଊର୍ଦ୍ଧ୍ୱ ସାମ୍ବାଦିକ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ। ଏହି ଅବସରରେ ସଂଘର ଆଗାମୀ ଦିନର କାର୍ଯ୍ୟକ୍ରମ, ସାଂଗଠନିକ ବିସ୍ତାର ଏବଂ ସଦସ୍ୟମାନଙ୍କ ସମସ୍ୟାକୁ ଏକଜୁଟ ହୋଇ ଉପସ୍ଥାପନ କରିବା ଉପରେ ଆଲୋଚନା ହୋଇଥିଲା। ଜିଲ୍ଲା ସଂପାଦକ ଦିଲ୍ଲୀପ କୁମାର ପଟ୍ଟନାୟକ ଖୋର୍ଦ୍ଧା ଜିଲ୍ଲାରେ ଓ.ୟୁ.ଡବ୍ଲୁ.ଜେର ସାଂଗଠନିକ ଯାତ୍ରା ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ୨୦୧୭ ମସିହାରେ ଖୋର୍ଦ୍ଧାରେ ସଂଘ ଗଠନ ସମୟରେ ମାତ୍ର ୧୫ ଜଣ ସଦସ୍ୟ ଥିଲେ। ଦୀର୍ଘ ନଅ ବର୍ଷର ସାଂଗଠନିକ ଯାତ୍ରାରେ ଏହି ସଂଖ୍ୟା ଏବେ ୧୦୦ରୁ ଊର୍ଦ୍ଧ୍ୱରେ ପହଞ୍ଚିଛି। ଆଗାମୀ ଦିନରେ ଜିଲ୍ଲାର ପ୍ରତ୍ୟେକ ଅଞ୍ଚଳରେ ସାମ୍ବାଦିକମାନଙ୍କୁ ସଂଘ ସହିତ ଯୋଡ଼ି ଏହାକୁ ଆହୁରି ସୁଦୃଢ଼ କରାଯିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ବୈଠକରେ ସାମ୍ବାଦିକଙ୍କ ଏକତା, ସାଂଗଠନିକ ଶୃଙ୍ଖଳା ଓ ନିରପେକ୍ଷ ସାମ୍ବାଦିକତାକୁ ଆଗକୁ ନେବା ନେଇ ସଂକଳ୍ପ ପ୍ରକାଶ ପାଇଥିଲା। ନୂତନ ସଦସ୍ୟମାନେ ସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ଆଗେଇ ନେବା ସହ ସାମ୍ବାଦିକଙ୍କ ସ୍ୱାର୍ଥ ଓ ଅଧିକାର ପାଇଁ ସଂଗଠିତ ଭାବେ କାର୍ଯ୍ୟ କରିବାକୁ ମତ ପ୍ରକାଶ କରିଥିଲେ। ସାମ୍ବାଦିକଙ୍କ କଲ୍ୟାଣ ସହ ଜଡ଼ିତ ଦାବିଗୁଡ଼ିକୁ ନେଇ ଆଗାମୀ ଦିନରେ ସରକାରଙ୍କ ନିକଟରେ ଅଧିକ ଦୃଢ଼ ଭାବେ ଦାବି ଉପସ୍ଥାପନ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସଂଘର ବୃଦ୍ଧି ପାଉଥିବା ସଦସ୍ୟ ସଂଖ୍ୟା ଓ ସାଂଗଠନିକ ସକ୍ରିୟତା ଖୋର୍ଦ୍ଧା ଜିଲ୍ଲାରେ ସାମ୍ବାଦିକ ଏକତାକୁ ଆହୁରି ମଜବୁତ କରିବ ବୋଲି ଆଶା ପ୍ରକାଶ ପାଇଛି।

# ଚାଷୀ ପଞ୍ଜୀକରଣ ନିୟମ ସରଳୀକୃତ ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଜଳେଶ୍ୱର, ୧୨/୮ (ନି.ପ୍ର): ସୋସାଇଟିରେ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ନିୟମକୁ ସରଳ କରିବା ଦାବିରେ ଓଡ଼ିଶା କୃଷକ ସଭାର ଜଳେଶ୍ୱର ବ୍ଲକ କମିଟି ପକ୍ଷରୁ ବୁଧବାର ତହସିଲଦାର ସତ୍ୟଜିତ୍ ମହାନ୍ତି ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଅଗଷ୍ଟ ୧ ରୁ ୩୧ ତାରିଖ ପର୍ଯ୍ୟନ୍ତ ଧାନ ବିକ୍ରି ନିମନ୍ତେ ନାମ ପଞ୍ଜୀକରଣ ପାଇଁ ସରକାର ଦିନ ଧାର୍ଯ୍ୟ କରିଛନ୍ତି। ତେବେ ଚଳିତ ବର୍ଷ କରାଯାଇଥିବା କଠୋର ନିୟମ ଯୋଗୁଁ ପ୍ରକୃତ ଚାଷୀ ଓ ଭାଗଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ଜମି ମାଲିକଙ୍କ ସମ୍ମତି ପତ୍ର ଦେଇ ପଞ୍ଜୀକରଣ ହୋଇପାରୁଥିବା ବେଳେ, ଏବେ ଜମି ମାଲିକଙ୍କ ପ୍ରତ୍ୟକ୍ଷ ଉପସ୍ଥିତି ବାଧ୍ୟତାମୂଳକ କରାଯାଇଛି। ଏହାଛଡ଼ା, ଭାଗଚାଷୀଙ୍କ ପାଇଁ 'ଫାର୍ମ ରେଜିଷ୍ଟ୍ରେସନ' ଏବଂ ଆଖି ସ୍କାନର ଦ୍ୱାରା କଣଉ ପ୍ରକ୍ରିୟା ବହୁତ ଜଟିଳ ହୋଇପଡ଼ିଛି, ଯାହାଫଳରେ ଅନେକ ଚାଷୀ ସରକାରୀ ସୁବିଧାରୁ ବଞ୍ଚିତ ହେବାର ଆଶଙ୍କା ଦେଖାଦେଇଛି।କୃଷକ ସଭା ଦାବି କରିଛି ଯେ, ଫାର୍ମ ରେଜିଷ୍ଟ୍ରେସନ ନିୟମ ପ୍ରତ୍ୟାହାର କରାଯାଉ, ପୂର୍ବ ପରି ସମ୍ମତି ପତ୍ର ଆଧାରରେ ପଞ୍ଜୀକରଣ ସୁବିଧା ମିଳୁ ଏବଂ ପ୍ରତ୍ୟେକ ଭାଗଚାଷୀଙ୍କଠାରୁ ଅତିକମରେ ୧୦ କ୍ୱିଣ୍ଟାଲ ଧାନ କ୍ରୟ କରାଯାଉ। ଦାବି ପୂରଣ ନହେଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଜିଲ୍ଲା ସମ୍ପାଦକ ଦିଲ୍ଲୀପ କୁମାର ଗିରି, ଶିଶିର ହୁଇ, ରବିନ୍ଦ୍ର ବାରିକଙ୍କ ସମେତ ଅନ୍ୟ ପ୍ରମୁଖ ନେତୃବୃନ୍ଦ ଚେତାବନୀ ଦେଇଛନ୍ତି।

# ବିଶ୍ୱ ହସ୍ତୀ ଦିବସରେ ହାତୀମାନଙ୍କ ସୁରକ୍ଷା ପାଇଁ ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର, ୧୨/୮ (ନି.ପ୍ର): ବିଶ୍ୱ ହସ୍ତୀ ଦିବସରେ ହାତୀମାନଙ୍କ ସୁରକ୍ଷା ପାଇଁ ଦୁଇ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଓ ପ୍ରଭାତି ପରିଡା ଆହ୍ୱାନ ଦେଇଛନ୍ତି । ସୋସିଆଲ ମିଡିଆ ଏକ୍ସରେ ଏକ ବାର୍ତ୍ତା ଜାରି କରି କେଭି ସିଂହଦେଓ କହିଛନ୍ତି ଯେ, ବିଶ୍ୱ ହାତୀ ଦିବସ ଅବସରରେ, ପ୍ରକୃତିରେ ଶକ୍ତି, ପ୍ରଜ୍ଞା ଏବଂ ସୌହାର୍ଦ୍ଦ୍ୟର ଏକ ଚିରନ୍ତନ ପ୍ରତୀକ ଭାବେ ପରିଚିତ ହାତୀମାନଙ୍କୁ ସମ୍ମାନ ଜଣାଇବା। ଏହି ଜୀବମାନଙ୍କ ସହ ସେମାନଙ୍କର ଆବାସସ୍ଥଳୀକୁ ସୁରକ୍ଷା ଦେବା ଆମ ପରିବେଶତନ୍ତ୍ରର ସୂକ୍ଷ୍ମ ସନ୍ତୁଳନକୁ ସୁରକ୍ଷିତ ରଖିବା ଏବଂ ଆଗାମୀ ପିଢ଼ି ପାଇଁ ଏକ ସମୃଦ୍ଧ ଓ ସୁସ୍ଥ ପୃଥିବୀ ସୁନିଶ୍ଚିତ କରିବା ନିମନ୍ତେ ଅତ୍ୟନ୍ତ ଆବଶ୍ୟକ। ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା କହିଛନ୍ତି ଯେ, ହାତୀ ଆମ ପ୍ରକୃତି ଓ ଜୈବ ବିବିଧତାର ଅମୂଲ୍ୟ ଅଂଶ। ହାତୀଙ୍କ ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ।

# ଦୁର୍ଘଟଣା ଏଡ଼ାଇବାକୁ ପ୍ରାଣିଚିକିତ୍ସା ବିଭାଗର ନୂଆ ପ୍ରୟାସ: ବୁଲା ଗୋରୁ ଗାଈଙ୍କ ବେକରେ ରେଡିଅମ ବନ୍ଧା

ଖଇରା, ୧୨/୮ (ନି.ପ୍ର): ବର୍ତ୍ତମାନ ରାସ୍ତା ଉପରେ ଶହ ଶହ ସଂଖ୍ୟାର ବୁଲାଗୋରୁ ଗାଈ ଓ ଷଣ୍ଢ ଯାତ୍ରୀଙ୍କ ଦୁର୍ଘଟଣାର ମୁଖ୍ୟ କାରଣ ପାଲଟିଥିବା ବେଳେ ଏହାକୁ ରୋକିବାକୁ ସରକାରଙ୍କ ପ୍ରାଣି ଚିକିତ୍ସା ବିଭାଗ ପକ୍ଷରୁ ଭିନ୍ନ ପ୍ରୟାସ ଆରମ୍ଭ ହୋଇଛି । ମଙ୍ଗଳବାର ସଂଧ୍ୟାରେ ଗୋଷ୍ଠୀ ପ୍ରାଣି ଚିକିତ୍ସାଧିକାରୀ ଡା ଶୁଭାଶିଷ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଖଇରା ବଜାରରେ ଏହି କାର୍ଯ୍ୟର ଶୁଭାରମ୍ଭ କରାଯାଇଛି । ସଂଧ୍ୟା ୬ଟାରୁ ଖଇରା ବଜାର ତଥା ଆଖପାଖ ଅଞ୍ଚଳରେ ପ୍ରାଣିଧନ ନିରିକ୍ଷକ ସୁଧାକର ନାୟକ ଜନହିତ ଯୁବକ ସଂଘର ସହଯୋଗରେ ୫୦ରୁ ଅଧିକ ଗୋରୁ ଗାଈଙ୍କ ବେକରେ ରେଡିୟମ ବ୍ୟାଣ୍ଡ ବାନ୍ଧିବାକୁ ସମର୍ଥ ହୋଇଥିଲା । ଆଗକୁ ସୋର-କୁପାରୀ, ରାଣିତାଲ-କୁପାରୀ ଓ ବର୍ଦ୍ଧନା -ଆଗରପଡା ରାସ୍ତାରେ ରାସ୍ତା ଉପରେ ଚରାବୁଲା କରୁଥିବା ଗୋରୁଗାଈଙ୍କ ବେକରେ ବନ୍ଧାଯିବା କାର୍ଯ୍ୟକ୍ରମ ଜାରି ରହିବ ବୋଲି ପ୍ରାଣି ଚିକିତ୍ସାଧିକାରୀ କହିଛନ୍ତି ।

# ସାଇବର ସୁରକ୍ଷା ସଚେତନତା ଅଭିଯାନ ଆୟୋଜିତ



ଖୋର୍ଦ୍ଧା, ୧୨/୮ (ନି.ପ୍ର): ଓଡ଼ିଶାର ମାନ୍ୟବର ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶାନୁସାରେ ସମଗ୍ର ରାଜ୍ୟରେ ସାଇବର ସୁରକ୍ଷା ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ଉକ୍ତ ଅଭିଯାନର ପରିପ୍ରେକ୍ଷିତରେ ଏବଂ ଖୋର୍ଦ୍ଧା ଜିଲ୍ଲା ପୁଲିସ ଅଧିକ୍ଷକ ଶ୍ରୀ ପରମାର ସ୍ମିତ ପୁରୁଷୋତ୍ତମଦାସ, IPSଙ୍କ ନିର୍ଦ୍ଦେଶରେ ଜୟ ରାଜଗୁରୁ ଉଚ୍ଚ ବିଦ୍ୟାଳୟ, ଖୋର୍ଦ୍ଧାରେ ଏକ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଶ୍ରୀ ରବିନାରାୟଣ ଭଞ୍ଜ, Dy. SP, In-charge, CC & EO, PS ଖୋର୍ଦ୍ଧାଙ୍କ ମାର୍ଗଦର୍ଶନରେ ଏବଂ ଶ୍ରୀ ଧୀରେନ୍ଦ୍ରନାଥ ମଲ୍ଲିକ, Inspector of Police, CC & EO, PS ଖୋର୍ଦ୍ଧାଙ୍କ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା। ଏହି କାର୍ଯ୍ୟକ୍ରମର ପ୍ରଧାନ ଉଦ୍ଦେଶ୍ୟ ଥିଲା ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଅନ୍ୟାନ୍ୟ ଅଂଶଗ୍ରହଣକାରୀଙ୍କୁ ବୃଦ୍ଧିଶୀଳ ସାଇବର ଅପରାଧର ବିପଦ ସମ୍ପର୍କରେ ସଚେତନ କରିବା ସହିତ ଅନଲାଇନ୍ ଠକେଇରୁ କିପରି ସତର୍କ ରହିବେ ସେ ବିଷୟରେ ଜ୍ଞାନ ଦେବା। ଅଭିଯାନ ସମୟରେ ସାଇବର ଅପରାଧୀମାନେ ଅବଲମ୍ବନ କରୁଥିବା ସାଧାରଣ ପ୍ରଣାଳୀ ସମ୍ପର୍କରେ ଏବଂ ମୋବାଇଲ୍ ଫୋନ୍, ସୋସିଆଲ୍ ମିଡିଆ, ଅନଲାଇନ୍ ବ୍ୟାଙ୍କିଂ ଓ ଅନ୍ୟାନ୍ୟ ଡିଜିଟାଲ୍ ପ୍ଲାଟଫର୍ମ ବ୍ୟବହାର ସମୟରେ କଣ କଣ ସତର୍କତା ଅବଲମ୍ବନ କରିବା ଉଚିତ, ସେ ବିଷୟରେ ଅଂଶଗ୍ରହଣକାରୀଙ୍କୁ ଅବଗତ କରାଯାଇଥିଲା। ବିଶେଷ କରି ଇଚକ ଠକେଇ, ନକଲି ଯୋଜନା/ନିବେଶ ଠକେଇ, ଡିଜିଟାଲ୍ ଆରେଷ୍ଟ ଠକେଇ, ଅନଲାଇନ୍ ଆର୍ଥିକ ଠକେଇ ଇତ୍ୟାଦି ବିଭିନ୍ନ ପ୍ରକାରର ସାଇବର ଠକେଇ ବିଷୟରେ ଗୁରୁତ୍ୱ ଦିଆଯାଇଥିଲା। ସାଇବର ଠକେଇର ଶିକାର ହେଲେ କିପରି ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ, ସେ ବିଷୟରେ ମଧ୍ୟ ଅଂଶଗ୍ରହଣକାରୀଙ୍କୁ ସୂଚନା ଦିଆଯାଇଥିଲା। ଏଥିରେ ସମ୍ପୃକ୍ତ ପ୍ରମାଣଗୁଡ଼ିକୁ ସୁରକ୍ଷିତ ରଖିବା, ତୁରନ୍ତ ବ୍ୟାଙ୍କ/ଆର୍ଥିକ ସଂସ୍ଥାକୁ ଅବଗତ କରିବା ଏବଂ ସାଇବର ହେଲ୍ପଲାଇନ୍ ନମ୍ବର ୧୯୩୦ ରେ ଶୀଘ୍ର ଅଭିଯୋଗ କରିବା ସମ୍ପର୍କରେ ଜଣାଇ ଦିଆଯାଇଥିଲା। ଅଜଣା ଲିଙ୍କ୍ରେ କ୍ଲିକ୍ କରିବା, ଅଜଣା ଆପ୍ଲିକେସନ୍ ଡାଉନଲୋଡ୍ କରିବା, ବ୍ୟକ୍ତିଗତ ସୂଚନା ସେୟାର କରିବା କିମ୍ବା ଅନଲାଇନ୍ ଆର୍ଥିକ ଲେନଦେନ କରିବା ପୂର୍ବରୁ "Stop, Think and Verify" (ଅଟକନ୍ତୁ, ଚିନ୍ତା କରନ୍ତୁ ଏବଂ ଯାଞ୍ଚ କରନ୍ତୁ) ନୀତିକୁ ଅବଲମ୍ବନ କରିବାର ଗୁରୁତ୍ୱ ଉପରେ ମଧ୍ୟ ଜୋର ଦିଆଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନେ ପୁଲିସ ଅଧିକାରୀମାନଙ୍କ ସହ ସକ୍ରିୟ ଭାବେ ଆଲୋଚନା କରି ନିଜ ଜିଜ୍ଞାସା ଦୂର କରିଥିଲେ ଏବଂ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମଟି ସମସ୍ତଙ୍କ ମଧ୍ୟରେ ସ୍ୱାଗତ ଯୋଗ୍ୟ ହୋଇଥିଲା ଏବଂ ଅଂଶଗ୍ରହଣକାରୀମାନେ ନିଜ ସନ୍ତୋଷ ବ୍ୟକ୍ତ କରିଥିଲେ। ଖୋର୍ଦ୍ଧା ପୁଲିସ ସାଧାରଣ ଜନତାଙ୍କୁ ସାଇବର ଠକେଇ ପ୍ରତି ସତର୍କ ଓ ସଚେତନ ରହିବା ସହିତ ନିଜ ପରିବାର, ବନ୍ଧୁମାନେ ଏବଂ ସମାଜର ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ସାଇବର ସୁରକ୍ଷା ସଚେତନତା ପ୍ରସାର କରିବାକୁ ଅନୁରୋଧ କରୁଛି। ଆଗାମୀ ଦିନଗୁଡ଼ିକରେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଏପରି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ବନ୍ୟାରେ ୨୪ ଜିଲ୍ଲାର ୮୭୯ ପଂଚାୟତ କ୍ଷତିଗ୍ରସ୍ତ: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୧୨/୮ (ନି.ପ୍ର): ଚଳିତ ବନ୍ୟାରେ ୨୪ ଜିଲ୍ଲାର ୧୫୪ଟି ବ୍ଲକର ୮୭୯ ପଂଚାୟତ କ୍ଷତିଗ୍ରସ୍ତ ହୋଇଛି। ବନ୍ୟା କ୍ଷୟକ୍ଷତିର ଆକଳନ ନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେବା ଅବସରରେ ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି ରାଜ୍ୟର ୨୪ ଜିଲ୍ଲାର ୧୫୪ଟି ବ୍ଲକର ୮୭୯ ପଂଚାୟତ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଛି। ୨ ହଜାର ୮୫୫ଟି ଗାଁ ବନ୍ୟା ଯୋଗୁ କ୍ଷତିଗ୍ରସ୍ତ ହୋଇଛି। ସହରାଂଚଳର ୨୦୯ଟି ୱାର୍ଡରେ ୧୩ ଲକ୍ଷ ୭୧ ହଜାର ୩୩୮ ଲୋକ ପ୍ରଭାବିତ ହୋଇଛନ୍ତି। ବନ୍ୟା ବେଳେ ୩୬୬ଟି ଗାଁରୁ ୭ ଲକ୍ଷ ୨୨ ହଜାର ୭୩୨ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ବନ୍ୟାରେ ୭୯ ହଜାର ୮୨୪ ହେକ୍ଟର ଚାଷ ଜମି, ୫ ହଜାର ୪୪ ଘର କ୍ଷତିଗ୍ରସ୍ତ ହୋଇଛି। ସରକାରଙ୍କ ପକ୍ଷରୁ ୭୮୩ ରିଲିଫ୍ କ୍ୟାମ୍ପ ଖୋଲାଯାଇଥିଲା। କୃଷି ବିଭାଗର କ୍ଷୟକ୍ଷତି ଏବଂ ସାହାଯ୍ୟ ନେଇ କ୍ୟାବିନେଟରେ ଆଲୋଚନା ହେବ। ଚାଷୀଙ୍କୁ ସ୍ୱଳ୍ପ ମିଆଦି ଧାନ ବିହନ ଯୋଗାଇ ଦିଆଯିବ। ପନିପରିବା ଚାଷୀଙ୍କ ପାଇଁ ମଧ୍ୟ ଅଧିକ ସାହାଯ୍ୟ ଦିଆଯିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଶାହ ଦେଲେ ଚ୍ୟାଲେଞ୍ଜ...

ଏହାକୁ ନେଇ ସଂସଦରେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ବିବାଦ ଆହୁରି ତୀବ୍ର ହୋଇଛି । ସୂଚନାଯୋଗ୍ୟ, ଜନ୍ତର ମନ୍ତରରେ ଛାତ୍ର ପ୍ରତିବାଦ ସମୟରେ ଲାଠିଚାର୍ଜ ଘଟଣା ପରଠାରୁ ବିରୋଧୀ ଦଳ ଗୃହମନ୍ତ୍ରୀ ଅମିତ ଶାହଙ୍କଠାରୁ ଜବାବ ଦାବି କରୁଛି । ଏହାକୁ ନେଇ ସଂସଦର ଉଭୟ ଗୃହରେ ହଟ୍ଟଗୋଳ ହେଉଥିବାରୁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଆସନ୍ତାକାଲି ମୌସୁମୀ ଅଧିବେଶନର ଶେଷ ଦିନ ଥିବାରୁ, ଏହି ପ୍ରସଙ୍ଗରେ ଆଲୋଚନା ହେବ କି ନାହିଁ, ତା'ଉପରେ ଏବେ ସମସ୍ତଙ୍କ ନଜର । ଶାହଙ୍କ ଆହ୍ୱାନ ପରେ ବିରୋଧୀ ଆଲୋଚନା ପାଇଁ ଆଗକୁ ଆସିବେ ନା ସଂସଦରେ ହଙ୍ଗାମା ଜାରି ରଖିବେ—ତାହା ଉପରେ ରହିଛି ନଜର।

### ଶ୍ରୀଜିଉଙ୍କ ମସ୍ତକରେ....

କେବଳ ଶ୍ରୀମନ୍ଦିରରେ ନୁହେଁ, ଚିତାଲାଗି ଅମାବାସ୍ୟାକୁ ଚାଷୀମାନେ ମଧ୍ୟ ଶ୍ରଦ୍ଧା ଓ ପରମ୍ପରାର ସହ ପାଳନ କରିଛନ୍ତି । ଏହି ପବିତ୍ର ତିଥିରେ ଚାଷୀମାନେ କ୍ଷେତରେ ମାଟି ମାଆଙ୍କୁ ପୂଜା କରିଛନ୍ତି। ବିଲରେ ଚିତଉ ପିଠା ଭୋଗ ଦେଇ ଭଲ ଅମଳ ପାଇଁ ମା' ବସୁଧାଙ୍କୁ ପ୍ରାର୍ଥନା କରିଛନ୍ତି । ଚାଷୀଙ୍କ ବିଶ୍ୱାସ ଅନୁଯାୟୀ, ଚିତାଲାଗି ଅମାବାସ୍ୟାରେ ମାଟି ମାଆଙ୍କୁ ପୂଜା କଲେ ଫସଲ ଭଲ ହୁଏ। ବିଲରେ ହସୁଥିବା ସବୁଜ ଶସ୍ୟକୁ ଗେଣ୍ଡା, ପୋକ ଓ ବିଭିନ୍ନ କୀଟଙ୍କ ଦାଉରୁ ରକ୍ଷା କରିବା ସହ ଭଲ ଅମଳ ପାଇଁ ଏହି ପାରମ୍ପରିକ ପୂଜା କରାଯାଏ । ଓଡ଼ିଶାର ପରମ୍ପରା ଓ କୃଷି ସଂସ୍କୃତି ସହ ଗଭୀର ଭାବେ ଜଡ଼ିତ ଏହି ପବିତ୍ର ତିଥି ଧାର୍ମିକ ଭାବନା ସହ ଚାଷୀଙ୍କ ଆଶା ଓ ବିଶ୍ୱାସକୁ ମଧ୍ୟ ପ୍ରତିଫଳିତ କରିଥାଏ।

### ଓଡ଼ିଶା ଡିଜିପି ଚୟନ: ଆଚୀ ପୂର୍ବାହ୍ନରେ...

ଯଶବନ୍ତ ଜେଠୱାଙ୍କୁ ଲେଭଲ-୧୬(ଡିଜି ପାହ୍ୟା ଅଫିସର) ଭାବେ ସାମିଲ କରାଇଛନ୍ତି। ୧୯୯୦ରୁ ୧୯୯୬ ବ୍ୟାଚର ମୋଟ ୧୧ଜଣ ଅଫିସରଙ୍କ ମଧ୍ୟରେ ୫ଜଣ ଡିଜି ପାହ୍ୟା ଓ ୬ଜଣ ଏଡିଜି ପାହ୍ୟାର ଅଫିସରଙ୍କ ତାଲିକାକୁ ୟୁପିଏସସିଙ୍କୁ ରାଜ୍ୟ ସରକାର ପଠାଇଛନ୍ତି। ଅନ୍ୟପକ୍ଷରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ୩ଜଣିଆ ଖଣ୍ଡପୀଠ ଆସନ୍ତାକାଲି ଓଡ଼ିଶା ପୁଲିସ ଡିଜି ଚୟନ ମାମଲାର ଶୁଣାଣି କରିବେ। ଆବେଦନକାରୀଙ୍କ ଓକିଲ ମୁକେଶ କୁମାର 'ଓଡ଼ିଶା ରିପୋର୍ଟର'କୁ ସୂଚନା ଦେଇ କହିଛନ୍ତି ଯେ, ଆସନ୍ତାକାଲି ଶୁଣାଣି ପାଇଁ ମାମଲା ତାଲିକାଭୁକ୍ତ ହୋଇଛି। ଆଇଟମ୍ ନମ୍ବର-୨୬ ଭାବେ ପ୍ରଧାନ ବିଚାରପତିଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବେ। ପୁଲିସ ଡିଜି ଚୟନ ପ୍ରକ୍ରିୟାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଓଡ଼ିଶା ସରକାର ପାଳନ କରୁନଥିବାର ଅଭିଯୋଗ ଆଣିବା ସହ ଜଣେ ଏଡିଜି ପାହ୍ୟାର ଅଫିସରଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦେଇ ୟୁପିଏସସିଙ୍କ ପାଖକୁ ପଠାଇବା ଉପରେ ଆବେଦନକାରୀ ଜୟନ୍ତ ଦାସ ଆପତ୍ତି ଉଠାଇଛନ୍ତି। ସୁପ୍ରିମକୋର୍ଟ ମଧ୍ୟ ଏହି ମାମଲାକୁ ମଙ୍ଗଳବାର ଦିନ ଗ୍ରହଣ କରି ବୁଧବାର ଶୁଣାଣି ପାଇଁ ଦିନଧାର୍ଯ୍ୟ କରିଥିଲେ। ମାତ୍ର ଆଜି ଏହାର ଶୁଣାଣି ହୋଇପାରିନାହିଁ । ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ପି.ଚିଦାମ୍ବରମ୍ ମଙ୍ଗଳବାର ସୁପ୍ରିମକୋର୍ଟରେ ପକ୍ଷ ରଖି ଅଭିଯୋଗ କରିଥିଲେ ଯେ, ରାଜ୍ୟ ସରକାର ପୂର୍ବରୁ ୟୁପିଏସସି ନିକଟକୁ ପଠାଇଥିବା ଆଇପିଏସ୍ ଅଫିସରଙ୍କ ତାଲିକାକୁ ପ୍ରତ୍ୟାହାର କରିନେଇଛନ୍ତି। ଏବେ ଅତିରିକ୍ତ ଡିଜି ପାହ୍ୟାର ଅଫିସରଙ୍କୁ ପଦୋନ୍ନତି ଦେଇ ଡିଜିପି ପଦବୀକୁ ଆଣିବା ଓ ତାଙ୍କୁ ସୁପାରିସ ତାଲିକାରେ ପୂରାଇବା ପାଇଁ ବେଆଇନ ଉଦ୍ୟମ କରୁଛନ୍ତି। ଯାହାକି ପ୍ରକାଶ ସିଂହ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ଐତିହାସିକ ନିର୍ଦ୍ଦେଶାବଳୀର ସ୍ପଷ୍ଟ ଉଲ୍ଲଂଘନ ବୋଲି ସେ ଯୁକ୍ତି ବାଢ଼ିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ, ଗତ ଏପ୍ରିଲ ମାସରେ ରାଜ୍ୟ ସରକାର ପ୍ରଥମେ ୟୁପିଏସସି ନିକଟକୁ ଏକ ତାଲିକା ପଠାଇଥିଲେ ମଧ୍ୟ ତାକୁ ଆପଣାଛାଏଁ ଫେରାଇ ନେଇଥିଲେ। ପରେ ମଇ ମାସରେ ୩ଜଣ ଡିଜି ପାହ୍ୟାର ଅଫିସର ଓ ଅନ୍ୟ ୮ ଜଣ ଅତିରିକ୍ତ ଡିଜିଙ୍କୁ ମିଶାଇ ମୋଟ ୧୧ ଜଣିଆ ପ୍ୟାନେଲ୍ ୟୁପିଏସସିଙ୍କୁ ପଠାଇଥିଲେ। ଅଗଷ୍ଟ ୭ ତାରିଖରେ ୟୁପିଏସସି ବୈଠକ କରି ଡିଜିପି ପଦବୀ ନିମନ୍ତେ ୩ ଜଣ ଅଫିସରଙ୍କ ନାମ ଚୂଡ଼ାନ୍ତ କରିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଆୟୋଗ କେବଳ ଡିଜିପିସ୍ତରର ଯୋଗ୍ୟ ଅଫିସରଙ୍କ ନାମ ବିଚାର କରିବେ ବୋଲି ସ୍ପଷ୍ଟ କରିବା ପରେ ରାଜ୍ୟ ସରକାର ସେହି ତାଲିକାକୁ ମଧ୍ୟ ପ୍ରତ୍ୟାହାର କରି ନୂଆ ତାଲିକା ଗଢ଼ିବାକୁ ଚେଷ୍ଟା କରିଛନ୍ତି ବୋଲି ଚିଦାମ୍ବରମ୍ କୋର୍ଟଙ୍କୁ ଅବଗତ କରିଥିଲେ।

### ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଉନ୍ନତିକରଣ ...

ରୋଗୀ ଓ ସେମାନଙ୍କ ପରିବାର ଲୋକଙ୍କ ପାଇଁ ଏହି ଭିତ୍ତିଭୂମି ଉନ୍ନତିକରଣ ଏକ ଦୀର୍ଘକାଳୀନ ଆବଶ୍ୟକତାକୁ ପୂରଣ କରିବ । ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କୁ ଅଧିକ ଆରାମଦାୟକ ଏବଂ ଦକ୍ଷ ସ୍ୱାସ୍ଥ୍ୟ ସେବା ମିଳିପାରିବ । ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତିକରଣ ଦ୍ୱାରା ପ୍ରସବ ସମୟରେ ମା' ଏବଂ ଶିଶୁଙ୍କ ପାଇଁ ସୁରକ୍ଷିତ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ ହେବ । ଏକ ସୁଦୃଢ଼ ଆଣ୍ଟି-ରେଟ୍ରୋଭାଇରାଲ୍ ଥେରାପି କେନ୍ଦ୍ର ନିର୍ମାଣ ଫଳରେ ଦୀର୍ଘକାଳୀନ ଚିକିତ୍ସାରେ ଥିବା ରୋଗୀମାନେ ଅଧିକ ସୁବିଧା ପାଇପାରିବେ । ଆବଶ୍ୟକ ଯାଞ୍ଚ ଏବଂ ବୈଷୟିକ, ଆର୍ଥିକ ଓ ପ୍ରଶାସନିକ ମଞ୍ଜୁରୀ ପରେ ସାଂସଦ ପାଣ୍ଠି ଅର୍ଥ ଜାରି କରାଯିବ । ଏଥିପାଇଁ ଧାର୍ଯ୍ୟ ମାର୍ଗଦର୍ଶିକା ଅନୁଯାୟୀ ସାଂସଦ ପାଣ୍ଠି ଖର୍ଚ୍ଚ ହେବ । କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାରେ ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉନ୍ନତିକରଣ ଉପରେ ନିରନ୍ତର ଧ୍ୟାନ ଦେଇ ଆସୁଛନ୍ତି । ତାଙ୍କର ସାଂସଦ ପାଣ୍ଠିରୁ ଅର୍ଥ ମଞ୍ଜୁର ଫଳରେ ବାଲେଶ୍ୱର ଜିଲ୍ଲାରେ ସ୍ୱାସ୍ଥ୍ୟସେବା ସୁବିଧାରେ ଦ୍ରୁତ ଉନ୍ନତି ଆସିବ ବୋଲି ଆଶା କରାଯାଉଛି ।

### ଘରୁ ପୁଳାପୁଳା ଟଙ୍କା ମିଳିବା ...

ନିଆଁ ଲିଭାଇବାକୁ ଯାଇଥିବା ଅଗ୍ନିଶମ ବାହିନୀ କର୍ମଚାରୀମାନେ ବାସଭବନର ଗୋଟିଏ ଷ୍ଟୋରରୁମ୍‌ରୁ ବିପୁଳ ପରିମାଣର ଅଧା ଜଳିଯାଇ ଥିବା ଟଙ୍କା ବିଡ଼ା ଦେଖିଥିଲେ। ତଦନ୍ତ ରିପୋର୍ଟରେ କୁହାଯାଇଛି ଯେ ନୂଆଦିଲ୍ଲୀର ୩୦, ତୋଗଲକ କ୍ରେସେଣ୍ଟ ସ୍ଥିତ ସରକାରୀ ବାସଭବନର ଷ୍ଟୋରରୁମ୍‌ରୁ ବିପୁଳ ପରିମାଣର ଅଧା ପୋଡ଼ି ଯାଇଥିବା ୫୦୦ ଟଙ୍କିଆ ନୋଟ୍ ମିଳିଥିଲା। ଯଶବନ୍ତ ବର୍ମା ଏହି ନଗଦ ଟଙ୍କାର ଉପସ୍ଥିତି, ଏହାର ଉତ୍ସ ଓ ମାଲିକାନା ସମ୍ପର୍କରେ ସନ୍ତୋଷଜନକ ଉତ୍ତର ଦେଇ ପାରିନାହାନ୍ତି।" ବିଚାରପତିଙ୍କ ଘରୁ ନଗଦ ଟଙ୍କା ଜବତ ହେବା ପରେ କରାଯାଇଥିବା ତଦନ୍ତକୁ ନେଇ ମଧ୍ୟ କମିଟି ପ୍ରଶ୍ନ ଉଠାଇଛି। ରିପୋର୍ଟରେ କୁହାଯାଇଛି, "ଘଟଣା ସହ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ପ୍ରମାଣକୁ ଠିକ୍ ଭାବେ ସୁରକ୍ଷିତ କିମ୍ବା ସଂରକ୍ଷିତ କରାଯାଇ ନଥିଲା। ଆଇନଗତ ଉପାୟରେ ଷ୍ଟୋରରୁମ୍‌କୁ ସିଲ୍ ଓ ଯାଞ୍ଚ କରାଯିବା ପୂର୍ବରୁ ସେଠାରେ ଥିବା ପ୍ରମାଣ ସମ୍ପର୍କିତ ସ୍ଥିତିକୁ ବଦଳାଇ ଦିଆଯାଇଥିଲା।" ସଂସଦୀୟ କମିଟି ଆହୁରି କହିଛି ଯେ ପରବର୍ତ୍ତୀ ସମୟରେ ନୋଟ୍‌ଗୁଡ଼ିକ ଗାଏବ ହେବା କିମ୍ବା ଉପଲବ୍ଧ ନ ହେବା ଘଟଣା ଏବେ ବି ଅସ୍ପଷ୍ଟ ରହିଛି। ପ୍ରମାଣ ସୁରକ୍ଷିତ ରଖିବାରେ ବିଫଳତା ଓ ପରିସରରେ ନିୟୋଜିତ କର୍ମଚାରୀମାନଙ୍କୁ ଷ୍ଟୋରରୁମ୍‌ରେ ହସ୍ତକ୍ଷେପ କରିବାକୁ ଦିଆଯିବା ଯୋଗୁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ନଷ୍ଟ ହୋଇଥିଲା। ତେବେ ଜଷ୍ଟିସ୍ ବର୍ମା ବ୍ୟକ୍ତିଗତ ଭାବେ ନଗଦ ଟଙ୍କା ହଟାଇଥିଲେ ବୋଲି କୌଣସି ପ୍ରମାଣ ମିଳି ନଥିବା କମିଟି ରିପୋର୍ଟରେ ଉଲ୍ଲେଖ କରିଛି। ଯଶବନ୍ତ ବର୍ମାଙ୍କ ବିରୋଧରେ କଡ଼ା ଟିପ୍ପଣୀ କରି କମିଟି କହିଛି ଯେ ତାଙ୍କ ସରକାରୀ ବାସଭବନରେ ନଗଦ ଟଙ୍କା ମିଳିବା ନେଇ ସେ ୨୦୨୫ ମାର୍ଚ୍ଚ ୨୨ରେ ଦେଇଥିବା ଉତ୍ତର ଆଦୌ ସନ୍ତୋଷଜନକ ନୁହେଁ। ସେ ଦର୍ଶାଇ ଥିବା ଯୁକ୍ତି ପରିସ୍ଥିତି ସହ ଆଦୌ ମେଳ ଖେଉ ନାହିଁ। ବର୍ମାଙ୍କ ଉତ୍ତରରେ ସ୍ୱଚ୍ଛତା ଓ ଅନୁଷ୍ଠାନଗତ ଦାୟିତ୍ୱବୋଧର ଅଭାବ ଥିଲା। ଏହାପୂର୍ବରୁ ତତ୍କାଳୀନ ଭାରତର ପ୍ରଧାନ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନାଙ୍କ ଦ୍ୱାରା ଗଠିତ ଇନ୍-ହାଉସ୍ କମିଟି ତଦନ୍ତ କରି କହିଥିଲା ଯେ ଯେଉଁ ଷ୍ଟୋରରୁମ୍‌ରେ ନଗଦ ଟଙ୍କା ରଖାଯାଇଥିଲା, ତା' ଉପରେ ଜଷ୍ଟିସ୍ ବର୍ମାଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ନିୟନ୍ତ୍ରଣ ଥିଲା। ଘଟଣା ବେଳେ ଯଶବନ୍ତ ବର୍ମା ଦିଲ୍ଲୀ ହାଇକୋର୍ଟର ବିଚାରପତି ଥିଲେ। ବିବାଦ ପରେ ତାଙ୍କୁ ତାଙ୍କ ମୂଳ ହାଇକୋର୍ଟ ଆଲ୍ଲାହାବାଦ ହାଇକୋର୍ଟକୁ ପ୍ରତ୍ୟାବର୍ତ୍ତନ କରି ଦିଆଯାଇଥିଲା। ଏହାପରେ ସଂସଦ ପକ୍ଷରୁ ଜଷ୍ଟିସ୍ ବର୍ମାଙ୍କୁ ପଦରୁ ହଟାଇବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ଜଷ୍ଟିସ୍ ବର୍ମା ଇତିମଧ୍ୟରେ ଇସ୍ତଫା ଦେଇସାରିଛନ୍ତି। ଫଳରେ ତାଙ୍କୁ ପଦରୁ ହଟାଇବା ପାଇଁ ଚାଲିଥିବା ପ୍ରକ୍ରିୟା ପ୍ରାୟତଃ ଅର୍ଥହୀନ ହୋଇଯାଇଛି।

### ଜେପିସିକୁ ଗଲା ଏଫସିଆରଏ...

ଏହି ବିଲ୍‌କୁ ବିରୋଧ କରୁଛି। ଏହି ସରକାର ଏପର୍ଯ୍ୟନ୍ତ କେଉଁ ବିଲ୍ ଆଣିଛି ଯାହା ସଂଖ୍ୟାଲଘୁଙ୍କ ବିରୋଧରେ ନୁହେଁ ବୋଲି ପ୍ରଶ୍ନ କରିଥିଲେ। ରିଜିଜୁ ଜବାବରେ କହିଥିଲେ ଯେ, ବିରୋଧୀ ଦଳ ଗୃହକୁ ଭ୍ରମିତ କରୁଛନ୍ତି। ମୁଁ ଅଖିଳେଶ ଯାଦବଙ୍କୁ ଚ୍ୟାଲେଞ୍ଜ କରୁଛି ଯେ, ସେ ଆମକୁ ସଂଖ୍ୟାଲଘୁଙ୍କ ବିରୋଧରେ ଥିବା ଗୋଟିଏ ବିନ୍ଦୁ କୁହନ୍ତୁ। ସେ ଏହା ମଧ୍ୟ କହିଥିଲେ ଯେ, ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରିବାର କୌଣସି ପ୍ରଶ୍ନ ଉଠୁନାହିଁ ଓ ଦେଶ ଏକ ଆଇନଗତ ଢାଞ୍ଚା ବିନା ବିଦେଶୀ ପାଣ୍ଠିକୁ ଦେଶକୁ ଆସିବାକୁ ଦେଇପାରିବ ନାହିଁ। ପୂର୍ବରୁ ଲୋକସଭା ମୁଲତବୀ ହେବା ପରେ କାର୍ଯ୍ୟ ଆରମ୍ଭ ହେବା ପରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏଫସିଆରଏ ବିଲ୍‌କୁ ଜେପିସିକୁ ପଠାଇବା ପାଇଁ ପ୍ରସ୍ତାବ ଆଗତ କରିଥିଲେ। କଂଗ୍ରେସ ସାଂସଦ କେସି ବେଣୁଗୋପାଳ ସରକାର ଏହି ବିଲ୍ ପ୍ରତ୍ୟାହାର କରିବାକୁ ଦାବି କରି ଅଭିଯୋଗ କରିଛନ୍ତି ଯେ, ଏହା ସଂଖ୍ୟାଲଘୁ ଓ ଏନଜିଓମାନଙ୍କୁ ଟାର୍ଗେଟ କରିବା ପାଇଁ ଉଦ୍ଦିଷ୍ଟ। ସରକାର ଏହି ବିଲ୍ ପ୍ରତ୍ୟାହାର କରିବା ଉଚିତ। ରିଜିଜୁ କହିଛନ୍ତି ଯେ, କଂଗ୍ରେସ ନିଜେ ଦାବି କରିଛି ଯେ, ବିଲ୍‌କୁ ଜେପିସି ନିକଟକୁ ପଠାଯାଉ ଓ ବିରୋଧୀ ଦଳକୁ କମିଟି ପ୍ରକ୍ରିୟା ବ୍ୟବହାର କରି ନିଜର ଚିନ୍ତା ପ୍ରକାଶ କରିବାକୁ ଅନୁରୋଧ କରିଛି। ସେ କହିଛନ୍ତି ଯେ, ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରିବାର କୌଣସି ପ୍ରଶ୍ନ ଉଠୁନାହିଁ ଓ ବେଣୁଗୋପାଳ ଗୃହକୁ ଭ୍ରମିତ କରନାହିଁ ବୋଲି କହିଥିଲେ। ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନେଇଫିଉ ରିଓ ଓ ମିଜୋରାମ ମୁଖ୍ୟମନ୍ତ୍ରୀ ଲାଲଡୁହୋମା ପୂର୍ବରୁ ବିଲ୍‌ଟିକୁ ବିସ୍ତୃତ ତର୍ଜମା ପାଇଁ ଏକ ମିଳିତ କମିଟିକୁ ପଠାଇବାକୁ କେନ୍ଦ୍ରକୁ ଅନୁରୋଧ କରିଥିଲେ। ମେଘାଳୟ ମୁଖ୍ୟମନ୍ତ୍ରୀ କନରାଡ୍ କେ ସାଙ୍ଗମା ମଧ୍ୟ କେନ୍ଦ୍ର ନିକଟରେ ଏହାର ବ୍ୟବସ୍ଥା ଉପରେ ଚିନ୍ତା ପ୍ରକାଶ କରିଥିଲେ। ପ୍ରସ୍ତାବିତ ଯୁଗ୍ମ କମିଟିରେ ୩୧ ଜଣ ସଦସ୍ୟ ରହିବେ, ଯେଉଁଥିରେ ଲୋକସଭାରୁ ୨୧ ଜଣ ଏବଂ ରାଜ୍ୟସଭାରୁ ୧୦ ଜଣ ସଦସ୍ୟ ରହିବେ। ଲୋକସଭା ସଦସ୍ୟମାନଙ୍କୁ ବାଚସ୍ପତିଙ୍କ ଦ୍ୱାରା ମନୋନୀତ କରାଯିବ, ରାଜ୍ୟସଭା ସଦସ୍ୟମାନଙ୍କୁ ରାଜ୍ୟସଭାର ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ କରାଯିବ।

ଗୁରୁବାର, ଅଗଷ୍ଟ ୧୩, ୨୦୨୬

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ପ୍ରଥମ ବାଚସ୍ପତି ମୁକୁନ୍ଦ ପ୍ରସାଦ ଦାସଙ୍କ ୧୪୦ତମ ଜନ୍ମ ଜୟନ୍ତୀ

ଖଇରା, ୧୨/୮ (ନି.ପ୍ର): କିଛି ଲୋକ ନିଜ ସ୍ୱାର୍ଥପାଇଁ ବଞ୍ଚୁଥିବା ବେଳେ ଅନ୍ୟ କିଛି ଲୋକ ନିଜ ଅଞ୍ଚଳ, ନିଜ ମାଟିକୁ ଭଲ ପାଇଁ ତାର ସେବାରେ ନିଜକୁ ଉତ୍ସର୍ଗ କରିଥାନ୍ତି । ମାଟିକୁ ଭଲ ପାଉଥିବା ଲେକ ଦୁନିଆରେ ଅମର ହୋଇ ରହିଯାନ୍ତି ବୋଲି ଓଡିଶା ବିଧାନସଭାର ପ୍ରଥମ ବାଚସ୍ପତି ମୁକୁନ୍ଦ ପ୍ରସାଦ ଦାସଙ୍କ ୧୪୦ତମ ଜନ୍ମ ଜୟନ୍ତିରେ ଯୋଗ ଦେଇଥିବା ବକ୍ତାମାନେ ଆଲୋକପାତ କରିଛନ୍ତି । ବୁଧବାର ପୂର୍ବାହ୍ନରେ ଖଇରା ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟାଳୟରେ ଆୟୋଜିତ ସ୍ମୃତିସଭାରେ କମିଟି ସଭାପତି ବୁଦ୍ଧିରାମ ପାଣିଗ୍ରାହୀ ପୌରହିତ୍ୟ କରିଥିଲେ । ବିଶିଷ୍ଟ ପାଲାଗାୟକ ହରିହର ପାଣିଗ୍ରାହୀ ମୁଖ୍ୟ ବକ୍ତା,ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ,ଅନ୍ତର୍ଯ୍ୟାମୀ ପାତ୍ର,ମୁକ୍ତିକାନ୍ତ ଶତପଥି ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ସ୍ମୃତି କମିଟି ସମ୍ପାଦକ ଅଭିରାମ ମହାପାତ୍ର ବିବରଣୀ ପାଠ କରିଥିଲେ । କମିଟି ସଭ୍ୟ ଜଗତାନନ୍ଦ ମହାପାତ୍ର,ରଘୁନାଥ ପତ୍ରୀ,ବସନ୍ତ କୁମାର ଖିଲାର ପ୍ରମୁଖ ଦିବଂଗତ ଆତ୍ମାକୁ ଶ୍ରଦ୍ଧାଞ୍ଜଳୀ ପ୍ରଦାନ କରିବା ଅବସରରେ ତାଙ୍କ ଦ୍ୱାରା କରାଯାଇଥିବା ଜନକଲ୍ୟାଣ କାର୍ଯ୍ୟକ୍ରମର ଅବତାରଣା କରିଥିଲେ । ଆଗାମୀ ବର୍ଷ ମାନଙ୍କରେ ଏହାକୁ ବ୍ୟାପକ କରିବାକୁ ବକ୍ତାମାନେ ପରାମର୍ଶ ଦେଇଥିଲେ । ସନ୍ତୋଷ କୁମାର ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ ।



## ଇଣ୍ଡିଆନ୍ ଅଏଲ୍ ପାରଦୀପ ରିଫାଇନରୀରେ ଅନ୍‌ସାଇଟ୍ ଜରୁରୀକାଳୀନ ମକ୍ ଡ୍ରିଲ୍ ଆୟୋଜିତ

ପାରାଦୀପ, ୧୨/୮ (ନି.ପ୍ର): ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀ ପକ୍ଷରୁ ଆଜି ଲେବୁଲ-୨ ମକ୍ ଡ୍ରିଲ୍ (ଅନ୍ ସାଇଟ୍ ଜରୁରୀକାଳୀନ ମକ୍ ଡ୍ରିଲ୍) ଆୟୋଜନ କରାଯାଇଥିଲା । ରିଫାଇନାରୀ ର ଜରୁରୀକାଳୀନ ମୁକାବିଲା କ୍ଷମତାକୁ ପରୀକ୍ଷା କରିବା ଏବଂ ସମ୍ପ୍ରଦାୟର ସୁରକ୍ଷା ସୁନିଶ୍ଚିତ କରିବା ହେଉଛି ଏହି ଅଭ୍ୟାସ ର ମୂଳ ଉଦ୍ଦେଶ୍ୟ । ଏଥିରେ ରିଫାଇନରୀ ତାହାର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ପ୍ରସ୍ତୁତିର ପ୍ରଭାବ ଉପରେ ଯାଞ୍ଚ କରିଥିଲା । ପାରାଦୀପ ରିଫାଇନରୀର ଅନୁମୋଦିତ ଇମରର୍ଜେନ୍ସି ରେସପନସ୍ ଆଣ୍ଡ୍ ଡିଜାଷ୍ଟର୍ ମ୍ୟାନେଜମେଣ୍ଟ ପ୍ଲାନ୍ ଅନୁଯାୟୀ ଏହି ଡ୍ରିଲ୍ କାର୍ଯ୍ୟକାରୀ କରାଯାଇଥିଲା । ମ୍ୟୁଚୁଆଲ୍ ଏଡ୍ ସଂସ୍ଥାର ପ୍ରତିନିଧିମାନେ ମଧ୍ୟ ଏହି ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ । ଏଥିରେ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନାର ପ୍ରୋଟୋକଲ୍ ଅନୁଯାୟୀ ନିଆଯାଇଥିବା ପ୍ରତିକ୍ରିୟା ଏବଂ ନିୟନ୍ତ୍ରଣ ପଦକ୍ଷେପ ଗୁଡିକ ସଠିକ୍ ଭାବରେ ସମନ୍ୱିତ ହୋଇଥିଲା ଏବଂ ଏହାକୁ ସମସ୍ତ କର୍ତ୍ତୃପକ୍ଷ ପ୍ରଶଂସା କରିଥିଲେ । ଏହି ଡ୍ରିଲ୍ ପରେ ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ପ୍ରମୁଖ କୌଶିକ ବସୁଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ସଭାର ଆୟୋଜନ କରାଯାଇଥିଲା । ସେଥିରେ ରିଫାଇନାରୀ ର ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ଜିଲ୍ଲା ପୁଲିସ ତରଫରୁ ସ୍ୱତନ୍ତ୍ର ସାଇବର ସଚେତନତା ଶିବିର

ବାରିପଦା , ୧୨/୮ (ନି.ପ୍ର): ମହାବିଦ୍ୟାଳୟ ଓ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ଭାବେ ସାଇବର ସଚେତନ କରିବା ପାଇଁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପଲ୍ଲୀଙ୍କ ନିର୍ଦ୍ଦେଶ କ୍ରମେ ତଥା ମୟୂରଭଞ୍ଜ ଜିଲା ପୋଲିସ ଆନୁକୂଲ୍ୟରେ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ପ୍ରାଥମିକ ବିଦ୍ୟାଳୟ ଠାରୁ ଆରମ୍ଭ କରି ମହାବିଦ୍ୟାଳୟ ପର୍ଯ୍ୟନ୍ତ ବୁଧବାର ଦିନ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୟୂରଭଞ୍ଜ ସାଇବର ପୋଲିସ ଥାନା ପକ୍ଷରୁ ସ୍ଥାନୀୟ ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ




ସଚେତନତା କାର୍ଯ୍ୟକ୍ରମରେ ଡିଏସପି ଅଜୟ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ପ୍ରଦୀପ କୁମାର ମାଝୀ, ଷଡାନନ ନାୟକ, ସ୍ନେହଲତା ଗିରି ଓ ପ୍ରଭାତୀ ସାହୁ ପ୍ରମୁଖ ପୋଲିସ ଇନ୍ସପେକ୍ଟରଙ୍କ ସମେତ ପୁଲିସ କର୍ମଚାରୀ ଅଂଶଗ୍ରହଣ କରି ବିଦ୍ୟାର୍ଥୀଙ୍କ ସହ ଶିକ୍ଷକ-ଶିକ୍ଷୟିତ୍ରୀ ମାନଙ୍କୁ ସାଇବର ସଚେତନତା କରାଇଥିଲେ । ଅନୁରୁପ ଭାବେ ଜିଲ୍ଲାର ବାରିପଦା ସଦର ସବ-ଡିଭିଜନର ବାରିପଦା ସଦର, ବାରିପଦା ଟାଉନ, ଭଞ୍ଜପୁର, କୁଳିଅଣା, ଶୁଳିଆପଦା, ବାଙ୍ଗିରିପୋଷୀ, ଝାରପୋଖରିଆ, ଚାନ୍ଦୁଆ, ଉଦଳା ସବ-ଡିଭିଜନର ଶରତ, ଖୁଣ୍ଟା, ଉଦଳା,କପ୍ତିପଦା ଏବଂ ବେତନୋଟି ପୁଲିସ ସବ-ଡିଭିଜନର ବଡସାହି, ମୋରଡା, ବୈଶିଙ୍ଗା,ରାସଗୋବିନ୍ଦ ପୁର ଓ ବେତନଟିର ପ୍ରମୁଖ ଥାନା ଅଧିକାରୀଙ୍କ ସହଯୋଗରେ ବିଭିନ୍ନ ପ୍ରକାର ସାଇବର ସଚେତନତା କାର୍ଯ୍ୟକମ ଛାତ୍ରଛାତ୍ରୀଙ୍କ ପାଇଁ ଅନୁଷ୍ଠିତ ହୋଇଥିଲା । ଅଜଣା ଲିଙ୍କକୁ କ୍ଲିକ ନକରିବା, କ୍ଲିକ କରିବା ପୂର୍ବରୁ ଚିନ୍ତା କରିବା, ସତର୍କ ରହିବା, ସୁରକ୍ଷିତ ରହିବା, ଜ୍ଞାନ ଆଉ ସତର୍କତା - ସାଇବର ଠକେଇରୁ ରକ୍ଷା, ଶକ୍ତ ପାସୱାର୍ଡ-ଦୃଢ଼ ସୁରକ୍ଷା ଇତ୍ୟାଦି ଆଲୋଚନାର ମୁଖ୍ୟ ପ୍ରସଙ୍ଗ ଥିଲା । ମୟୂରଭଞ୍ଜ ଜିଲ୍ଲାରେ ସାଇବର ସଚେତନ ଅଭିଯାନର ସଫଳ ରୂପାୟନ ପାଇଁ ସାଇବର ସେଲର ନୋଡାଲ ଅଫିସର ତଥା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ କୁମାର ଗୋଛାୟତ ଆଗାମୀ ଦିନରେ ଏହି ପ୍ରୟାସକୁ ତ୍ୱରାନିତ୍ୱ କରିବା ପାଇଁ ମୟୂରଭଞ୍ଜ ପୋଲିସର ବିଭିନ୍ନ ପ୍ରୟାସକୁ ବର୍ଣ୍ଣନା କରିଥିଲେ ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆନନ୍ଦବଜାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆନ୍ତର୍ଜାତୀୟ ଯୁବ ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର, ୧୨/୮ (ନି.ପ୍ର): ଜାତୀୟ ଆଇନ ସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ ଅନୁସାରେ ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଆନନ୍ଦବଜାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆନ୍ତର୍ଜାତୀୟ ଯୁବ ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ବୈକୁଣ୍ଠ ନାଥ ବିଶ୍ୱାଳ ଏହି କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ । ଅତିଥି ମାନଙ୍କ ମଧ୍ୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଲୋକ ରଥ, ଅରକ୍ଷୀ ବିଭାଗ, ଭଦ୍ରକର ଉପ ଅଧିକ୍ଷକ, ଅନିରୁଦ୍ଧ ମୁଦୁଲି, ଶିଶୁ କଲ୍ୟାଣ କମିଟି, ଭଦ୍ରକ



ଅଧକ୍ଷ ସୁବ୍ରତ କୁମାର ବିଶ୍ୱାଳ, ଜିଲ୍ଲା ଶିଶୁ ଓ ଯତ୍ନ ବିଭାଗ, ଭଦ୍ରକର ଲିଗାଲ ପ୍ରୋବେଶନ ଅଧିକାରୀ ସୁବ୍ରତ କୁମାର ଦାସ ସ୍କୁଲ ଲିଗାଲ ଲିଟେରାସି କ୍ଲବର ଶିକ୍ଷକ, ସତ୍ୟ ସୁନ୍ଦର ସ୍ୱାଇଁ ତଥା ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ସର୍ବ ପ୍ରଥମେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଏହି ଆନ୍ତର୍ଜାତୀୟ ଯୁବ ଦିବସ ସକାଶେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଆଜି ଏହି ଦିବସର ଉଦ୍ଦେଶ୍ୟ ହେଉଛି ଯେ ସମସ୍ତ ଯୁବକ ମାନଙ୍କୁ ସମାଜର ଉନ୍ନତିରେ ସାମିଲ କରାଇ ସାମାଜିକ, ରାଜନୀତିକ, ଅର୍ଥନୀତିକ କ୍ଷେତ୍ରରେ ଯୁବ ପିଢିଙ୍କୁ ସୁଯୋଗ ଦେବା ତଥା ଯୁବ ନାଗରିକଙ୍କୁ ଅଗ୍ରାଧିକାର ଦେବା । ଏହି ଆନ୍ତର୍ଜାତୀୟ ଯୁବ ଦିବସର ଉଦ୍ଦେଶ୍ୟ ହେଉଛି ଜାଗୃତି ଯୋଜନା, ୨୦୨୫ ଅନ୍ତର୍ଗତ 'ସଶକ୍ତ ଯୁବ ସଶକ୍ତ ଭାରତ' ଥିମ୍ ଅନ୍ତର୍ଗତ ଶିଶୁ କଲ୍ୟାଣ ସଚେତନତା ଅଭିଯାନ - ଆଇନଗତ ସାକ୍ଷରତା, କିଶୋର ନ୍ୟାୟ ଏବଂ ଯୁବପିଢ଼ିଙ୍କ ପାଇଁ ନ୍ୟାୟ ପାଇବା କମିଟିକୁ ପ୍ରୋତ୍ସାହିତ କରିବା । ସର୍ବୋପରି ଅତିଥିଗଣ ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ବାର୍ତ୍ତା ଦେଇଥିଲେ ଯେ ସେମାନେ ହେଉଛନ୍ତି ଆଗାମୀ ଯୁବ ସମାଜର ପିଢୀ ତେଣୁ ପଥଭ୍ରଷ୍ଟ ନ ହୋଇ ଖରାପ କାର୍ଯ୍ୟ ଠାରୁ ଦୂରେଇ ରହିବା ସହିତ ନିଶା ସେବନ ଦ୍ୱାରା କବଳିତ ଯୁବକମାନେ ଯେଉଁପରି ଭାବେ ନିଜର ତଥା ସମାଜର ଅହିତ ସାଧନ କରୁଛନ୍ତି ସେସବୁକୁ ଖରାପ ଅଭ୍ୟାସକୁ ବର୍ଜନ କରି ଏକ ଉତ୍ତମ ସମାଜ ଗଠନରେ ମୁଖ୍ୟ ଭୂମିକା ତୁଲାଇବା ପାଇଁ ସଂକଳ୍ପ ନେବା । । ବିଦ୍ୟାଳୟର ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନେ ଏହି ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀଗଣ ଏହି କାର୍ଯ୍ୟକ୍ରମଟିକୁ ସହଯୋଗ କରିଥିଲେ ।

## ତ୍ରିରଙ୍ଗା ରଙ୍ଗରେ ରଙ୍ଗାୟିତ ହେଲା ବିଶେଶ୍ୱର ପାହାଡ଼: ଉଡ଼ିଲା ତ୍ରିରଙ୍ଗା ପତାକା



ନୀଳଗିରି , ୧୨/୮ (ନି.ପ୍ର): ବାଲେଶ୍ୱର ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରା ନୀଳଗିରି ନିର୍ବାଚନ ମଣ୍ଡଳୀର କାଣ୍ଡଗରଡ଼ି ପଂଚାୟତରେ ଥିବା ବିଶେଶ୍ୱର ପାହାଡଠାରେ ପହଞ୍ଚିବା ପରେ ତ୍ରିରଙ୍ଗାରଙ୍ଗରେ ରଙ୍ଗାୟିତ ହୋଇ ବେଶ୍ ଚିତାକର୍ଷକ ହୋଇଥିଲା । ସୂଚନା ଅନୁଯାୟୀ ବାରହାକୋଇଲି ଛକ ଠାରୁ ଏକ ବିଶାଳ ବାଇକ୍ ରାଲି ବାହାରି ବିଶେଶ୍ୱର ମହାଦେବ ମନ୍ଦିର ଠାରେ ଶେଷ ହୋଇଥଲା । ପରେ ନିକଟରେ ଥିବା ବିଶେଶ୍ୱର ପାହାଡ଼ରେ ୫୦ଫୁଟ୍ ଲମ୍ବର ତ୍ରିରଙ୍ଗା ପତାକା ଲଗାଯାଇଥିଲା । ଉପସ୍ଥିତ ବିଜେପି ଯୁବମୋର୍ଚ୍ଚାର ସଦସ୍ୟମାନେ ହାତରେ ତ୍ରିରଙ୍ଗା ପତାକା ଧରି ପାହାଡ଼ ଉପରକୁ ଚଢ଼ିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଇଶ୍ୱର ଚନ୍ଦ୍ର ବେହେରା, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ନାରାୟଣ ମହନ୍ତ, ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଦେବାଶିଷ ଆଚାର୍ଯ୍ୟ, ଜିଲ୍ଲାପରିଷଦ ସଭ୍ୟା ଉଷାରାଣୀ ରାଉଳ, ବିଜେପିର ଜିଲ୍ଲା ସାଧାରଣସଂପାଦକ ଚନ୍ଦ୍ରଶେଖର ନନ୍ଦଙ୍କ ସମେତ ବିଜୟ ସାହୁ, ବଳରାମ ବିଶ୍ୱାଳ, ସରପଞ୍ଚ ରାଜେନ୍ଦ୍ର ରାଉତ, ଅନନ୍ତ ଗିରି, ସମର ଶଙ୍କର କାନୁନଗୋ, ରଞ୍ଜିତ୍ ପଣ୍ଡିତ୍, ଜୟଚନ୍ଦ୍ର ଲେଙ୍କା ପ୍ରମୁଖ ଶତାଧିକ ଯୁବମୋର୍ଚ୍ଚାର ସଦସ୍ୟ ସାମିଲ୍ ଥିଲେ ।

## ୩୭ ପଞ୍ଚାୟତକୁ ୨୭ହଜାର ତ୍ରିରଙ୍ଗା ବାଣ୍ଟିଲା ବ୍ଲକ ପ୍ରଶାସନ

ଖଇରା, ୧୨/୮ (ନି.ପ୍ର): ଖଇରା ବ୍ଲକର ପାଖାପାଖି ୨୦ ମହିଳା ଗ୍ରୁପ ଦ୍ୱାରା ପ୍ରସ୍ତୁତ ୨୭ହଜାର୭ଶହ ତ୍ରିରଙ୍ଗା ବିଡିଓଙ୍କ ମାଧ୍ୟମରେ ବ୍ଲକ ପ୍ରଶାସନକୁ ପ୍ରଦାନ କରାଯାଇଛି । ବୁଧବାର ଅପରାହ୍ନରେ ପ୍ରତ୍ୟାଶା ବ୍ଲକ ସ୍ତରୀୟ ମହିଳା ମହାସଂଘର ସଭାପତି ସୁମିତ୍ରା ମହାପାତ୍ର, ସମ୍ପାଦକ ଏମବିକେ ସଂଘର ସଭାପତି ନିରୂପମା ନାୟକ ପ୍ରମୁଖ ଏହି ତ୍ରିରଙ୍ଗା ପତାକାକୁ ବ୍ଲକ ପ୍ରଶାସନକୁ ହସ୍ତାନ୍ତର କରିଥିଲେ । ହସ୍ତାନ୍ତର ସମୟରେ ବିଡିଓ ନାରାୟଣ ସାହୁ,ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ବ୍ଲକ କାର୍ଯ୍ୟକ୍ରମ ସଂଯୋଜିକା ସୁଚିସ୍ମିତା ପରିଡା,ବିପିଏମ ନିହାର ରଞ୍ଜନ ଜେନା,ମୁଖ୍ୟ କିରାଣୀ ବ୍ରହ୍ମାନନ୍ଦ ଦାଶ ତଥା ମହିଳା ଗୋଷ୍ଠୀର ଇସି ସଦସ୍ୟ ମାନେ ଉପସ୍ଥିତ ଥିଲେ । ପରେ ବ୍ଲକ ପ୍ରଶାସନ ତଥା ସମସ୍ତ ପଞ୍ଚାୟତ କର୍ତ୍ତୃପକ୍ଷ ଓ ବିଭିନ୍ନ ସଙ୍ଗଠନକୁ ଏହି ତ୍ରିରଙ୍ଗା ବଣ୍ଟନ କରାଯାଇଥିଲା ।

## ଖାଦ୍ୟ ସୁରକ୍ଷାରୁ ବଂଚିତ ଦିନମଜୁରିଆ 'ମଙ୍ଗଲ'

ଉଦଳା , ୧୨/୮ (ନି.ପ୍ର): ଯେ ହେଉଛି ଉଦଳା ବ୍ଲକର ବହୁବନ୍ଧ ପଂଚାୟତର ଅନ୍ତର୍ଗତ ଅସୁରଖାଲ ଗ୍ରାମର ଦୃଶ୍ୟ । ଏହି ଗ୍ରାମରେ ବସବାସ କରୁଥିବା ସମରାୟ ପାତ୍ରଙ୍କର ପୁତ୍ର 'ମଙ୍ଗଲ' ଖାଦ୍ୟ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇବାରୁ ବଂଚିତ ଅଛନ୍ତି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା 'ମଙ୍ଗଲ' ଏଥିପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର ଜଣାଇଛନ୍ତି । ଖବର ନେବାରୁ 'ମଙ୍ଗଲ'ଙ୍କର ଆଧାର କାର୍ଡ଼ ନାହିଁ । ଯେଉଁଥିପାଇଁକି ସେ ଚାଉଳ ପାଇପାରୁନଥିବାର ଜଣାଯାଇଛି । ତେବେ ଆଧାର ପାଇଁ ସେ ଫଟୋ ଉଠାଇଥିଲେ ମଧ୍ୟ କାର୍ଡ଼ କାହିଁକି



ଆସୁନାହିଁ ତାହା ତାଙ୍କୁ ଜଣାନଥିବାର କଥା କହିଛନ୍ତି । ଏବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଥିଲେ ମଧ୍ୟ କେହି ଶୁଣୁନଥିବାର ସେ ଅଭିଯୋଗ କରିଛନ୍ତି । ବିଭାଗୀୟ କର୍ତୃପକ୍ଷ ଏ ବାବଦରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବହୁ ସ୍ୱେଚ୍ଛାସେବି ଅନୁରୋଧ ଜଣାଇଛନ୍ତି ।

## ଇଡ଼ଦା ଗ୍ରାମରେ ଫାଶୀ ଦେଇ ମହିଳା ମୃତ: ପରିବାର ଲୋକ ଆଣିଲେ ହତ୍ୟା ଅଭିଯୋଗ

ବସ୍ତା, ୧୨/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ଇଡ଼ଦା ପଞ୍ଚାୟତର ଇଡ଼ଦା ଗ୍ରାମରେ ଫାଶୀ ହୋଇ ମହିଳା ମୃତ । ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ । ସୂଚନା ଅନୁସାରେ ଗ୍ରାମର କାଳିଆ ଦାସଙ୍କ ସ୍ତ୍ରୀ ଝରାଶ୍ରୀ ଦାସ (୩୨) ୧୩ ବର୍ଷ ତଳେ ବଲବୁଧି ଗ୍ରାମର ଲକ୍ଷ୍ମଣ ଦାସଙ୍କ ଝିଅ ସହିତ ବାହାଘର ହୋଇଥିଲା । ତାଙ୍କର ଜଣେ ପୁତ୍ର ଓ ଜଣେ କନ୍ୟା ସନ୍ତାନ ରହିଥିବା ବେଳେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଅଧିକାଂଶ ସମୟରେ ଝଗଡା ଲାଗି ରହୁଥିଲା । ତେବେ ଆଜି ସକାଳ ୮.୩୦ ମିନିଟ ସମୟରେ ଏହିଭଳି ପାରିବାରିକ କଳହକୁ ନେଇ ଝରାଶି ଘର ଭିତରେ ଫେନରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିବା ଜଣା ପଡିଛି । ତେବେ ଝିଅର ଆତ୍ମହତ୍ୟାକୁ ସହଜରେ ବିଶ୍ୱାସ କରି ପାରିନାହାନ୍ତି ବାପା, ଝିଅକୁ ହତ୍ୟା କରାଯାଇଥିବା ଥାନାରେ ଲିଖିତ ଅଭିଯୋଗ କରିବା ପରେ ସିଂଲା ପୋଲିସ ଶବକୁ ଜବତ କରି ପୋଷ୍ଟ ମର୍ଟମ ପାଇଁ ପଠାଇବା ସହିତ ସ୍ୱାମୀ କାଳିଆକୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି ।

## ମେଘାସନ ମହାବିଦ୍ୟାଳୟ ତରଫରୁ 'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ

ଉଦଳା, ୧୨/୮ (ନି.ପ୍ର): ନୁଦଢ଼ିହାସ୍ଥିତ ମେଘାସନ ମହାବିଦ୍ୟାଳୟ ତରଫରୁ ଚଳିତ ଅଗଷ୍ଟ ୧୧ ତାରିଖ ମଙ୍ଗଳବାର ଦିନ 'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ +୨ ଓ +୩ର କଳା, ବିଜ୍ଞାନ ଓ ବାଣିଜ୍ୟରେ ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀ ମାନେ ମିଳିତ ଭାବରେ ନୁଦଢ଼ିହା ଓ ପିଙ୍ଗୁ ପଂଚାୟତ ମଧ୍ୟରେ ଥିବା ବିଭିନ୍ନ ଗ୍ରାମକୁ ଏକ ଶୋଭାଯାତ୍ରାରେ ପରିକ୍ରମା କରିବା ସହିତ ଗ୍ରାମବାସୀଙ୍କୁ ଜାତୀୟ ପତାକା ବିତରଣ କରିଥିଲେ । ଏହି କାର୍ଯ୍ୟକ୍ରମ ଏ ଅଂଚଳରେ ଏକ ଭିନ୍ନ ସ୍ୱାଦର ବାତାବରଣ ଖେଳାଇ ଦେଇଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା । ମହାବିଦ୍ୟାଳୟରେ ଥିବା ଜାତୀୟ ସେବା ଯୋଜନା , ସମରଶିକ୍ଷାର୍ଥି ବାହିନୀ, ଯୁବରେଡ଼କ୍ରସ ଓ ଭାରତ ସ୍କାଉଟ ଏଣ୍ଡ ଗାଇଡ଼ର ଛାତ୍ର ଛାତ୍ରୀ ମାନେ ମିଳିମିଶି ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

## ଗୋଚର ଜାଗାରେ ସରକାରୀ ପ୍ରକଳ୍ପ ବନ୍ଦ ଓ ଜବର ଦଖଲ ଉଚ୍ଛେଦ ଦାବି

ବାଲିଆପାଳ , ୧୨/୮ (ନି.ପ୍ର): ସରକାରୀ ଜାଗାରୁ ଜବର ଦଖଲ ଉଚ୍ଛେଦ ପାଇଁ ସରକାର ତତ୍ପର ଥିବା ବେଳେ ବାଲିଆପାଳ ତହସିଲ ଅଞ୍ଚଳରେ ତାହା ସମ୍ପୂର୍ଣ ଭିନ୍ନ ଦେଖିବାକୁ ମିଳୁଛି । ବାଲିଆପାଳ ତହସିଲ ଅନ୍ତର୍ଗତ ଜମ୍ବୀରାଇ ପଞ୍ଚାୟତ ଗୋଶାଳା ପଡ଼ିଆରେ ଦିନକୁ ଦିନ ଜବର ଦଖଲ କାରି ବୃଦ୍ଧି ହେବା ସହିତ ସରକାରୀ ପ୍ରକଳ୍ପ ହେବା ଯୋଗୁ ଜନ ଅସନ୍ତୋଷ ଦେଖା ଦେଇଛି । ଏ ବାବଦରେ ଗ୍ରାମବାସୀ ମାନେ ତହସିଲଦାରଙ୍କଠାରେ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗ ଅନୁଯାୟୀ ଜମ୍ବୀରାଇ ଗୋଶାଳା ପଡିଆ ନିକଟରେ ଗୋରୁ ଗାଈ ଚରିବା ପାଇଁ ବିସ୍ତୀର୍ଣ୍ଣ ଗୋଚୋର ଅଛି । ୧୯୯୭ ମସିହା ମହାବାତ୍ୟା ପରେ ଗୋଧନ ସୁରକ୍ଷା ପାଇଁ ଏଠାରେ ସରକାର ଏକ ଗୋଶାଳା ନିର୍ମାଣ କରିଥିଲେ ।



ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଗ୍ରାମର ଲୋକ ମାନେ ଗୋଧନକୁ ଏଠାରେ ସୁରକ୍ଷିତ ଭାବେ ରଖୁ ଥିଲେ । ପ୍ରତିବର୍ଷ ଏଠାରେ ଗୋମାତାଙ୍କ ଉଦେଶ୍ୟରେ ପୂଜା ଅର୍ଚନା ବହୁ ଧୂମ ଧାମ ରେ ପାଳନ କରାଯାଏ । କିନ୍ତୁ କିଛି ବର୍ଷ ଧରି କିଛି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀର ଲୋକମାନେ ଧିରେ ଧିରେ ଏହି ଜାଗାକୁ ଜବର ଦଖଲ କରିବା ରେ ଲାଗିଛନ୍ତି । ପୁଣି କିଛି ଲୋକ ସେଠାରେ ସରକାରୀ ପ୍ରକଳ୍ପ ତିଆରି କରି ଜାଗା ନଷ୍ଟ କରିବାର ମସୁଧା ଚଳାଇଛନ୍ତି । ପୂର୍ବରୁ ଏଠାରେ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଏକ ଗୃହ ନିର୍ମାଣ ହୋଇଥିଲା । ପୁଣି କିଛି ଲୋକ ଏଠାରେ ମନ୍ଦିର ନିର୍ମାଣ କରିବା ପାଇଁ ପ୍ରସ୍ତୁତି କରିଥିବା ବେଳେ, ରାତି ଅଧିଆ ଶ୍ମଶାନ ଘର ନିର୍ମାଣ କରିବାରେ ବ୍ୟସ୍ତ ହୋଇ ପଡିଛନ୍ତି । ତେବେ କର୍ତ୍ତୃପକ୍ଷ ଏ ବାବଦରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ନଚେତ୍ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଲକ୍ଷ୍ମୀଧର ଜେନା, ପ୍ରଦୀପ କୁମାର ସାମଲ, ବସୁମତୀ ପ୍ରଧାନ, କାହ୍ନୁ ଚରଣ ପ୍ରଧାନ,ଗଣେଶ ଚନ୍ଦ୍ର ବର,ଜୟକୃଷ୍ଣ ଗଙ୍ଗାଇ, ସୁବଳ ଚନ୍ଦ୍ର ସାମଲ ପ୍ରମୁଖ ଚେତାବନୀ ଦେଇଛନ୍ତି ।




❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida